

୪୩୬ ନୂଆ ପ୍ରକଳ୍ପର ଘୋଷଣା | ପୃଷ୍ଠା ୫


# ସଁଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 77 ଭାଗ ୩୪ | ସଂଖ୍ୟା ୭୭ | Monday 8 June 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର, ୮ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




# ଗୋଠପାଟଣାରେ ମଲ୍ଟି ପର୍ପୋଜ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ

ଭୁବନେଶ୍ୱର,୭।୬(ସଂଚାର ବ୍ୟୁରୋ): କ୍ରୀଡ଼ା କେବଳ ମେଡାଲ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଓ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ 'ଚିନ୍ତନ ଶିବିର'ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି।

ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡ୍‌ମ୍ୟାପ୍ ଓ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲିଠାରୁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସ୍ପୋର୍ଟ୍ସ ଇଭେଣ୍ଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଆଗାମୀ ୨୦୨୮ରେ ଓଡ଼ିଶାରେ ବିଶ୍ୱ ଆଥଲେଟିକ୍ସ ଓ ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଆୟୋଜିତ ହେବାକୁ ଯାଉଛି। ଗତବର୍ଷ ସଫଳତାର ସହ 'ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ' ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ଚଳିତ ବର୍ଷ ଏହାର ସିଲଭର୍ ସ୍ତରୀୟ ପ୍ରତିଯୋଗିତା ମଧ୍ୟ ରାଜ୍ୟରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋଠପାଟଣାଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲ୍ଟି ପର୍ପୋଜ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି। କ୍ରୀଡ଼ାର ବିକାଶ ନ ହେଲେ ଯୁବ ପ୍ରତିଭାର ବିକାଶ ଅସମ୍ଭବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ବ୍ଲକ ସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିଅମ ନିର୍ମାଣ କରାଯାଉଛି। ଏଥିସହ 'ମୁଖ୍ୟମନ୍ତ୍ରୀ ଟ୍ରଫି' ଜରିଆରେ ଗ୍ରାମାଞ୍ଚଳର ଉଦୀୟମାନ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର 'ଗ୍ରୋଥ୍ ଇଞ୍ଜିନ' ହେବା ଲକ୍ଷ୍ୟରେ କ୍ରୀଡ଼ା କ୍ଷେତ୍ରର ଏକ ବଡ଼ ଭୂମିକା ରହିବ। ଆଗାମୀ ଦିନରେ ଓଡ଼ିଶା କେବଳ ଏକ ➪ ପୃଷ୍ଠା-୬

### ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ଚିନ୍ତନ ଶିବିର

- ବୈପ୍ଳବିକ ପରିବର୍ତ୍ତନ ପାଇଁ ହେବ ରୋଡମ୍ୟାପ୍
- ପ୍ରତି ବ୍ଲକରେ ତିଆରି ହେବ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିୟମ
- 'ମୁଖ୍ୟମନ୍ତ୍ରୀ ଟ୍ରଫି' ଜରିଆରେ ଗ୍ରାମାଞ୍ଚଳରୁ ବଛାଯିବେ ପ୍ରତିଭା
- ଚଳିତ ବର୍ଷ ଓଡ଼ିଶାରେ ବିଶ୍ୱ ଆଥ୍‌ଲେଟିକ୍ସ ପ୍ରତିଯୋଗିତା
- ବିଶ୍ୱ ଚାମ୍ପିଅନ୍ ତାଲିକାରେ ଶୀର୍ଷରେ ରହିବେ ଓଡ଼ିଶା କ୍ରୀଡ଼ାବିତ୍

# ବଜ୍ରପାତରେ ୩ ଜୀବନ ସ୍ୱାହା

## ମା' ଆଗରେ ଚାଲିଗଲା ନାବାଳକ ପ୍ରାଣ



ଭଦ୍ରକ,୭।୬(ସଂଚାର ବ୍ୟୁରୋ): କାଳ ବୈଶାଖୀରେ ପ୍ରବଳ ଘଡ଼ଘଡ଼ି ଓ ବଜ୍ରପାତରେ ରାଜ୍ୟରେ ଆଜି ବିଭିନ୍ନ ସ୍ଥାନରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତେବେ ଭଦ୍ରକରେ ମା'ଙ୍କ ଆଗରେ ପୁଅର ଜୀବନ ଚାଲିଯିବା ଭଳି ଏକ ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ବର୍ଷାରେ ଗୁହାଳ ଘରେ ମା' ଗାଈଗୋରୁଙ୍କୁ ବାନ୍ଧୁଥିଲା। ଆଉ ଗୁହାଳ ଘରୁ ମା'କୁ ଆଣିବାକୁ ୧୦ ବର୍ଷର ପୁଅ ଛତା ନେଇ ଯାଉଥିଲା। ହେଲେ ସେହି ସମୟରେ ବଜ୍ରପାତ ଘଟିବାରୁ ମା' ଆଖି ଆଗରେ ଚାଲିଗଲା ପୁଅର ଜୀବନ। ଏଭଳି ଅଘଟଣ ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତ ସାମଲ ସାହିରେ। ଆଜି ଅପରାହ୍ଣରେ କାଳବୈଶାଖୀ ବର୍ଷା ହୋଇଥିଲେ। ସେହି ସମୟରେ ସୁବାସ ସାହୁଙ୍କ ପତ୍ନୀ ଗୁହାଳ ଘରୁ ଫେରି ପାରି ନ ଥିଲେ। ଫଳରେ ମା' ପୁଷ୍ପଲତାଙ୍କୁ ଆଣିବା ପାଇଁ ୧୦ ବର୍ଷର ପୁଅ ଛତା ନେଇ ଗୁହାଳ ଘର ଆଡ଼କୁ ଯାଉଥିଲା। ସେହି ସମୟରେ ବଜ୍ରପାତ ହେବାରୁ ସେଠାରେ ଟଳି ପଡ଼ିଥିଲା ନାବାଳକ। ସଙ୍ଗେ ସଙ୍ଗେ ପରିବାର ଲୋକ ନାବାଳକଙ୍କୁ ଭଦ୍ରକ ଜିଲ୍ଲା ହସ୍ପିଟାଲ୍ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେପଟେ ମୟୂରଭଞ୍ଜ ଜିଲ୍ଲା ସାରସକଣାରେ ବଜ୍ରାଘାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ମଧ୍ୟ ଆହତ ହୋଇଛନ୍ତି। ବଜ୍ରପାତରେ ଶଙ୍ଖାଭଙ୍ଗା ଗାଁର କସ୍ତୁରୀମଣି ସିଂଙ୍କ ମୃତ୍ୟୁ ହୋଇଛି। ଦରଖୁଳି ଗାଁର ଗୁରୁବାରୀ ମାହାଲି ଓ ସନିଆ ମାହାଲି ଆହତ ହୋଇଛନ୍ତି। ଅପରାହ୍ଣରେ ଘରେ ଥିବା ସମୟରେ ବଜ୍ରପାତ ହୋଇଥିଲା। ୩ ଜଣଯାକ ଗୁରୁତର ହୋଇ ପଡ଼ିଥିଲେ। ସେମାନଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିବା ବେଳେ ଡାକ୍ତର କସ୍ତୁରୀମଣିଙ୍କୁ ମୃତ ଘୋଷଣା କରିଥିଲେ। ଯାଜପୁର ଜିଲ୍ଲା ଧର୍ମଶାଳାରେ ମଧ୍ୟ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ଧର୍ମଶାଳା ବ୍ଲକ୍ ପାଟପୁର ପଞ୍ଚାୟତ ଗୁଣ୍ଡିଲୋ ଗାଁରେ ଆଖି ବୁଜିଛନ୍ତି ଚାଷୀ ସଂଗ୍ରାମ ନାୟକ। ବିଲକୁ ଟ୍ରାକ୍ଟର ନେଇ ହଳ କରିବାକୁ ଯାଇଥିବା ସମୟରେ ବଜ୍ରପାତ ହୋଇଥିଲା।

### କାଳବୈଶାଖୀରେ ଯୁବକଙ୍କ ମୃତ୍ୟୁ

#### ୨ ଛାତ୍ର ଗୁରୁତର

ଭୁବନେଶ୍ୱର: ଶନିବାର ଅପରାହ୍ଣରେ ଅନାଚକ ମାଡ଼ି ଆସିଥିବା ଭୟଙ୍କର କାଳବୈଶାଖୀ ଝଡ଼ ରାଜଧାନୀକୁ ଅସ୍ତବ୍ୟସ୍ତ କରିପକାଇଛି। ବଡ଼ ବଡ଼ ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବା ବେଳେ ସମଗ୍ର ରାଜଧାନୀରେ ବିପୁଳ କ୍ଷୟକ୍ଷତି ଘଟିଛି। ତେବେ ଏହି କାଳବୈଶାଖୀରେ ଜଣେ ଯୁବକଙ୍କ ଜୀବନ ଯାଇଥିବା ବେଳେ ଦୁଇ ଜଣ ଛାତ୍ର ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକ କନ୍ଧମାଳ ଜିଲ୍ଲା ରାଇକିଆର ୩୩ ବର୍ଷ ବୟସ୍କ ସାଗର ଦିଗାଲ ବୋଲି ଚିହ୍ନଟ କରାଯାଇଛି।ପ୍ରାପ୍ତ ବିବରଣୀ ଅନୁସାରେ, ସାଗର କାମ ସାରି ଖାଇବାକୁ ଫେରୁଥିବା ବେଳେ ଭୟଙ୍କର କାଳବୈଶାଖୀ ଝଡ଼ ଓ ବର୍ଷା ଆରମ୍ଭ ହୋଇଯାଇଥିଲା। ଝଡ଼ରୁ ନିଜକୁ ବଞ୍ଚାଇବାକୁ ଯାଇ ସେ ଗୋଟିଏ ଗଛ ତଳେ ଆଶ୍ରୟ ନେଇଥିଲେ। ମାତ୍ର ପ୍ରଚଣ୍ଡ ପବନ ମାଡ଼ରେ ଗଛର ଡାଳ ଭାଙ୍ଗି ବିଦ୍ୟୁତ ଖୁଣ୍ଟି ଉପରେ ପଡ଼ିଥିଲା। ଫଳରେ ବିଦ୍ୟୁତ ତାର ଛିଣ୍ଡି ସାଗରଙ୍କ ଉପରେ ଖସି ପଡ଼ିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ସାଗର ପରିବାରକୁ ସ୍ତବ୍ଧ ➪ ପୃଷ୍ଠା-୬

■ ସୀମା ସୁରକ୍ଷା କ୍ଷେତ୍ରରେ ବଡ଼ ପଦକ୍ଷେପ

# ଆରମ୍ଭ ହେବ ପୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍



ନୂଆଦିଲ୍ଲୀ,୭।୬: ସୀମା ସୁରକ୍ଷା ଦିଗରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଆସନ୍ତା ମଙ୍ଗଳବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦିଲ୍ଲୀରେ ଲ୍ୟାଣ୍ଡ ପୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଏଲପିଏମଏସ)ର ଶୁଭାରମ୍ଭ କରିବେ। ଏହା ସ୍ମାର୍ଟ ସୀମା ପରିଚାଳନା ପ୍ରତି କେନ୍ଦ୍ର ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଏହାର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସୀମାପାର ବାଣିଜ୍ୟ ଏବଂ ଯାତ୍ରୀ ପରିବହନକୁ ଅଧିକ ଦକ୍ଷ, ସ୍ୱଚ୍ଛ ଏବଂ ସୁରକ୍ଷିତ କରିବା।

### ଯାତ୍ରୀ ସେବା ସହ ଲଜିଷ୍ଟିକ୍ସର ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ

ଏଲପିଏମଏସର ଶୁଭାରମ୍ଭ ଭାରତ ପାଇଁ ଏକ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ସକ୍ଷମ ସ୍ମାର୍ଟ ସୀମା ପରିଚାଳନା ବ୍ୟବସ୍ଥା ଦିଗରେ ଏକ ଐତିହାସିକ ପଦକ୍ଷେପ ହେବ। ଏହା ବାଣିଜ୍ୟ ପ୍ରୋତ୍ସାହନ, ସଂଯୋଗୀକରଣ ଓ ଜାତୀୟ ସୁରକ୍ଷା ପ୍ରତି ଦେଶର ରଣନୈତିକ ଗୁରୁତ୍ୱ ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ପ୍ରତିଫଳିତ କରୁଛି। ଏଲପିଏମଏସ ହେଉଛି ଏକ ଅତ୍ୟାଧୁନିକ ଡିଜିଟାଲ୍ ପ୍ଲାଟଫର୍ମ ଯାହା ସ୍ଥଳ ବନ୍ଦରଗୁଡ଼ିକର ସମସ୍ତ କାର୍ଯ୍ୟକୁ ଗୋଟିଏ ସମନ୍ୱିତ ସିଷ୍ଟମରେ ଏକୀକୃତ କରିଥାଏ। ଏହା ଲଜିଷ୍ଟିକ୍ସ ଓ ନିୟାମକ ସୂଚନାର ସୁରକ୍ଷିତ, ବାସ୍ତବ ସମୟ ଆଦାନପ୍ରଦାନକୁ ସକ୍ଷମ କରିଥାଏ। ଏହା ସ୍ଥଳ ବନ୍ଦରଗୁଡ଼ିକୁ ବିମାନବନ୍ଦର ଏବଂ ସାମୁଦ୍ରିକ ବନ୍ଦରରେ କାର୍ଯ୍ୟ କରୁଥିବା ଡିଜିଟାଲ୍ ସିଷ୍ଟମ ସମକକ୍ଷ କରିଥାଏ।

ଏକ ନିରପେକ୍ଷ ଓ ମୁକ୍ତ ପ୍ଲାଟଫର୍ମ ଭାବେ ଏଲପିଏମଏସ ବିଭିନ୍ନ ଅଂଶୀଦାର, ଯେପରିକି ସରକାରୀ ଏଜେନ୍ସି ଓ ଘରୋଇ ଅପରେଟରମାନଙ୍କ ମଧ୍ୟରେ ନିର୍ବିଘ୍ନ ସମନ୍ୱୟକୁ ସହଜ କରିବ। ଏହାଦ୍ୱାରା ବିଳମ୍ବ ➪ ପୃଷ୍ଠା-୬

### ବେଆଇନ୍ ପଥର ଖଣିରେ ବ୍ଲାଷ୍ଟିଂ

# ଶ୍ରମିକ ମୃତ, ୭ ଆହତ



ଢେଙ୍କାନାଳ,୭।୬(ସଂଚାର ବ୍ୟୁରୋ): ବେଆଇନ ପଥର ଖଣିରେ ବ୍ଲାଷ୍ଟିଂ ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଆହତ ଆହତ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ବ୍ଲକ୍‌ର କଷ୍ଟିପାଳ ଗାଁରେ ଥିବା ଜଗବନ୍ଧୁ ଷ୍ଟୋନ୍ କ୍ରସର୍ ଖଣିରେ ବ୍ଲାଷ୍ଟିଂ ବେଳେ ଏପରି ଅଘଟଣ ଘଟିଛି। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତାହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲ୍‌ରେ ପହଞ୍ଚାଇଛି। ତେବେ ପରେ ସମସ୍ତ ଆହତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଆଜି ସନ୍ଧ୍ୟା ସମୟରେ ବ୍ଲାଷ୍ଟିଂ କରାଯାଉଥିବା ବେଳେ ସେଠାରେ କାର୍ଯ୍ୟରତ ଶ୍ରମିକମାନେ ଏଥିରେ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କ ପରିଚୟ ମିଳିପାରିନଥିବା ବେଳେ ଆହତମାନଙ୍କର ମଧ୍ୟ ପରିଚୟ ମିଳିପାରିନାହିଁ। କିନ୍ତୁ ବ୍ଲାଷ୍ଟିଂ ସମୟରେ ଆବଶ୍ୟକ ଏସ୍‌ଓପି ଅନୁସରଣ କରାଯାଇନଥିବାରୁ ଏପରି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ଏଥିସହ ପଥର ଖଣିରେ ବ୍ଲାଷ୍ଟିଂ ବେଳେ ଅନୁମୋଦିତ ଅଞ୍ଚଳଠାରୁ ଅଧିକ ଅଞ୍ଚଳରେ ଖନନ ଚାଲିଥିବା କୁହାଯାଇଛି। ତେବେ ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଖବର ପାଇ ପୁଲିସ୍ ସହ ଗଁଦିଆ ଓ ଭୁବନ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ମୃତଦେହ ମିଳିବା ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ବାପା

#### ସନ୍ଦେହରେ ସିସିଟିଭି ମରାମତି ଓ ପରିବର୍ତ୍ତନ

କେନ୍ଦ୍ରାପଡ଼ା,୭।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା ଏବେ ନୂଆ ମୋଡ଼ ନେଇଛି। ପୁଅକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତଣ୍ଟିଚିପି ହତ୍ୟା ପରେ ଝୁଲାଇ ଦିଆଯାଇଛି ବୋଲି ଶ୍ରୀଚନ୍ଦନ ଦାସଙ୍କ ବାପା ଅଭିଯୋଗ କରିଛନ୍ତି। ଆଜି ଶ୍ରୀଚନ୍ଦନଙ୍କ ବାପାଙ୍କ ଅଭିଯୋଗ ପରେ ପୂରା ଘଟଣା ନୂଆ ମୋଡ଼ ନେଇଛି। ସେପଟେ ଏପରି ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ସିସିଟିଭିର ମରାମତି ଓ ପରିବର୍ତ୍ତନ ପୂରା ଘଟଣାକୁ ଗୋଳମାଳିଆ କରିଦେଇଛି। ପୁଅର ମୃତ୍ୟୁ ପଛର ପ୍ରକୃତ କାରଣ ସାମ୍ନାକୁ ଆସିବ ନାହିଁ ବୋଲି ➪ ପୃଷ୍ଠା-୬

# ଦିଲ୍ଲୀରେ ପୁଣି ଅଗ୍ନିକାଣ୍ଡ

### ୮ ଜଣଙ୍କୁ ଉଦ୍ଧାର, ୨ କୁକୁର ଜଳିଗଲେ

ନୂଆଦିଲ୍ଲୀ,୭।୬: ମାଲବ୍ୟନଗର ଫ୍ଲୋରିସ ଷ୍ଟେ' ହୋଟେଲ ଅଗ୍ନିକାଣ୍ଡ ଘଟଣା ମନରୁ ଲିଭି ନଥିବାବେଳେ ରବିବାର ଅପରାହ୍ଣରେ ଦକ୍ଷିଣ ଦିଲ୍ଲୀର ନ୍ୟୁ ଫେଣ୍ଡସ୍ କଲୋନି (ଏନ୍‌ଏଫ୍‌ସି)ରେ ଥିବା ଏକ ଆବାସିକ କୋଠାରେ ଅଗ୍ନିକାଣ୍ଡ ଘଟିଛି। ତେବେ ଠିକଣା ସମୟରେ ଅଗ୍ନିଶମ ସେବାସଂସ୍ଥାର କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବାରୁ ଏକ ବଡ଼ଧରଣରୁ ମାନବୀୟ ବିପର୍ଯ୍ୟୟକୁ ଟାଳି ଦିଆଯାଇଛି। ଉଦ୍ଧାରକାରୀମାନେ ଘର ଭିତରୁ ଚାରିଜଣ ଶିଶୁ, ଦୁଇଜଣ ମହିଳା ଓ ଦୁଇଜଣ ପୁରୁଷ ସମେତ ମୋଟ୍ ୮ ଜଣଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ତେବେ ଏହି ଅଗ୍ନିକାଣ୍ଡରେ ଦୁଇଟି ପୋଷା କୁକୁର ପୋଡ଼ି ମରିଥିବା ଜଣା ପଡ଼ିଛି। ବିଲ୍ଡିଂର ପ୍ରଥମ ମହଲାରେ ଏସିରୁ ନିଆଁ ଲାଗିଥିବା ଦିଲ୍ଲୀ ଅଗ୍ନିଶମ ବିଭାଗର ଅଧିକାରୀମାନେ କହିଛନ୍ତି। ଏହି ଘଟଣାରେ ଜଣେ ଶିଶୁ ପୋଡ଼ିଯାଇ ମୃତ୍ୟୁବରଣ କରିଛି ବୋଲି ହେଉଥିବା ଚର୍ଚ୍ଚାକୁ ବିଭାଗ ଖଣ୍ଡନ କରିଛି।

# ଦିନକରେ ୭୧ ଇବୋଲା ସଂକ୍ରମିତ ଚିହ୍ନଟ

କିନସାସା,୭।୬: ଆଫ୍ରିକୀୟ କଙ୍ଗୋ ଗଣରାଜ୍ୟ (ଡିଆରସି)ରେ ବ୍ୟାପିଥିବା ଇବୋଲା ପ୍ରାଦୁର୍ଭାବ ଅଧିକ ଖରାପ ଅବସ୍ଥାକୁ ଗତି କରିଛି। ଗୋଟିଏ ଦିନରେ ୭୧ ଜଣଙ୍କଠାରେ ଇବୋଲା ସଂକ୍ରମଣ ଚିହ୍ନଟ କରାଯିବା ପରେ ସ୍ଥାନୀୟ କର୍ତ୍ତୃପକ୍ଷ ଏହା ପ୍ରକାଶ କରିଛନ୍ତି। ମେ' ମାସରେ ଇବୋଲାର ବିରଳ ବୁଣ୍ଡିବୁଗ୍ୟୋ ଷ୍ଟ୍ରେନ୍ ଘୋଷଣା ହେବା ପରଠାରୁ ଏ ପର୍ଯ୍ୟନ୍ତ ୪୫୨ ଜଣ ସଂକ୍ରମିତ ହୋଇଥିବା ବେଳେ ୮୨ ଜଣଙ୍କର ମୃତ୍ୟୁ ଘଟିଛି। କଂଗୋର ସଂଘର୍ଷ ପ୍ରପୀଡ଼ିତ ଇତୁରି ପ୍ରଦେଶରେ ଦୁର୍ବଳ ସ୍ୱାସ୍ଥ୍ୟ ଭିତ୍ତିଭୂମି ହେତୁ ସର୍ବାଧିକ ମୃତ୍ୟୁ ରେକର୍ଡ କରାଯାଇଛି। ଦ୍ରୁତ ଗୋଷ୍ଠୀ ସଂକ୍ରମଣ ଯୋଗୁ ଭାଇରସ୍ ପୂର୍ବ କଙ୍ଗୋ ବହୁ ସ୍ୱାସ୍ଥ୍ୟ କ୍ଷେତ୍ରକୁ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ଅଧିକାରୀମାନେ ସତର୍କ କରାଇ ଦେଇଛନ୍ତି।

# କାଳବୈଶାଖୀ ଖୋଲିଦେଲା ଶକ୍ତି ବିଭାଗର ଅସଲ ମୁଖା

- ରାଜଧାନୀରେ ୧୫ ଘଣ୍ଟା ବିଜୁଳି ଗାଏବ୍
- ଗାଁଗହଳରେ ସ୍ଥିତି ଅସମ୍ଭାଳ



ଭୁବନେଶ୍ୱର,୭।୬(ସଂଚାର ବ୍ୟୁରୋ): ଦୁଇ ଘଣ୍ଟାର କାଳବୈଶାଖୀ ଖୋଦ୍ ରାଜଧାନୀରେ ଶକ୍ତି ବିଭାଗର ମୁଖା ଖୋଲି ଦେଇଛି। ସହରର ଅଳ୍ପ କେତେକ ଅଞ୍ଚଳରେ ପବନ ଓ ବର୍ଷାରେ କଟିଥିବା ବିଦ୍ୟୁତ୍ ପୁନଃ ଯୋଗାଣ ପାଇଁ ଶକ୍ତି ବିଭାଗକୁ ୧୫ ଘଣ୍ଟାରୁ ଅଧିକ ସମୟ ଲାଗିଯାଇଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଅଗ୍ନିଶମ ବାହିନୀର ସହଯୋଗ ସତ୍ତ୍ୱେ ଲୋକଙ୍କୁ ବିଜୁଳି ଯୋଗାଣରେ ଏଭଳି ବିଳମ୍ବ ଏବେ ଶକ୍ତି ବିଭାଗକୁ ଏକ ପ୍ରକାର କାଠଗଡ଼ାରେ ଛିଡ଼ା କରାଇଛି।

ବିଜୁଳି ଯୋଗାଣରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସରକାର ବାରମ୍ବାର କହୁଥିବା ବେଳେ ଶକ୍ତି ବିଭାଗର ସବୁବେଳେ ପ୍ରସ୍ତୁତ ଥିବା କହୁଛି। ହେଲେ ଶନିବାର ଅପରାହ୍ଣରେ ରାଜଧାନୀର ନୟାପଲ୍ଲୀ, ଆଇଆରସି, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ଚନ୍ଦ୍ରଶେଖରପୁର ଆଦି କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କାଳବୈଶାଖୀ ପବନ ସହ ବର୍ଷା ହୋଇଥିଲା। ଜୋରଦାର ପବନ ବହିବା ସହ ବର୍ଷା ଓ ➪ ପୃଷ୍ଠା-୬

### ଦୁର୍ନୀତିଖୋର୍‌ଙ୍କ ବିରୋଧରେ ମୋହନ ସରକାର କଠୋର

# ଦୁଇ ବର୍ଷରେ ରେକର୍ଡ ଅର୍ଥ ଜବତ




#### ଜୋର୍‌ଦାର ହୋଇଛି ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର,୭।୬(ସଂଚାର ବ୍ୟୁରୋ): ମୋହନ ସରକାର କ୍ଷମତାକୁ ଆସିବା ପରେ ଗୋଟିଏ ପରେ ଗୋଟିଏ ଦୁର୍ନୀତି ପଦାକୁ ଆସୁଛି। ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ବେଳେ ଭିଜିଲାନ୍ସ ବିଭାଗ ଅଧିକ ତତ୍ପର ହୋଇଛି ଓ ଗତ ଦୁଇ ବର୍ଷ ମଧ୍ୟରେ ରେକର୍ଡ ଅର୍ଥ ଜବତ କରାଯାଇଛି। ଗତକାଲି ବାଲିଗୁଡ଼ା ଆଇଟିଡିଏର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ (ଏଇଇ)ଙ୍କ ସହ ଜଡ଼ିତ ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିବା ବେଳେ ତାଙ୍କ ଲକର୍‌ରୁ ଆଖି ଖୋସି ହୋଇଯିବା ପରି ଟଙ୍କା ବଣ୍ଡଲ୍ ବାହାରିଥିଲା। ତାଙ୍କ ଘରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହେବା ସହ କୋଟି କୋଟି ଟଙ୍କାର ସୁନା ମୂର୍ତ୍ତି ଓ ଅନ୍ୟାନ୍ୟ ସୌଖୀନ ସାମଗ୍ରୀ ଜବତ ହୋଇଛି।

ତେବେ ଭିଜିଲାନ୍ସ ଗତ ଫେବୃଆରୀ ୨୪-୨୫ରେ ଏହି ତଦନ୍ତକାରୀ ସଂସ୍ଥାର ଚଢ଼ାଉ ଇତିହାସରେ ସର୍ବାଧିକ ନଗଦ ଟଙ୍କା ଜବତ କରିଥିଲା। କଟକ ମଣ୍ଡଳର ଖଣି ବିଭାଗ ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ଘର ଉପରେ ଚଢ଼ାଉ କରାଯାଇଥିବା ବେଳେ ସେଠାରୁ ଏକକାଳୀନ ୪ କୋଟି ୨୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜବତ ହୋଇଥିଲା। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବର ୩୦ ତାରିଖରେ କଟକ ଜିଲ୍ଲା ବାରଙ୍ଗ ➪ ପୃଷ୍ଠା-୬

# ଜଳିଗଲା ୧୩ ଦୋକାନ, କୋଟିଏ ପାଉଁଶ

ନୂଆଦିଲ୍ଲୀ, ୭।୬: ରବିବାର ସକାଳେ ଜାମ୍ମୁ-କାଶ୍ମୀରର ପୁଞ୍ଛ୍ ଜିଲ୍ଲାରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୩ଟି ଦୋକାନ ଜଳିଯାଇଛି। ଅଗ୍ନିକାଣ୍ଡରେ କୋଟିକୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଉଛି। ଭୋରୁ ପ୍ରାୟ ୫ଟା ବେଳେ ମୁଗଲ ରୋଡ଼ରେ ଥିବା ବୁଫ୍ଲିଆଜ୍ ସେଣ୍ଟ୍ରାଲ ମାର୍କେଟରେ ଅଗ୍ନିକାଣ୍ଡ ଘଟିଥିଲା। ପରେ ପରେ କାଠ ଓ ଟିଣ ଛାତ ନିର୍ମିତ ଦୋକାନଗୁଡ଼ିକୁ ଏହା ବ୍ୟାପୀ ଯାଇଥିବା ପିଟିଆଇ ପ୍ରକାଶ କରିଛି। ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗ ଆସି ପହଞ୍ଚିବା ଆଗରୁ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ସେନା ଓ ସିଆରପିଏଫ୍ କର୍ମୀମାନେ ନିଆଁଲିଭା କାମ ଆରମ୍ଭ କରିଦେଇଥିଲେ। ୩୦ ମିନିଟ୍ ଭିତରେ ନିଆଁକୁ ନିୟନ୍ତ୍ରଣ କରିନିଆଯାଇଥିବା ବେଳେ ଏଥିରେ କେହି ମୃତାହତ ହୋଇ ନଥିବା ଜଣାପଡ଼ିଛି।



### କାନ ଡେରିଥା

ଅଦିନ ଅକାଳେ ଝାଡୁ ଧରି ନେତା
ସଫେଇ କରି ଚାଲନ୍ତି
ଟିଭି ମିଡିଆରେ ଭାଇରାଲ ପାଇଁ
ହାତରେ ଝାଡୁ ଧରନ୍ତି
ଏହାକୁ ସ୍ୱଚ୍ଛ କୁହନ୍ତି...
ସ୍ୱଚ୍ଛତା ଶବ୍ଦଟା ଶୁଣିବା ପାଇଁକି
ଜନତା ଟିଭି ଦେଖନ୍ତି ।

▌ଦେବାଶିଷ

# ଇସ୍ତଫା ଦାବି ରାଜନୈତିକ ଅସହିଷ୍ଣୁତାର ପ୍ରତିଫଳନ!



ଭୁବନେଶ୍ୱର,୭।୬(ସଂଚାର ବ୍ୟୁରୋ): ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ସାରା ଦେଶରେ ଏବେ ହଇଚଇ ସୃଷ୍ଟି ହୋଇଛି। ସବୁ ଆଡୁ ଏକ ସ୍ୱରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ଜୋର ଧରିଛି। ଏପରିକି ସୋସିଆଲ ମିଡିଆରେ ଜନ୍ମ ନେଇଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି) ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି ନେଇ ଦିଲ୍ଲୀରେ ବିକ୍ଷୋଭ କରିଛି। ତେବେ ଏସବୁ ଘଟଣାକ୍ରମକୁ ଅନୁଶୀଳନ କଲେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ କେଉଁଠି ନା କେଉଁଠି ଧର୍ମେନ୍ଦ୍ରଙ୍କ ବିରୋଧରେ ଏକ ଶକ୍ତିଶାଳି ଲବି ବେଶ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ସମସ୍ତଙ୍କ ଦାବି ମଧ୍ୟ ଏକ, ମନ୍ତ୍ରିମଣ୍ଡଳରୁ ଇସ୍ତଫା।

ଧର୍ମେନ୍ଦ୍ର ଇସ୍ତଫା ଦେବେ କି ନ ଦେବେ, ତାହା ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାଧୀନ ବ୍ୟାପାର। ଏଥିରେ କାହାର କିଛି କରିବାର ନାହିଁ। ସେ ପ୍ରସଙ୍ଗରେ ମଧ୍ୟ ଅଯଥା ଚର୍ଚ୍ଚା କରିବାକୁ ପସନ୍ଦ କରୁନାହାଁନ୍ତି ଶିକ୍ଷାବିତ। କିଛି ପ୍ରତିଷ୍ଠିତ ଶିକ୍ଷାବିତଙ୍କ ଯୁକ୍ତି ହେଉଛି, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ହେଉଛି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧିନରେ ଏକ ସ୍ୱୟଂଶାସିତ ସ୍ୱାଧୀନ ସଂସ୍ଥା। ୨୦୧୭ ଡିସେମ୍ବରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ୨୦୧୮ରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ବର୍ତ୍ତମାନର ଶିକ୍ଷା ମନ୍ତ୍ରଣାଳୟ)ର ଅନୁମୋଦନ କ୍ରମେ ୨୦୧୯ରୁ ନିଟ-ୟୁଜି ପରୀକ୍ଷା ପରିଚାଳନା କରୁଛି। ଓଡ଼ିଶାରେ ବିଏସସି ଓ ସିଏଚଏସଇ ଭଳି ଏନଟିଏ ମଧ୍ୟ ଏକ ସ୍ୱୟଂଶାସିତ ସଂସ୍ଥା। ରାଜ୍ୟରେ ଯେପରି ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ ଦଶମ ବୋର୍ଡ ପରୀକ୍ଷା ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ଯୁକ୍ତ ଦୁଇ ପରୀକ୍ଷା ପରିଚାଳନା କରିଥାଏ, ଏନଟିଏ ସେହିଭଳି ନିଟ-ୟୁଜି ପରୀକ୍ଷା କରାଇଥାଏ। ଏଥିପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଖାତାଦେଖା ଓ ରେଜଲ୍ଟ ପ୍ରକାଶନ ଏନଟିଏର ଦାୟିତ୍ୱ। ଏଥିରେ ବିଭାଗ କିମ୍ବା ବିଭାଗୀୟ ମନ୍ତ୍ରୀ କି ଅଧିକାରୀଙ୍କ ଭୂମିକା ନ ଥାଏ। ତେବେ ରାଜନୈତିକ ବ୍ୟବସ୍ଥାରେ ମନ୍ତ୍ରଣାଳୟ ଅଧିନରେ ଥିବା ସ୍ୱୟଂଶାସିତ ସଂସ୍ଥାର ତ୍ରୁଟି ଘରର ମୁରବୀ ଭାବେ ମନ୍ତ୍ରୀଙ୍କ ମୁଣ୍ଡରେ ପଡ଼ିବା ସ୍ୱାଭାବିକ।

ନିଟ ପ୍ରଶ୍ନପତ୍ର ବିଭ୍ରାଟ ହେଉ କି ସିବିଏସଇ ଅନଲାଇନ ମାର୍କିଂ ବିବାଦ, ଏଭିତରେ ଧର୍ମେନ୍ଦ୍ରଙ୍କ ବିରୋଧରେ ସୋସିଆଲ ମିଡିଆରେ ଚିତ୍ରଣ କରାଯାଇଥିବା ସବୁ ଦୁର୍ନୀତି ଅଭିଯୋଗ ଭୁଲ ପ୍ରମାଣିତ ହୋଇଛି। ଆମେରିକାରେ ଘର ହେଉ କି ଜଣେ ମହିଳାଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ଫଟୋ ବିବାଦ, ସବୁକିଛି ସୋସିଆଲ ମିଡିଆ ଟୁଲକିଟର କ୍ରିଏସନ ବୋଲି ଧରାପଡ଼ିଛି। ହେଲେ କିଛି ନିର୍ଦ୍ଦିଷ୍ଟ ମାଧ୍ୟମ ଓ ରାଜନୈତିକ ଦଳ ➪ ପୃଷ୍ଠା-୬

sanchar.live
ସମ୍ପାଦକୀୟ
SANCHAR
ସଂଚାର
୪
ସୋମବାର ୮ ଜୁନ୍ ୨୦୨୬, ଭୁବନେଶ୍ୱର
Monday 8 June 2026, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ସଙ୍କଟରେ ତୈଳ କମ୍ପାନୀ



ପଶ୍ଚିମ ଏସିଆରେ ଉତ୍ତେଜନା ଏବଂ ଇରାନ-ସମ୍ବନ୍ଧୀୟ ସଙ୍କଟ ଯୋଗୁଁ ବିଶ୍ୱ ତୈଳ ବଜାର ଅତି ମାତ୍ରାରେ ପ୍ରଭାବିତ ହୋଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଏବଂ ଉତ୍ପାଦନ ହ୍ରାସ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ଆକାଶ ଛୁଆଁ ହୋଇଛି। କିନ୍ତୁ ଏହି ସଙ୍କଟର ସବୁଠାରୁ ବଡ଼ ଶିକାର ହୋଇଛନ୍ତି ଭାରତର ତୈଳ ମାର୍କେଟିଂ କମ୍ପାନି, ଯଥା ଇଣ୍ଡିଆନ୍ ଅଏଲ୍, ଭାରତ ପେଟ୍ରୋଲିୟମ୍ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍। ଏହି କମ୍ପାନିଗୁଡ଼ିକ ଗ୍ରାହକଙ୍କୁ ସୁରକ୍ଷା ଦେବା ପାଇଁ ପେଟ୍ରୋଲ୍, ଡିଜେଲ୍ ଏବଂ ଏଲ୍ପିଜି ମୂଲ୍ୟ ସ୍ଥିର ରଖି ପ୍ରାୟ ୩୦,୦୦୦ କୋଟି ଟଙ୍କାର କ୍ଷତି ସହିଛନ୍ତି। ଏହା ଏକ ସରକାରୀ ନୀତିର ପରିଣାମ, ଯାହା ଗ୍ରାହକଙ୍କୁ ରକ୍ଷା କରୁଛି କିନ୍ତୁ କମ୍ପାନିଗୁଡ଼ିକର ଆର୍ଥିକ ସ୍ୱାସ୍ଥ୍ୟକୁ ବିପନ୍ନ କରୁଛି।

ସଙ୍କଟର ମୂଳ କାରଣ ହେଉଛି ହର୍ମୁଜ ପ୍ରଣାଳୀରେ ବିଘ୍ନ। ବିଶ୍ୱର ପ୍ରାୟ ୨୦% ତୈଳ ଏହି ପ୍ରଣାଳୀ ଦେଇ ଯାଏ। ଇରାନ ସଙ୍କଟ ଯୋଗୁଁ ଉତ୍ପାଦନ ହ୍ରାସ ପାଇଛି ଏବଂ ପରିବହନ ବ୍ୟାଘାତ ହୋଇଛି। ଫଳସ୍ୱରୂପ କ୍ରୁଡ୍ ମୂଲ୍ୟ ପ୍ରାୟ ୫୦% ବୃଦ୍ଧି ପାଇଛି। ଭାରତ ଯେପରିକି ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ, ତାହାର ଅଧିକାଂଶ ଆମଦାନୀ ପଶ୍ଚିମ ଏସିଆରୁ ଆସେ। କମ୍ପାନିଗୁଡ଼ିକ ଉଚ୍ଚ ମୂଲ୍ୟରେ କ୍ରୁଡ୍ କିଣି କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି, ଯାହା ପ୍ରତି ଲିଟର୍ରେ ପେଟ୍ରୋଲ୍ ଉପରେରୁ ୧୪ ଟଙ୍କା ଏବଂ ଡିଜେଲ୍ ଉପରେ ୧୮ରୁ ୧୦୫ ଟଙ୍କା ପର୍ଯ୍ୟନ୍ତ କ୍ଷତି ସୃଷ୍ଟି କରୁଛି। ଏହି ଅଣ୍ଡର୍ ରିକଭାରି କେବଳ କମ୍ପାନିଗୁଡ଼ିକର ଲାଭକୁ ହ୍ରାସ କରୁନାହିଁ, ବରଂ ସେମାନଙ୍କ ପୁଞ୍ଜି ଏବଂ ବିନିଯୋଗ କ୍ଷମତାକୁ ଦୁର୍ବଳ କରୁଛି।

ଏହି ନୀତିର ସୁଫଳ ହେଉଛି ଗ୍ରାହକ ସୁରକ୍ଷା। ମୂଲ୍ୟ ବୃଦ୍ଧି ହେଲେ ପରିବହନ, କୃଷି ଏବଂ ଉଦ୍ୟୋଗର ଖର୍ଚ୍ଚ ବଢ଼ି ମୂଲ୍ୟବୃଦ୍ଧି ବଢ଼ିଥାନ୍ତା। କିନ୍ତୁ ଏହାର ମୂଲ୍ୟ ମଧ୍ୟ ଅଧିକ। କମ୍ପାନିଗୁଡ଼ିକର ନଗଦ୍ ପ୍ରବାହ ହ୍ରାସ ପାଇଛି, ଋଣ ବୃଦ୍ଧି ପାଉଛି ଏବଂ ସରକାରୀ ସହାୟତା ଉପରେ ନିର୍ଭରଶୀଳତା ବଢ଼ୁଛି। ଯଦି ସଙ୍କଟ ଦୀର୍ଘସ୍ଥାୟୀ ହୁଏ, ତେବେ ମୂଲ୍ୟ ବୃଦ୍ଧି ଅନିବାର୍ଯ୍ୟ ହେବ। ଏହା ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରକୁ ପ୍ରଭାବିତ କରିବ — ଯେପରି ପରିବହନ ଖର୍ଚ୍ଚ ବୃଦ୍ଧି, ଉତ୍ପାଦନ ହ୍ରାସ ଏବଂ ଟଙ୍କାର ମୂଲ୍ୟହ୍ରାସ।

ଏହି ସଙ୍କଟ ଭାରତର ଶକ୍ତି ନିରାପତ୍ତାର ଦୁର୍ବଳତା ପ୍ରକାଶ କରୁଛି। ଆମେ ୮୫-୯୦% ତୈଳ ଆମଦାନୀ କରୁ। ନବୀକରଣଯୋଗ୍ୟ ଶକ୍ତି, ଘରୋଇ ଉତ୍ପାଦନ ଏବଂ କୌଶଳପୂର୍ଣ୍ଣ କୂଟନୀତି ମାଧ୍ୟମରେ ବିକଳ୍ପ ଉତ୍ସ ଖୋଜିବା। ସରକାର ଏବଂ କମ୍ପାନିଗୁଡ଼ିକ ମଧ୍ୟରେ ସମନ୍ୱୟ ଜରୁରୀ। ଅଣ୍ଡର୍ ରିକଭାରି ପାଇଁ କ୍ଷତିପୂରଣ ଏବଂ ଦୀର୍ଘମିଆଦି ନୀତି ଆବଶ୍ୟକ। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରଭାବ ପଡ଼ୁଛି। ଯଦିଓ କେତେକ ବୃହତ୍ତମ ତୈଳ କମ୍ପାନି ଉଚ୍ଚ ମୂଲ୍ୟରୁ ଲାଭ ପାଇପାରନ୍ତି, ଭାରତୀୟ କମ୍ପାନୀ ଗ୍ରାହକ ସୁରକ୍ଷା ପାଇଁ କ୍ଷତି ସହୁଛନ୍ତି। ଏହା ଦେଶୀୟ ଅର୍ଥନୀତିର ଏକ ଉଦାହରଣ ଯେ କିପରି ଭୂ-ରାଜନୈତିକ ସଙ୍କଟ ସ୍ଥାନୀୟ ଅର୍ଥନୀତିକୁ ପ୍ରଭାବିତ କରେ।

ଏହି ପରିସ୍ଥିତି ଏକ ଶିକ୍ଷା। ଭାରତକୁ ଶକ୍ତି ନିର୍ଭରଶୀଳତା ହ୍ରାସ କରିବାକୁ ପଡ଼ିବ। ସୌର, ପବନ ଏବଂ ବିଦ୍ୟୁତ୍ ଯାନ ପ୍ରସାର ଜରୁରୀ। ସରକାରୀ ନୀତି କେବଳ ସ୍ଥିରତା ନୁହେଁ, ଦୀର୍ଘକାଳୀନ ସ୍ୱାଧୀନତା ପାଇଁ ହେବା ଉଚିତ୍। ଯଦି ନୁହେଁ, ଏପରି ସଙ୍କଟ ବାରମ୍ବାର ଆମ ଅର୍ଥନୀତିକୁ ଦୁର୍ବଳ କରିବ।

# ମହାପ୍ରଭୁଙ୍କ ମାଉସୀ ମା’ ଓ ପୋଡ଼ ପିଠା

**ସୁକାନ୍ତ ଛାଟୋଇ**



ମହାପ୍ରଭୁଙ୍କ ଲୀଳା ମହିମା ଅତିବ ବିଚିତ୍ର ଓ ଅଲୌକିକ। ଆମ ମାନଙ୍କ ନିତିଦିନିଆ ଜୀବନରେ ଅନେକଙ୍କର ସମ୍ପର୍କୀୟ ମାଉସୀ ଥାଆନ୍ତି। ଓଡ଼ିଆ ଲୋକ ଚଳଣୀରେ ଏକ କଥା ରହିଆସିଛି- ‘ବାପା ଅଧା ପିଉସୀ, ମାଆ ଅଧା ମାଉସୀ’। ତେଣୁ ସାଧାରଣ ଜୀବନରେ ମାଉସୀ ମା’ଙ୍କ ଗୁରୁତ୍ୱ ଏହିଥିରୁ ପ୍ରତୀୟମାନ ହୁଏ। ଲୀଳାମୟଙ୍କ ମାଉସୀ ମା’ହେଉଛନ୍ତି ଦେବୀ ‘ଅର୍ଦ୍ଧାସନୀ’। ‘ପୁରୁଷୋତ୍ତମ ମହାତ୍ମ୍ୟ’ରେ ବର୍ଣ୍ଣିତ ଅଛି ଦେବୀ ଅର୍ଦ୍ଧାସନୀ ପ୍ରଳୟୋଦକକୁ ଶୋଷଣ କରି କ୍ଷେତ୍ରକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଶବରଙ୍କ ନିବାସ ସ୍ଥଳକୁ ସୁରକ୍ଷା କରିଥିବାରୁ ଦଇତାମାନେ ଏହାଙ୍କୁ ଇଷ୍ଟଦେବୀଙ୍କର ମାନ୍ୟତା ପ୍ରଦାନ କରିବା ସହ ପୂଜା କରିଥାନ୍ତି। ଗବେଷକ ଶ୍ୟାମ ପ୍ରକାଶ ସେନାପତିଙ୍କ ତଥ୍ୟ ଅନୁଯାୟୀ ତାଙ୍କର ନାମକୁ ଅର୍ଦ୍ଧଶୋଷଣୀ ବା ଅର୍ଦ୍ଧସନୀ ବୋଲି କୁହାଯାଇପାରେ। ଯିଏ ହୃଦୟର ଅଜ୍ଞାନତାକୁ ଭେଦ ବା ଶୋଷଣ କରନ୍ତି ସେ ଅର୍ଦ୍ଧଶୋଷଣୀ ଶକ୍ତି।

ଅର୍ଦ୍ଧାସନୀ ବା ମାଉସୀ ମା’ଙ୍କ ମନ୍ଦିର ରଥ ମାର୍ଗ ବା ଶ୍ରୀକ୍ଷେତ୍ର ବଡ଼ଦାଣ୍ଡ ଦଇତା ପଡ଼ା ସାହିର ପାର୍ଶ୍ୱରେ ଏବଂ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ପ୍ରାୟ ମଧ୍ୟ ଭାଗରେ ଅବସ୍ଥିତ। ଐତିହାସିକ ତଥ୍ୟ ଅନୁଯାୟୀ ଏହି ମନ୍ଦିରର ନିର୍ମାଣ ହୋଇଥିଲା କେଶରୀ ବଂଶର ରାଜାଙ୍କ ସମୟରେ। ମାଉସୀ ମା’ମୂଳତଃ ଏକ କୃଷ୍ଣପ୍ରସ୍ତର ନିର୍ମିତ ଦ୍ୱିଭୂଜା ରମଣୀୟ ବିଗ୍ରହ। ବିଗ୍ରହଙ୍କ ଦୁଇ ପାର୍ଶ୍ୱରେ ଦୁଇଜଣ ପାର୍ଶ୍ୱଦେବୀ ବିଦ୍ୟମାନ। ମନ୍ଦିରର ଦ୍ୱାର ଦେଶରେ ଦୁଇଟି ବଡ଼ସିଂହ ବଡ଼ ଦାଣ୍ଡକୁ ମୁହଁ କରି ରହିଛନ୍ତି। ମାଉସୀ’ମାଙ୍କ ନୀତିକାନ୍ତି ପ୍ରତିଦିନ ଭୋରୁ ଆରମ୍ଭ ହୋଇଥାଏ। ପ୍ରତ୍ୟୁଷରୁ ଦ୍ୱାରଫିଟା ଯାଇ ମା’ଙ୍କ ସ୍ନାନ, ବେଶ କରାଯିବା ସହ ସକାଳ ଓ ସନ୍ଧ୍ୟାରେ ଆଳତୀ ପୂର୍ବକ ବାଳ ଭୋଗ କରାଯାଇଥାଏ। ମାଉସୀ ମା’ଙ୍କ ପୂଜା ବନଦୁର୍ଗା ମନ୍ତ୍ରରେ ଅନୁଷ୍ଠିତ ହୋଇଥାଏ। ମାଉସୀ ମା’ଙ୍କ ଅନେକ ନୀତିକାନ୍ତି ସବୁ ରହିଛି।

ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଦିନ ମା’ଙ୍କ ଜଳାଶାୟୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ମା’ ହେଉଛନ୍ତି ପରମ ବୈଷ୍ଣବୀ। ଶ୍ରୀଗୁଣ୍ଡିଚା ରଥଯାତ୍ରା ସମୟରେ ମାଉସୀ ମା’ ମନ୍ଦିର ଭକ୍ତଜନଙ୍କ ବିଶେଷ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥାଏ। କାରଣ ମହାପ୍ରଭୁ ମାଉସୀ ମା’ଙ୍କ ଦର୍ଶନ ନିମିତ୍ତ ବାହୁଡ଼ା ଯାତ୍ରା ଦିନ ଗୁଣ୍ଡିଚା ମନ୍ଦିରରୁ ଫେରିଲା ବେଳେ ମାଉସୀ ମା’ଙ୍କ ମନ୍ଦିର ପାଖରେ ଅଟକି ଥାଆନ୍ତି ଓ ପୋଡ଼ପିଠା ଖାଇଥାଆନ୍ତି।

ମାଉସୀ ମା’ଙ୍କ ପୋଡ଼ ପିଠା : ମହାପ୍ରଭୁ ଦାରୁ ଦେବତା ପୂର୍ଣ୍ଣବ୍ରହ୍ମ ଲୀଳାମୟ ତାଙ୍କର ଲୀଳା ଯେତିକ ଆନନ୍ଦଦାୟକ ସେତିକ ଲୀଳା ମହାତ୍ମ୍ୟପୂର୍ଣ୍ଣ। ପ୍ରଥା ଓ ପରମ୍ପରା ଅଛି ମହାପ୍ରଭୁ ମାଉସୀଙ୍କ ଠାରୁ ପୋଡ଼ ପିଠା ଖାଇ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥାନ୍ତି। ମାଉସୀ ପୁଣି ଅପେକ୍ଷା କରି ରହିଥାନ୍ତି ଆସନ୍ତା ରଥଯାତ୍ରାକୁ।

ଏଇଠି ଆମେ ପୋଡ଼ପିଠା ସମ୍ପର୍କରେ ଟିକିଏ ଉଲ୍ଲେଖ କରିବା। ମହାପ୍ରଭୁଙ୍କ ପାଇଁ ଯେଉଁ ପୋଡ଼ପିଠା ପ୍ରସ୍ତୁତ ହୁଏ ସେଥିରେ ଛେନା, ଗହମ ଅଟା, ବିଶୁଦ୍ଧ ଘିଅ, ଚିନି, ବାଦାମ, ଖିସମିସ, ଅଳେଇଚ, ଲବଙ୍ଗ ପ୍ରଭୃତି ଦ୍ରବ୍ୟରେ ପ୍ରସ୍ତୁତି ହୋଇଥାଏ। ଏ ସମସ୍ତ ଦ୍ରବ୍ୟକୁ ଏକତ୍ର କରି ମାଟି ତାଡ଼ରେ ପ୍ରସ୍ତୁ ହୋଇ ସମର୍ପଣ ହୁଏ। ଆମ ନିତିଦିନିଆ ଜୀବନରେ ସର୍ବୋପରି ସାମାଜିକ ପରମ୍ପରାରେ ଆମେ ମାଉସୀ ଘରକୁ ଗଲାବେଳେ, ମାଉସୀ ତାଙ୍କ ଘରେ ଯେପରି ଭଲ ପାଇବା, ଶ୍ରଦ୍ଧା ଓ ମମତା ଅଜାଡ଼ି ଦେଇଥାନ୍ତି ଠିକ ସେହିପରି ମହାପ୍ରଭୁଙ୍କ ସଂସ୍କୃତିରେ ସମାନ ସାମାଜିକ ପରମ୍ପରା ପ୍ରତିଫଳିତ ହୋଇଛି। ମହାପ୍ରଭୁଙ୍କ ମାଉସୀଙ୍କ ପ୍ରତି କେତେ ଆତ୍ମୀୟତା ଭାବ ଓ ଶ୍ରଦ୍ଧା ରହିଛି ରଥଯାତ୍ରାରେ ମାଉସୀ ମା’ ମନ୍ଦିରର ନୀତି ତାହାର ଏକ ଦୃଷ୍ଟାନ୍ତ।

**ପୋପରଡ଼ା, ନୂଆ ବଜାର, କଟକ**
**ମୋବାଇଲ୍:୮୨୪୯୨୭୦୭୨୧**
**ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା**
**ମୋବାଇଲ୍:୬୩୭୦୬ ୭୫୫୬୨**



# ଶିଷ୍ଟାଚାର ହେଉଛି ପାରିବାରିକ ଆଦର୍ଶ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଶିଷ୍ଟାଚାର ହେଉଛି ପରିବାରର ନିୟମ ଯାହା ବ୍ୟକ୍ତିର ଚରିତ୍ର, ଆଚରଣ ଏବଂ ବ୍ୟକ୍ତିତ୍ୱକୁ ଗଢ଼ି ତୋଳିଥାଏ। ପରିବାର ହେଉଛି ଜଣେ ବ୍ୟକ୍ତିଙ୍କର ପ୍ରଥମ ଶିକ୍ଷାନୁଷ୍ଠାନ। ଏଠାରେ ହିଁ ଜଣେ ଭଲ ଏବଂ ମନ୍ଦ, ନୈତିକତା, କର୍ତ୍ତବ୍ୟ ଏବଂ ଅଧିକାର ଏବଂ ସାମାଜିକ ମୂଲ୍ୟବୋଧ ବିଷୟରେ ଶିଖେ। ଶିଷ୍ଟାଚାର ହେଉଛି ଏକ ସୁନ୍ଦର, ସଂଗଠିତ ଏବଂ ଭଲ ପରିବାରର ମୌଳିକ ଭିତ୍ତିଭୂମି। ଶିଷ୍ଟାଚାର ବିନା ଏକ ପରିବାରରେ ଶାନ୍ତି, ସମ୍ମାନ, ପ୍ରେମ ଏବଂ ସହଯୋଗର ପରିବେଶ ସୃଷ୍ଟି ହୋଇପାରିବ ନାହିଁ। ଶିଷ୍ଟାଚାର କେବଳ ବାହ୍ୟ ଆଚରଣ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ସଂସ୍କୃତି, ଶିଷ୍ଟାଚାର, ଦୟା ଏବଂ ମାନବିକତାର ପ୍ରକାଶ। ଯଦି ପରିବାରର ପ୍ରତ୍ୟେକ ସଦସ୍ୟ ଶିଷ୍ଟାଚାର ପାଳନ କରନ୍ତି ତେବେ ସେହି ପରିବାର ଏକ ଆଦର୍ଶ ପରିବାର ହୋଇଯାଏ। ଶିଷ୍ଟାଚାର ଶବ୍ଦଟି "ଶିଷ୍ଟ" ଏବଂ "ଆଚାର" ଦୁଇଟି ଶବ୍ଦରୁ ଉତ୍ପନ୍ନ ହୋଇଛି। ଶିଷ୍ଟ ଅର୍ଥ ହେଉଛି ଏକ ନମ୍ର, ସଭ୍ୟ ଏବଂ ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଏବଂ ଆଚାର ଅର୍ଥ ହେଉଛି ଆଚରଣ। ତେଣୁ ଶିଷ୍ଟାଚାର ଅର୍ଥ ହେଉଛି ନମ୍ର ଏବଂ ସୌଜନ୍ୟପୂର୍ଣ୍ଣ ଆଚରଣ। ଶିଷ୍ଟାଚାରରେ ବଡ଼ମାନଙ୍କୁ ସମ୍ମାନ କରିବା, ସାନମାନଙ୍କୁ ପ୍ରେମ କରିବା, ଦୟାପୂର୍ଣ୍ଣ କଥା କହିବା, ଅନ୍ୟମାନଙ୍କ ଭାବନାକୁ ସମ୍ମାନ କରିବା, ସହଯୋଗ କରିବା ଏବଂ ନିଜ କର୍ତ୍ତବ୍ୟ ପାଳନ କରିବା ଅନ୍ତର୍ଭୁକ୍ତ। ଶିଷ୍ଟାଚାର ଜଣେ ବ୍ୟକ୍ତିକୁ ମହାନ କରିଥାଏ। ଧନ, ସମ୍ପତ୍ତି କିମ୍ବା ଉଚ୍ଚ ପଦବୀ ଦ୍ୱାରା ସମ୍ମାନ ଅର୍ଜନ ହୁଏ ନାହିଁ, ବରଂ ସେମାନଙ୍କର ଭଲ ଆଚରଣ ଏବଂ ଆଚରଣ ହିଁ ସେମାନଙ୍କୁ ସମାଜରେ ପ୍ରେମ ଏବଂ ସମ୍ମାନ କରିଥାଏ। ପରିବାର ହେଉଛି ସମାଜର ସବୁଠାରୁ ଛୋଟ ଏକକ। ପରିବାରରେ ପିଲା ଜୀବନର ପ୍ରଥମ ଶିକ୍ଷା ଶିଖେ। ପିତାମାତା, ଜେଜେବାପା, ଭାଇଭଉଣୀ ଏବଂ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ଆଚରଣ ପିଲା ଉପରେ ଗଭୀର ପ୍ରଭାବ ପକାଇଥାଏ। ଯେଉଁ ପରିବାରରେ ଶିଷ୍ଟାଚାର ପ୍ରଚଳିତ ହୁଏ, ସମସ୍ତେ ପରସ୍ପରକୁ ସମ୍ମାନ କରନ୍ତି, ଭଲ ପାଆନ୍ତି ଏବଂ ସହଯୋଗ କରନ୍ତି। ଏପରି ପରିବାର ସର୍ବଦା ଶାନ୍ତି ଏବଂ ସୁଖ ଅନୁଭବ କରେ।

ଶିଷ୍ଟାଚାର ଅଭାବ ଥିବା ପରିବାରଗୁଡ଼ିକ ଝଗଡା, ଅଶାନ୍ତି, ଅବିଶ୍ୱାସ ଏବଂ ଦ୍ୱନ୍ଦ୍ୱର ସମ୍ମୁଖୀନ ହୁଅନ୍ତି। ତେଣୁ ଏକ ସୁସ୍ଥ ପାରିବାରିକ ପରିବେଶ ପାଇଁ ଶିଷ୍ଟ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସଂସ୍କୃତି ବୟସ୍କମାନଙ୍କୁ ସମ୍ମାନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଏ। ପିତାମାତା, ଶିକ୍ଷକ ଏବଂ ବୟସ୍କମାନଙ୍କୁ ସମ୍ମାନ କରିବା ଶିଷ୍ଟାଚାର ଏକ ପ୍ରମୁଖ ଲକ୍ଷଣ। ଯେତେବେଳେ ପରିବାରର ଛୋଟ ସଦସ୍ୟମାନେ ବୟସ୍କମାନଙ୍କୁ ସମ୍ମାନ କରନ୍ତି ସେତେବେଳେ ଭଲ ସମ୍ପର୍କ ଏବଂ ଶୃଙ୍ଖଳା ବଜାୟ ରଖାଯାଏ। ଭଦ୍ରତା କେବଳ ବୟସ୍କମାନଙ୍କୁ ସମ୍ମାନ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ। ବୟସ୍କମାନେ ମଧ୍ୟ ଛୋଟମାନଙ୍କ ପ୍ରତି ସ୍ନେହ, ପ୍ରେମ ଏବଂ କରୁଣା ଦେଖାଇବା ଉଚିତ। ଏହା ପରିବାର ମଧ୍ୟରେ ପ୍ରେମ ଏବଂ ବିଶ୍ୱାସକୁ ବୃଦ୍ଧି କରେ। କୋମଳ ଶବ୍ଦ ଜଣେ ବ୍ୟକ୍ତିଙ୍କ ହୃଦୟକୁ ଜିତିପାରେ। ଭଦ୍ର ଭାଷା ଏବଂ ଆଚରଣ ପରିବାରରେ ଖୁସି ଏବଂ ଶାନ୍ତି ଆଣିଥାଏ। କଠୋର କଥା କିମ୍ବା ଅଭଦ୍ର ଆଚରଣ ଅଶାନ୍ତି ସୃଷ୍ଟି କରେ। ଏକ ଆଦର୍ଶ ପରିବାରର ଏକ ପ୍ରମୁଖ ଗୁଣ ହେଉଛି ପାରସ୍ପରିକ ସହଯୋଗ। ପ୍ରତ୍ୟେକେ ଘରର କାମ, ସମସ୍ୟା କିମ୍ବା ଆବଶ୍ୟକତାରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ। ଏହା ଶିଷ୍ଟାଚାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଏକ କର୍ତ୍ତବ୍ୟ ଅଛି। ପିତାମାତା ସେମାନଙ୍କ ପିଲାମାନଙ୍କର ଯତ୍ନ ନିଅନ୍ତି ଏବଂ ପିଲାମାନେ ସେମାନଙ୍କ ପିତାମାତାଙ୍କ କଥା ମାନି ଚାଲନ୍ତି। ଯଦି ସମସ୍ତେ ସଚ୍ଚୋଟତାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି ତେବେ ପରିବାର ଏକ ଉଦାହରଣ ସୃଷ୍ଟି କରିପାରିବ। ପିଲାମାନେ ପରିବାରର ଭବିଷ୍ୟତ। ସେମାନେ ଯାହା ଦେଖନ୍ତି ଏବଂ ଶିଖନ୍ତି ତାହା ନିଜ ଜୀବନରେ ପ୍ରୟୋଗ କରନ୍ତି। ଯଦି ପରିବାରରେ ଶିଷ୍ଟାଚାରର ପରିବେଶ ଥାଏ ତେବେ ପିଲାମାନେ ମଧ୍ୟ ଭଦ୍ର, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୋଇ ବଡ଼ ହୁଅନ୍ତି।



ଏହି ଯୁଗରେ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ମିଳିତ ପରିବାରର ତଥା ଯୌଥ ପରିବାର ସ୍ଥାନରେ ଏକାକୀ ରହିବା ବର୍ତ୍ତମାନ ଆରମ୍ଭ ହୋଇଛି। ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବାରର ସଦସ୍ୟଙ୍କ ମଧ୍ୟରେ ସମୟ ଏବଂ ସମ୍ପର୍କ ହ୍ରାସ ପାଉଛି। କେତେକ ସମୟରେ ଛୋଟ ପିଲାମାନେ ସେମାନଙ୍କର ବଡ଼ମାନଙ୍କୁ ସମ୍ମାନ କରନ୍ତି ନାହିଁ ଏବଂ ବଡ଼ମାନେ ମଧ୍ୟ ଧୈର୍ଯ୍ୟ ହରାଇ ବସନ୍ତି। ଫଳସ୍ୱରୂପ ପରିବାରରେ ଶିଷ୍ଟାଚାର ଅବନତି ପାଇଥାଏ । ଏହା ଏକ ଚିନ୍ତାର ବିଷୟ। ପରିବାର ମଧ୍ୟରେ ଶିଷ୍ଟାଚାର ଶିକ୍ଷା ଆରମ୍ଭ ହେବା ଉଚିତ। ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ନିଜ ଆଚରଣ ମାଧ୍ୟମରେ ଶିକ୍ଷା ଦେବା ଉଚିତ। ବିଦ୍ୟାଳୟରେ ନୈତିକ ଶିକ୍ଷା ଦିଆଯିବା ଉଚିତ। ଏହା ମାଧ୍ୟମରେ ପିଲାମାନେ ଭଲ ଆଚରଣର ମୂଲ୍ୟ ବୁଝିପାରିବେ। ଭାରତୀୟ ସଂସ୍କୃତି ଏବଂ ପରମ୍ପରା ହେଉଛି ଶିଷ୍ଟାଚାରର ମୂଳଦୁଆ। ଏହି ଆଲୋଚନା ମାଧ୍ୟମରେ ପରିବାରରେ ଭଲ ନୈତିକ ମୂଲ୍ୟବୋଧ ବିକଶିତ ହୋଇପାରିବ। ଶିଷ୍ଟାଚାର ପାଳନ ପାଇଁ ଆତ୍ମନିୟନ୍ତ୍ରଣ ଆବଶ୍ୟକ। କ୍ରୋଧ, ଅହଂକାର ଏବଂ ସ୍ୱାର୍ଥପରତା ପରିତ୍ୟାଗ କରିବା ଉଚିତ। ପରିବାରର ସଦସ୍ୟମାନେ ପରସ୍ପର ସହିତ ସମୟ ବିତାଇବା ଉଚିତ। ଏହା ସମ୍ପର୍କକୁ ମଜବୁତ କରେ ଏବଂ ଶିଷ୍ଟାଚାର ବିକଶିତ କରେ। ଏକ ଆଦର୍ଶ ପରିବାରରୁ ଏକ ଆଦର୍ଶ ସମାଜ ନିର୍ମିତ ହୁଏ। ପରିବାରରେ ଶିଷ୍ଟାଚାର ଥିଲେ ସମାଜରେ ଶାନ୍ତି, ଶୃଙ୍ଖଳା ଏବଂ ସମନ୍ୱୟ ରହିବ। ଯେଉଁ ଦେଶରେ ପରିବାର ଶିଷ୍ଟାଚାରରେ ପରିପୂର୍ଣ୍ଣ ଥାଏ ସେ ଦେଶ ପ୍ରଗତି ଏବଂ ସମୃଦ୍ଧି ଆଡକୁ ଆଗେଇଥାଏ । ଶିଷ୍ଟାଚାର ଜଣେ ବ୍ୟକ୍ତିକୁ କେବଳ ଜଣେ ଭଲ ପରିବାର ସଦସ୍ୟ ନୁହେଁ ବରଂ ଜଣେ ଭଲ ନାଗରିକ ଏବଂ ଜଣେ ଭଲ ମଣିଷ ମଧ୍ୟ ଗଢ଼ି ତୋଳିବାରେ ସାହାଯ୍ୟ କରେ । ଏହା ସମାଜରେ ପ୍ରେମ, ଭାଇଚାରା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ଶିଷ୍ଟାଚାର ହେଉଛି ପାରିବାରିକ ଜୀବନର ମୌଳିକ ମୂଳଦୁଆ। ଏହା ପରିବାରକୁ ସୁସଂଗଠିତ, ଖୁସି ଏବଂ ଆଦର୍ଶ କରିଥାଏ। ଶିଷ୍ଟାଚାର ପାରସ୍ପରିକ ସମ୍ମାନ, ସ୍ନେହ, ସହଯୋଗ ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରିଥାଏ। ଏହା କେବଳ ପରିବାରକୁ ନୁହେଁ ବରଂ ସମଗ୍ର ସମାଜ ଏବଂ ଦେଶକୁ ପ୍ରଗତି ପଥରେ ଆଗେଇ ନେଇଥାଏ। ତେଣୁ ପ୍ରତ୍ୟେକ ପରିବାରରେ ଶିଷ୍ଟାଚାର ବିଷୟରେ ଆଲୋଚନା ହେବା ଉଚିତ। ପିଲାମାନଙ୍କୁ ଛୋଟ ବୟସରୁ ହିଁ ସୌଜନ୍ୟ, ଆଚାର ଏବଂ ନୈତିକତା ଶିଖାଇବା ଉଚିତ। ଯେତେବେଳେ ପ୍ରତ୍ୟେକ ପରିବାର ଶିଷ୍ଟାଚାରକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିବ ସେତେବେଳେ ସେ ପରିବାରର ଭାବ ମାଧୁର୍ଯ୍ୟମୟ ହେବା ସହିତ ତାଙ୍କ ଦ୍ୱାରା ଏକ ସୁନ୍ଦର, ସୁସ୍ଥ ଏବଂ ଆଦର୍ଶ ସମାଜ ସୃଷ୍ଟି ହେବାରେ ସହାୟକ ହେବ।

**ଅରଙ୍ଗାବାଦ, ବରୀ, ଯାଜପୁର, ମୋବାଇଲ:୮୨୪୯୫୦୨୭୭୬**

# ଶିକ୍ଷା, ସ୍ୱପ୍ନ ଓ ବେକାରୀର ବିଡ଼ମ୍ବନା

**ସୁବ୍ରତ କୁମାର ଦାସ**



ଦିନଥିଲା, ଶିକ୍ଷାକୁ ଜୀବନର ସବୁଠାରୁ ବଡ଼ ସମ୍ପଦ ବୋଲି ଧରାଯାଉଥିଲା। ଅଭିଭାବକମାନେ ନିଜ ସନ୍ତାନଙ୍କୁ ଭଲ ଶିକ୍ଷା ଦେବା ପାଇଁ ଜମି, ବାଡି ,ଘର,ଦ୍ୱାର ସବୁ କିଛି ବିକ୍ରି କରି ଦେଉଥିଲେ। ଛାତିକି ପଥର କରି ପିଲାମାନଙ୍କ ପାଠ ପଢା ପାଇଁ ସର୍ବସ୍ୱ ଅଜାଡି ଦେଉଥିଲେ। ଋଣ କରୁଥିଲେ, ଅନେକ କଷ୍ଟ,ଯନ୍ତ୍ରଣା ସହୁଥିଲେ। କିନ୍ତୁ ଆଜି ସେହି ଶିକ୍ଷା ହସ୍ତଗତ ପରେ ମଧ୍ୟ ଜୀବନ ଅନ୍ଧକାର ମନେ ହେଉଛି।ଶିକ୍ଷିତ ବେକାରୀ ବର୍ତ୍ତମାନ କେବଳ ଏକ ସମସ୍ୟା ନୁହେଁ, ଏହା ସମାଜର ଗଭୀର ଚିନ୍ତାର ବିଷୟରେ ପରିଣତ ହୋଇଛି। ଜଣେ ଯୁବକ ଯେତେବେଳେ ବର୍ଷ ବର୍ଷ ଧରି ପାଠ ପଢ଼ିଲେ ମଧ୍ୟ ନିଜ ପାଇଁ ଖଣ୍ଡିଏ ଚାକିରି ଖୋଜି ପାଉନାହିଁ, ସେତେବେଳେ ତା'ର ମନୋବଳ ଭାଙ୍ଗି ପଡ଼େ। ତା' ଆଖିରେ ଥିବା ସ୍ୱପ୍ନ ଧୀରେ ଧୀରେ ମଳିନ ହୋଇଯାଏ। ପରିବାର ଚଳାଇବା ତ ଦୂର କଥା, ନିଜର ଦୈନନ୍ଦିନ ଖର୍ଚ୍ଚ ବହନ କରିବାକୁ ମଧ୍ୟ ଅସମର୍ଥ ହୋଇପଡେ। ପକେଟ୍ ଖାଲି ଥିବା ବେଳେ ଜୀବନର ଆନନ୍ଦ ମଧ୍ୟ ଫିକା ଲାଗେ। ସାଙ୍ଗମାନେ ଚାକିରି ପାଇ ଆଗକୁ ବଢ଼ୁଥିବା ବେଳେ ଜଣେ ବେକାର ଯୁବକ ନିଜକୁ ଅସହାୟ ଭାବେ ଅନୁଭବ କରେ।

ଆଜିର ସମାଜ ଏକ ଅଦ୍ଭୁତ ସଂକଟ ମଧ୍ୟରେ ଗତି କରୁଛି। ଶିକ୍ଷାର ଆଲୋକ ଘରେ ଘରେ ପହଞ୍ଚିଥିଲେ ମଧ୍ୟ ଯୁବ ସମାଜର ମୁହଁରେ ହସ ନାହିଁ। ଡିଗ୍ରୀ ପରେ ଡିଗ୍ରୀ ହାସଲ କରିଥିବା ହଜାର ହଜାର ଯୁବକ ଆଜି ଚାକିରିର ଅନ୍ୱେଷଣରେ ଦୁଆରୁ ଦୁଆରେ ବୁଲୁଛନ୍ତି।

ବିବାହ ଯେଉଁଠି ଜୀବନର ଏକ ସୁନ୍ଦର ସ୍ୱପ୍ନ। ପ୍ରତ୍ୟେକ ପିତାମାତା ଙ୍କର ସ୍ୱପ୍ନ ,ପୁତ୍ର ବା କନ୍ୟା ବିବାହ ଯୋଗ୍ୟ ହେଲେ ସୁନ୍ଦର ପାତ୍ର ଟିଏ ହାତରେ ଛନ୍ଦି ଦେଲେ ତାଙ୍କର ମୁଣ୍ଡରେ ଚିନ୍ତା ହାରିଯିବାହେଲେ ସେହି ସ୍ୱପ୍ନ ମଧ୍ୟ ଆଜି ଅନେକ ଯୁବକ,ଯୁବତୀ ଓ ପରିବାରଙ୍କ ପାଇଁ ଅଧୂରା ହୋଇରହିଛି। କଥାରେ ଅଛି ବେରୋଜଗାର ପୁଅକୁ କିଏ ଝିଅ ଦେବ? ଏହି ପ୍ରଶ୍ନ ଆଜି ଅନେକ ପରିବାରରେ ଚିନ୍ତାର କାରଣ। ଅଭିଭାବକମାନେ ସନ୍ତାନଙ୍କ ଭବିଷ୍ୟତ ନେଇ ନିଦ୍ରାହୀନ ରାତି କାଟୁଛନ୍ତି। ଯୁବକମାନେ ବୟସ ଗଡ଼ିଯାଉଥିବା ଦେଖି ମନରେ ଭାଙ୍ଗି ପଡୁଛନ୍ତି। ସମାଜରେ ନିଜକୁ ଅବହେଳିତ ମନେ କରୁଛନ୍ତି।



ଏହି ବେକାରୀ ସମସ୍ୟା କେବଳ ଅର୍ଥନୈତିକ ନୁହେଁ, ଏହା ସାମାଜିକ ଓ ମାନସିକ ସଂକଟକୁ ମଧ୍ୟ ଜନ୍ମ ଦେଉଛି। ଚାକିରି ନଥିବାରୁ ଅନେକ ଯୁବକ ହତାଶାରେ ଭୁଲ ପଥକୁ ଚାଲିଯାଉଛନ୍ତି। ଅନ୍ୟାର୍ଥରେ ଅପରାଧ ବଢ଼ୁଛି। ଶୀଘ୍ର ଟଙ୍କା ରୋଜଗାରର ଲୋଭରେ କେହି କେହି ବେଆଇନ କାର୍ଯ୍ୟରେ ଜଡ଼ିତ ହେଉଛନ୍ତି। ଚୋରି, ଠକେଇ, ନିଶା ବ୍ୟବସାୟ ଭଳି ଅନେକ ଅପରାଧର ମୂଳରେ ଏହି ବେକାରୀ ଏକ ବଡ଼ କାରଣ ହୋଇଉଠିଛି।

ଖାଲି ମୁଣ୍ଡ ଶଇତାନର ଘର, ଏହି କଥାଟି ଆଜିର ପରିସ୍ଥିତିରେ ସତ୍ୟ ପ୍ରମାଣିତ ହେଉଛି। ହାତରେ କାମ ନଥିବାରୁ ଅନେକ ଯୁବକ ନିଶାକୁ ସାଥୀ କରୁଛନ୍ତି। କୁସଙ୍ଗ ଓ କୁମେଳ ତାଙ୍କ ଜୀବନକୁ ଅନ୍ଧକାର କରିଦେଉଛି। ଆଜିର ଯୁବପିଢ଼ି ମଧ୍ୟରେ ମଦ୍ୟପାନ, ଗଞ୍ଜେଇ, ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟର ପ୍ରଭାବ ବଢ଼ିବା ଏକ ଭୟାବହ ସଙ୍କେତ। ସୁସ୍ଥ ମସ୍ତିଷ୍କ ଧୀରେ ଧୀରେ ବିକୃତ ହୋଇ ପରିବାରରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଛି। ମା’ ବାପାଙ୍କ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଉଛି। ବର୍ତ୍ତମାନର ଅସ୍ଥାୟୀ ଚାକିରି ବ୍ୟବସ୍ଥା ମଧ୍ୟ ଲୋକଙ୍କ ଜୀବନକୁ ସୁରକ୍ଷା ଦେଇପାରୁନାହିଁ। ଆଜି ଚାକିରି ଅଛି, କାଲି ନଥାଇପାରେ । ଏହି ଭୟରେ ଲୋକମାନେ ବଞ୍ଚୁଛନ୍ତି। ବେସରକାରୀ ଚାକିରିରେ ଦରମା କମ୍, କାମର ଚାପ ଅଧିକ। ଅନେକ ସ୍ଥାନରେ ଯୋଗ୍ୟତା ଓ ଅଭିଜ୍ଞତାକୁ ମୂଲ୍ୟ ଦିଆଯାଉନାହିଁ। ତୋଷାମତ, ସାଲିସ ଓ ଚାମଚାଗିରି ଯାହାର ଯେତେ ଅଧିକ, ସେ ସେତେ ଶୀଘ୍ର ଉପରକୁ ଉଠୁଛି। ଏହା ଯୋଗ୍ୟ ଓ ପରିଶ୍ରମୀ ଯୁବକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରୁଛି।

ସମାଜରେ ଧନୀ ଓ ଗରିବ ମଧ୍ୟର ତାରତମ୍ୟ ମଧ୍ୟ ଦିନକୁ ଦିନ ବଢ଼ୁଛି। ଜଣେ ଧନୀ ଲୋକ ଅଧିକ ଧନୀ ହେଉଥିବା ବେଳେ ଗରିବ ଲୋକ ଆହୁରି ଗରିବ ହେଉଛନ୍ତି। ଯୁବ ସମାଜର ଅସନ୍ତୋଷ ଓ ହତାଶା ଦିନକୁ ଦିନ ଭୟାବହ ରୂପ ନେଉଛି। ଏହା ଦେଶର ଭବିଷ୍ୟତ ପାଇଁ ଶୁଭ ସଙ୍କେତ ନୁହେଁ।

ଏହି ସମସ୍ୟାର ସମାଧାନ ପାଇଁ ସରକାର, ସମାଜ ଓ ଯୁବପିଢ଼ି ସମସ୍ତଙ୍କୁ ଆଗକୁ ଆସିବାକୁ ପଡ଼ିବ। କେବଳ ସରକାରୀ ଚାକିରି ଆଶା କରି ବସି ରହିଲେ ହେବନାହିଁ। ଯୁବକମାନେ ନିଜ ଦକ୍ଷତା ବିକାଶ କରି ସ୍ୱନିଯୁକ୍ତି ଦିଗରେ ମଧ୍ୟ ଆଗକୁ ଆସିବା ଆବଶ୍ୟକ। କୃଷି, ହସ୍ତଶିଳ୍ପ, ଛୋଟ ବ୍ୟବସାୟ, ଡିଜିଟାଲ କାମ, ଅନଲାଇନ ଉଦ୍ୟମ ଭଳି ଅନେକ କ୍ଷେତ୍ରରେ ସୁଯୋଗ ରହିଛି। ସମାଜକୁ ମଧ୍ୟ ଯୁବପିଢ଼ିକୁ ଅବହେଳା ନକରି ସହଯୋଗର ହାତ ବଢ଼ାଇବାକୁ ପଡ଼ିବ। ଶିକ୍ଷା କେବଳ ଚାକିରି ପାଇବାର ମାଧ୍ୟମ ନୁହେଁ, ଏହା ଜୀବନକୁ ସଠିକ୍ ଦିଗ ଦେଖାଇବାର ଆଲୋକ। ହତାଶା ଓ ନିରାଶା ମଧ୍ୟରେ ମଧ୍ୟ ଆଶାର ଦୀପ ଜଳାଇ ରଖିବା ଆବଶ୍ୟକ। କାରଣ ଅନ୍ଧକାର ଯେତେ ଗଭୀର ହେଉନା କାହିଁକି , ସୂର୍ଯ୍ୟୋଦୟ ହେବା ନିଶ୍ଚିତ। ଯଦି ସଠିକ୍ ପରିକଳ୍ପନା, ସତ୍ ପ୍ରୟାସ ଓ ସାମୂହିକ ସଚେତନତା ରହେ, ତେବେ ଏହି ବେକାରୀ ସମସ୍ୟା ରୂପକ ଅନ୍ଧକାର ରୁଁ ନିଶ୍ଚୟ ଦିନେ ପରଦା ହଟିବ ।ସମସ୍ୟା ବେଶି ଦିନ ତିଷ୍ଠି ରହିବ ନାହିଁ। ନିଶ୍ଚୟ ଦୂର ହେବ।

**ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ**
**ମୋବାଇଲ୍:୯୪୩୭୭୩୧୯୦୩**

## ଆମେରିକାକୁ ଇରାନ ନେତାଙ୍କ ଖୋଲା ଚ୍ୟାଲେଞ୍ଜ

# ହର୍ମୁଜ୍ ହିଁ ଆମର ପରମାଣୁ ବୋମା





ତେହେରାନ୍, ୭।୬: ପରମାଣୁ ବୋମା ତୁଳନାରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଇରାନ୍ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ପ୍ରମୁଖ ତୈଳ ପରିବହନ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଥଚ ଚମକାଇବା ଭଳି ମନ୍ତବ୍ୟ ଦେଇଛନ୍ତି ଇରାନର ଡେପୁଟି ପାର୍ଲ୍ୟାମେଣ୍ଟ ସ୍ପିକର ଅଲି ନିକ୍‌ଜାଦ୍। ଅଲି ନିକ୍‌ଜାଦ ହେଉଛନ୍ତି ଇରାନ ସଂସଦର ପ୍ରଥମ ଉପବାଚସ୍ପତି। ଇରାନରେ ତାଙ୍କୁ ଜଣେ ବରିଷ୍ଠ ରକ୍ଷଣଶୀଳ କଠୋରପନ୍ଥୀ ଭାବରେ ବିବେଚନା କରାଯାଉଥିବାରୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ସେ ଦେଇଥିବା ମନ୍ତବ୍ୟକୁ ବେଶ ଗୁରୁତ୍ୱର ସହ ବିଚାର କରାଯାଉଛି। ଇରାନର ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ନିକ୍‌ଜାଦ କହିଛନ୍ତି ଯେ, ସଂସଦ ଦ୍ୱାରା ଗୃହୀତ ଏକ ଆଇନ ଅନୁଯାୟୀ ହର୍ମୁଜ୍ ପ୍ରଣାଳୀ ଏହାର ପୂର୍ବ ସ୍ଥିତିକୁ ଫେରିବ ନାହିଁ। ଏହି ଜଳପଥ ଉପରେ ନିୟନ୍ତ୍ରଣ ଇରାନ ପାଇଁ ଏକ ରଣନୈତିକ ସମ୍ପତ୍ତି (ଆସେଟ୍)। ଏହା ଯେକୌଣସି ପରମାଣୁ କ୍ଷମତାଠାରୁ ଇରାନବାସୀଙ୍କ ପାଇଁ ଯଥେଷ୍ଟ ଅଧିକ ଗୁରୁତ୍ୱ ବହନ କରୁଛି।

ନିକ୍‌ଜାଦ୍ କହିଛନ୍ତି ଯେ, ସାମରିକ ଶକ୍ତି ବା ବଳପ୍ରୟୋଗ କରି ଆମେରିକା ନିଜର ଇଚ୍ଛାକୁ ଅନ୍ୟ ଉପରେ ଲଦିଦେବାର ଯୁଗ ଇତିମଧ୍ୟରେ ଖତମ୍ ହୋଇ ସାରିଛି। ଆମେରିକାକୁ ନୂତନ ଆଞ୍ଚଳିକ ନିର୍ଦ୍ଦେଶକୁ ମାନିବାକୁ ପଡ଼ିବ ନହେଲେ ଇରାନର ସର୍ତ୍ତରେ ରାଜିହେବାକୁ ହେବ। ନହେଲେ ଶତ୍ରୁମାନଙ୍କ ଉପରେ ଇରାନ୍ ଯେଉଁ ଲାଞ୍ଛନାପୂର୍ଣ୍ଣ ଆକ୍ରମଣ କରୁଛି ତାହା ପୂର୍ବପରି ଜାରି ରହିବ ବୋଲି ସେ ଆମେରିକାକୁ ଚେତାବନୀ ଦେଇଛନ୍ତି।

ଇରାନର ଏହି ରକ୍ଷଣଶୀଳ କଠୋରପନ୍ଥୀ ନେତାଙ୍କ ମନ୍ତବ୍ୟ ସେହି ସମୟରେ ଆସିଛି ଯେତେବେଳେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧବିରତି ତ ଲାଗି ରହିଛି; ମାତ୍ର ଦୁଇଦେଶ ଉଭୟଙ୍କୁ ଧମକ ଦେବାରେ ଲାଗି ରହିଛନ୍ତି। ଇରାନ୍‌ର ପାରମାଣବିକ କାର୍ଯ୍ୟକ୍ରମ ଭଳି କେତେକ ସମସ୍ୟା ଅସମାହିତ ରହିଥିବାରୁ ଦୁଇଦେଶ ମଧ୍ୟରେ ଆରମ୍ଭ କରାଯାଇଥିବା ଆଲୋଚନା ସ୍ଥଗିତ ରହିଛି।

ସାକ୍ଷାତକାର ଦେବାବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଫେବୃଆରି ୨୮ ତାରିଖରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଯେଉଁଭଳି ଭାବରେ ପରସ୍ପର ବିରୋଧୀ ମନ୍ତବ୍ୟ ଦେଇ ଚାଲିଛନ୍ତି ତାହାକୁ ଇରାନର ସଂସଦୀୟ ଉପବାଚସ୍ପତି ତାହାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଆମେରିକା ଦେଉଥିବା ମନ୍ତବ୍ୟର କୌଣସି ବିଶ୍ୱସନୀୟତା ନାହିଁ। ଅପରପକ୍ଷରେ, ଯୁଦ୍ଧ ଭଳି ପ୍ରସଙ୍ଗକୁ ନେଇ ଇରାନର ଏକ ମୌଳିକ ଆଦର୍ଶଗତ ଆଧାର ରହିଛି। ଏହି ଅବସରରେ ବୋଲି ସେ ସ୍ପଷ୍ଟ କରି ଦେଇଛନ୍ତି ଯେ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଆଉ ତା'ର ପୂର୍ବ ସ୍ଥିତିକୁ ଫେରିବ ନାହିଁ, ଯେତେବେଳେ ବିଶ୍ୱର ତୈଳ-ନିର୍ଭରକାରୀ ଦେଶଗୁଡ଼ିକ ସ୍ୱଚ୍ଛନ୍ଦରେ ଏହି ବାଟ ଦେଇ ଯାତାୟତ କରୁଥିଲେ। ଏହାକୁ ନେଇ ଇରାନ ସଂସଦରେ ଏକ ଆଇନ୍ ଅଣାଯିବ ଆଉ ସେହି ଆଇନ୍ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ବାରମ୍ବାର ନିଜ ବକ୍ତବ୍ୟରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ଦୋହରାଇଛନ୍ତି ସଂସଦୀୟ ଉପବାଚସ୍ପତି ଅଲି ନିକ୍‌ଜାଦ୍। ଇରାନ୍ ପାଇଁ ହର୍ମୁଜର ଗୁରୁତ୍ୱ କେତେ ତାହା ଦର୍ଶାଇବାକୁ ଯାଇ ନିକ୍‌ଜାଦ କହିଛନ୍ତି ଯେ, କେବଳ ଇରାନ୍ ପାଇଁ ନୁହେଁ ମୋ ପାଇଁ ବି ଗୋଟିଏ ପରମାଣୁ ବୋମାଠାରୁ ବହୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍। ଅନ୍ୟ ଭାଷାରେ କହିଲେ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ହେଉଛି ଆମର ଅସଲ ପରମାଣୁ ବୋମା। ଆମେରିକା କିମ୍ବା କୌଣସି ରାଷ୍ଟ୍ରର ନାମ ଉଲ୍ଲେଖ ନକରି ସେ କହିଛନ୍ତି ଯେ, ସେମାନଙ୍କ ନିକଟରେ ପାଞ୍ଚ ହଜାର ପରମାଣୁ ବୋମା ଅଛି। ଆମ ପାଖରେ ଯଦି ଗୋଟିଏ ବି ପରମାଣୁ ବୋମା ଥାଆନ୍ତା, ତା'ହେଲେ ଆମେ ତାହାକୁ ବ୍ୟବହାର କରି ନଥାନ୍ତୁ।

### ଶାନ୍ତିବାର୍ତ୍ତା ନେଇ ତେହରାନରେ ପାକିସ୍ତାନ



ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକଭି ପୁଣି ଥରେ ତେହରାନରେ ପହଞ୍ଚିଛନ୍ତି। ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିର ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ବାର୍ତ୍ତା ଦେବା ପାଇଁ ନକଭି ଇରାନ ଯାତ୍ରା କରିଛନ୍ତି। ଇରାନ-ଆମେରିକା ସଂଘର୍ଷ ଆରମ୍ଭ ହେବା ପରଠାରୁ ଏହା ନକଭିଙ୍କ ଇରାନକୁ ତୃତୀୟ ଗସ୍ତ।

ଇରାନର ତସନିମ ନ୍ୟୁଜ ଏଜେନ୍ସି ରିପୋର୍ଟ କରିଛି ଯେ ମୋହସିନ ନକଭି ପାକିସ୍ତାନର ସେନା ମୁଖ୍ୟ ଏବଂ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ମୋଜତାବା ଖାମେନୀଙ୍କୁ ଏକ ସ୍ୱତନ୍ତ୍ର ଚିଠି ପ୍ରଦାନ କରିବା ପାଇଁ ତେହରାନରେ ପହଞ୍ଚିଛନ୍ତି। ମୋହସିନ ନକଭିଙ୍କ ଏହି ଗସ୍ତ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ମୁସଲିମ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ଏକ ସମ୍ବେଦନଶୀଳ ମୋଡ଼ରେ ଅଛି। ଟ୍ରମ୍ପ ଇରାନର ନେତୃତ୍ୱକୁ ନିରନ୍ତର ଧମକ ଦେଇ ଆସୁଛନ୍ତି ଏବଂ ଇରାନକୁ ଦେଶରୁ ଏହାର ସମୃଦ୍ଧ ୟୁରାନିୟମ ହଟାଇବା ପାଇଁ ଏକ ସର୍ତ୍ତ ରଖିଛନ୍ତି। ଏହା ବ୍ୟତୀତ ମଧ୍ୟସ୍ଥତା ଭାବରେ ପାକିସ୍ତାନର ଭୂମିକା ସମ୍ପର୍କରେ ଆମେରିକା ଭିତରେ ପ୍ରଶ୍ନ ଉଠାଯାଉଛି।

## ନେପାଳ ଲଗାଇଲା ଚୀନ୍ କ୍ୟାମେରା ଲିକ୍ ହେବ ଭାରତର ଗୋପନୀୟ ତଥ୍ୟ



ପିଥୋରାଗଡ,୭।୬: ଉତ୍ତରାଖଣ୍ଡକୁ ଲାଗିଥିବା ଭାରତ-ନେପାଳ ସୀମାରେ ନେପାଳ ସରକାର ଚୀନ୍ ନିର୍ମିତ ଥର୍ମାଲ କ୍ୟାମେରା ଲଗାଇବା ଆରମ୍ଭ କରିଛନ୍ତି। ଏହି କ୍ୟାମେରା ଭାରତୀୟ ସୀମା ଭିତରେ ୧୦ କି.ମି. ପର୍ଯ୍ୟନ୍ତ ସମସ୍ତ ଗତିବିଧିର ରେକର୍ଡିଂ କରିପାରିବ। କେବଳ ଏତିକି ନୁହେଁ, ନେପାଳ ଏହି କ୍ୟାମେରାର ସଂଚାଳନ ଲାଗି ଚୀନ୍‌ର ଇଣ୍ଟରନେଟ ନେଟୱର୍କ ମଧ୍ୟ ବ୍ୟବହାର କରିବ। ଏହାଦ୍ୱାରା ଭାରତର ସମ୍ବେଦନଶୀଳ ସୂଚନା ଚୀନ୍ ନିକଟରେ ପହଞ୍ଚିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି କ୍ୟାମେରା ପ୍ରତିକୂଳ ପାଗ ଓ ରାତିରେ ମଧ୍ୟ ସମସ୍ତ ଗତିବିଧିର ରେକର୍ଡିଂ କରିବାରେ ସକ୍ଷମ। ଯେହେତୁ ଏହା ଚୀନ ନିର୍ମିତ କ୍ୟାମେରା ଓ ଚୀନ୍ ଇଣ୍ଟରନେଟରେ ଚାଲିବ, ତେଣୁ ଭାରତର ସମସ୍ତ ଗତିବିଧି ଚୀନ୍ ବାଟ ଦେଇ ନେପାଳକୁ ଯିବ। ତେଣୁ ଚୀନ୍ ସେଥିରୁ ସମ୍ବେଦନଶୀଳ ତଥା ଗୋପନ ତଥ୍ୟ ସଂଗ୍ରହ କରିବାର ଆଶଙ୍କା ରହିଛି। ସୀମା ଚୌକିର ସୁରକ୍ଷା ଓ ସର୍ଭେଲାନ୍ସ ଲାଗି ନେପାଳ ଗତ କିଛିବର୍ଷ ହେଲା ଚୀନ୍ ଠାରୁ ସମସ୍ତ ସହଯୋଗ ହାସଲ କରୁଛି। ଏଥିପାଇଁ ଉଭୟ ଦେଶ ମଧ୍ୟରେ ପ୍ରଯୁକ୍ତି ସହଯୋଗ ବଢ଼ାଇବା ନେଇ ୨୦୧୬ରେ ଏକ ରାଜିନାମା ହୋଇଥିଲା। ଏହା ପରେ କ୍ୟାମେରା ଲଗାଇବା ଲାଗି ବିଭିନ୍ନ ସ୍ଥାନର ସର୍ଭେ କରାଯାଇଥିଲା।

## ଆମେରିକାରେ ଭାରତୀୟ ଯୁବକଙ୍କୁ ଗୁଳିକରି ହତ୍ୟା



ଫିଲାଡେଲଫିଆ, ୭।୬:ଶନିବାର ରାତିରେ ଆମେରିକାର ଫିଲାଡେଲଫିଆରେ ଏକ ଅତ୍ୟନ୍ତ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ୨୮ ବର୍ଷୀୟ ଭାରତୀୟ ଯୁବକ ଅଂଶୁଲ କୁଆଁଙ୍କୁ ପିଜା ଡେଲିଭରୀ କରିବାକୁ ଯାଇଥିବା ବେଳେ ଗୁଳିକରି ନିର୍ମମ ଭାବେ ହତ୍ୟା କରାଯାଇଛି। ରିପୋର୍ଟ ଅନୁଯାୟୀ, ତାଙ୍କୁ ଫସାଇବା ପାଇଁ ଏକ ଫେକ୍ ପିଜା ଅର୍ଡର ଦିଆଯାଇଥିଲା। ଅଂଶୁଲ କୁଆଁ ଆମେରିକାର ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟ କରୁଥିଲେ ଏବଂ ସପ୍ତାହାନ୍ତରେ ପାର୍ଟ-ଟାଇମ୍ ପିଜା ଡେଲିଭରୀ ବୟ ଭାବେ ମଧ୍ୟ କାମ କରୁଥିଲେ। ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ପିଜା ଡେଲିଭରୀ କରିବା ପାଇଁ ଡକାଯାଇଥିଲା। କିନ୍ତୁ ସେଠାରେ ପହଞ୍ଚିବା ପରେ ତାଙ୍କ ଉପରେ ଆଖିବୁଜା ଗୁଳିମାଡ଼ କରାଯାଇଥିଲା। ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି ଏବଂ ହତ୍ୟାର ପ୍ରକୃତ ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ନ୍ୟୁୟର୍କରେ ଥିବା ଭାରତୀୟ ବାଣିଜ୍ୟିକ ଦୂତାବାସ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛି। ଏହି ଘଟଣା ପରେ ଆମେରିକାକୁ ଆଉ କେହି ନିଜ ପିଲାଙ୍କୁ ପଠାନ୍ତୁ ନାହିଁ ବୋଲି ଅଂଶୁଲଙ୍କ ଭଉଣୀ ତନ୍ୱୀ ଭାରତୀୟମାନଙ୍କୁ ନିବେଦନ କରିଛନ୍ତି। ଏଥିସହ ଭାଇଙ୍କ ମୃତଦେହ ଫେରାଇ ଆଣିବା ପାଇଁ ସେ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କୁ ହତ୍ୟା ଘଟଣା, ଦମ୍ପତି ଗିରଫ



ନୂଆଦିଲ୍ଲୀ, ୭।୬:ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କ ହତ୍ୟା ମାମଲାରେ ଦିଲ୍ଲୀ ପୁଲିସ କୋଲକାତାରୁ ଏକ ଦମ୍ପତିଙ୍କୁ ଗିରଫ କରିଛି। ସମ୍ପତ୍ତି ବିବାଦ ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ୍ ପ୍ରାଥମିକ ତଦନ୍ତପରେ ପ୍ରକାଶ କରିଛି। ଅପରାଧସ୍ଥଳରୁ ସଂଗୃହୀତ ଆର୍ଥିକ ରେକର୍ଡ, ଯୋଗାଯୋଗ ବିବରଣୀ ତଥା ପ୍ରମାଣ ଯାଞ୍ଚ କରିବା ପରେ ଅଭିଯୁକ୍ତମାନଙ୍କୁ ଠାବ କରାଯାଇଥିଲା। ପୋଲିସ ଅନୁଯାୟୀ, ସମ୍ପତ୍ତି ମାଲିକାନା ଓ କାରବାର ସହିତ ଜଡ଼ିତ ମତଭେଦକୁ ନେଇ ପୀଡିତାଙ୍କୁ ଟାର୍ଗେଟ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ବିବାଦ କିଛି ସମୟ ଧରି ଚାଲିଥିଲା ଏବଂ ତାହା ହିଂସାତ୍ମକ ଅପରାଧରେ ପରିଣତ ହୋଇଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚରା ପାଇଁ ଦିଲ୍ଲୀ ଅଣାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଦିଲ୍ଲୀ ପୁଲିସ ଓ ପଶ୍ଚିମବଙ୍ଗର ଆଇନ ପ୍ରବର୍ତ୍ତନ ସଂସ୍ଥା ମଧ୍ୟରେ ସମନ୍ୱିତ ପ୍ରୟାସ ମାଧ୍ୟମରେ ମାମଲା ସମାଧାନ କରାଯାଇଛି। ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ଲିଡ୍ ଉନ୍ମୋଚିତ ହୋଇଥିବା ପୁଲିସ୍ କହିଛି। ଏହି ଘଟଣା ଶିକ୍ଷାବିତ୍ ସମ୍ପ୍ରଦାୟକୁ ଚକିତ କରିଛି।

## ଉତ୍ସବ ବେଳେ ଗର୍ଜିଲା ବନ୍ଧୁକ, ୧୨ ଗୁରୁତର

ନ୍ୟୁୟର୍କ,୭।୬: ଆମେରିକାରେ ଭୟଙ୍କର ଗୁଳିକାଣ୍ଡ। ଉତ୍ସବ ଚାଲିଥିବା ବେଳେ ଆତତାୟୀର ଆକ୍ରମଣରେ ୟୁଏସର ଓହିୟୋ ଥରିଛି। ଏଠାକାର ଟୋଲେଡୋ ସହରର ଆୟୋଜିତ ଏକ କାର୍ଯ୍ୟକ୍ରମ ନିକଟରେ ଗୁଳିକାଣ୍ଡ ଘଟଣା ସାମ୍ନାକୁ ଆସିଛି। ଯେଉଁଥିରେ ଅନେକ ବ୍ୟକ୍ତି ଆହତ ହୋଇଛନ୍ତି। ପୋଲିସର କହିବାନୁସାରେ, ଘଟଣାରେ ଜଣେ ନା ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ଅଛି ତାହା ସ୍ପଷ୍ଟ ହୋଇନାହିଁ। ସେନେଇ ତଦନ୍ତ ଚାଲିଛି। ସ୍ଥାନୀୟ ମେୟର କହିଛନ୍ତି ଯେ, ୧୨ ଜଣଙ୍କ ଦେହରେ ଗୁଳି ବାଜିଛି। ଅନେକ ଏବେ ବିପଦ ମୁକ୍ତ ଅଛନ୍ତି। ସୋସିଆଲ ମିଡିଆରେ ସେୟାର ହୋଇଥିବା ଅନେକ ଭିଡିଓରେ ଗୁଳିମାଡର ଶବ୍ଦ ଶୁଣିବାକୁ ମିଳୁଛି। ଲୋକେ ଧାଇଁବା ସହ ପାଟି କରୁଥିବା ମଧ୍ୟ ସ୍ପଷ୍ଟ ଭାବେ ଦେଖାଯାଉଛି। ସେ ଆହୁରି କହିଛନ୍ତି ଯେ, ଗରମ ଦିନରେ ସୁରକ୍ଷିତ ସ୍ଥାନରେ ଉତ୍ସବ ମନାଇବା ଆବଶ୍ୟକ। ଆଇନ ବ୍ୟବସ୍ଥା ଉପରେ ଭରସା ରଖିବାକୁ ହେବ। ଯେଉଁମାନେ ଏଥିରେ ସାମିଲ ଅଛନ୍ତି ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

## ବୈଠକରେ ଯୋଗଦେବେନି ସିପିଆଇ-ଜେଏମ୍‌ଏମ୍

### ଇଣ୍ଡି ମେଣ୍ଟରେ ଅସନ୍ତୁଳନ




ନୂଆଦିଲ୍ଲୀ, ୭।୬: ଆସନ୍ତାକାଲି (ଜୁନ୍ ୮)ରେ ହେବାକୁ ଥିବା ଇଣ୍ଡିଆ ବ୍ଲକ୍ ବୈଠକ ପୂର୍ବରୁ ମତଭେଦ ଦେଖାଦେଇଛି। କଂଗ୍ରେସର ଉପସ୍ଥିତି ଯୋଗୁଁ ଡିଏମକେ ବୈଠକରୁ ଦୂରେଇ ରହିବା ଘୋଷଣା କରିବା ପରେ ସିପିଆଇ(ଏମ୍) ମଧ୍ୟ କଂଗ୍ରେସର କାର୍ଯ୍ୟଶୈଳୀ ପ୍ରତି ଘୋର ଅସନ୍ତୋଷ ପ୍ରକାଶ କରିଛି। ସିପିଆଇ(ଏମ୍) କଂଗ୍ରେସ ଉପରେ ତୀବ୍ର ଆକ୍ରମଣ କରି କହିଛି ଯେ, କେରଳରେ ନେତାମାନେ ବିଜେପି ସହିତ କରିଥିବା ଡିଲ୍ ଅଭିଯୋଗ ମେଣ୍ଟ ବିରୋଧୀ। ସେହିପରି କଂଗ୍ରେସ ଝାଡ଼ଖଣ୍ଡର ଦୁଇଟି ରାଜ୍ୟସଭା ଆସନ ମଧ୍ୟରୁ ଗୋଟିଏ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ଖାଡଗେଙ୍କ କାର୍ଯ୍ୟାଳୟର ପ୍ରଭାରୀ ପ୍ରଣବ ଝାଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରିଛି। ଏହା ଜେଏମଏମକୁ କ୍ରୋଧିତ କରିଛି। ଜୁନ୍ ୮ରେ ହେବାକୁ ଥିବା ବୈଠକରେ ଯୋଗ ଦେବେନି ସିପିଏମ୍ ଏବଂ ଜେଏମ୍‌ଏମ୍। ଏହା ଇଣ୍ଡି ମେଣ୍ଟରେ ଫାଟକୁ ଆଉ ଟିକେ ବଢ଼ାଇଛି।

ସିପିଆଇ (ଏମ୍) ଓ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) କଂଗ୍ରେସ ନେତୃତ୍ୱଙ୍କ କାର୍ଯ୍ୟଶୈଳୀ ଉପରେ ରହିଥିବା ସେମାନଙ୍କ ତୀବ୍ର ଅସନ୍ତୋଷ ପ୍ରକାଶ କରି ବୈଠକରେ ସାମିଲ ହେବେ ନାହିଁ ବୋଲି ଘୋଷଣା କରିଛନ୍ତି। ଝାଡ଼ଖଣ୍ଡର ଦୁଇଟି ରାଜ୍ୟସଭା ଆସନ ମଧ୍ୟରୁ ଗୋଟିଏ ପାଇଁ କଂଗ୍ରେସ ଏକପାଖିଆ ଭାବେ ପ୍ରାର୍ଥୀ ଘୋଷଣା କରିବାକୁ ନେଇ ଜେଏମଏମ୍ ଅସନ୍ତୋଷ ପ୍ରକାଶ କରିଛି। ସେହିପରି ସିପିଆଇ(ଏମ୍) ସଦ୍ୟ ସମାପ୍ତ କେରଳ ବିଧାନସଭା ନିର୍ବାଚନରେ ପ୍ରଚାର ସମୟରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ନେତାମାନଙ୍କ ଦ୍ୱାରା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ଉପରେ ଆକ୍ରମଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି।

ସିପିଆଇଏମ୍ ସାଧାରଣ ସମ୍ପାଦକ ଏମ୍ ଏ ବେବୀ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ କଡ଼ା ଶବ୍ଦରେ ଏକ ଚିଠି ଲେଖି ଏହି ପ୍ରସଙ୍ଗ ଉଠାଇଛନ୍ତି। ଖଡଗେଙ୍କ ସହିତ ଇଣ୍ଡି ମେଣ୍ଟର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ବେବୀ ଏହି ଚିଠି ପ୍ରଦାନ କରିଛନ୍ତି।

## ସିଏମ୍ ବିଜୟଙ୍କ ପ୍ରଥମ କ୍ୟାବିନେଟ୍

# ୪୩୬ଟି ନୂଆ ପ୍ରକଳ୍ପ ଘୋଷଣା



ଚେନ୍ନାଇ, ୭।୬:ତାମିଲନାଡୁର ନୂତନ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ନେତୃତ୍ୱରେ ଶାସକ ଦଳ ତାମିଲାଗା ଭେଟ୍ରି କାଜାଗମ୍ (ଟିଭିକେ)ର ପ୍ରଥମ କ୍ୟାବିନେଟ୍ ବୈଠକ ଶୁକ୍ରବାର ସଚିବାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏକ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ଏହି ବୈଠକରେ ବିଭିନ୍ନ ବିଭାଗରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିବା ଏବଂ ଏହାର ସଫଳ ରୂପାୟନ ନେଇ ବିସ୍ତୃତ ଆଲୋଚନା କରାଯାଇଛି। ଶକ୍ତି ଏବଂ ଆଇନ ମନ୍ତ୍ରୀ ସି.ଟି.ଆର୍ ନିର୍ମଳ କୁମାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏହି ପ୍ରଥମ ବୈଠକରେ ମୁଖ୍ୟମନ୍ତ୍ରୀ ବିଜୟ ସମସ୍ତ ବିଭାଗକୁ ମିଶାଇ ମୋଟ ୪୩୬ଟି ନୂଆ ପ୍ରକଳ୍ପ ଘୋଷଣା କରିଛନ୍ତି। ପ୍ରତ୍ୟେକ ବିଭାଗ ପାଇଁ ସ୍ୱତନ୍ତ୍ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଯୁବ ସଶକ୍ତୀକରଣ, ମହିଳା କଲ୍ୟାଣ, ମତ୍ସ୍ୟଜୀବୀ ସମ୍ପ୍ରଦାୟର ବିକାଶ ଏବଂ ତାମିଲନାଡୁକୁ ସମ୍ପୂର୍ଣ୍ଣ 'ନିଶାମୁକ୍ତ' କରିବା ଉପରେ ସରକାର ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟରେ ଇତିମଧ୍ୟରେ ୭୧୭ଟି ସରକାରୀ ମଦ ଦୋକାନକୁ ବନ୍ଦ କରିଦିଆଯାଇଛି।

## ସିଲିଣ୍ଡର ନୁହେଁ, ଇଲେକ୍ଟ୍ରିକ୍ ଷ୍ଟୋଭରୁ ଲାଗିଥିଲା ନିଆଁ



ନୂଆଦିଲ୍ଲୀ, ୭।୬: ରୋଷେଇ ବେଳେ ଏଲପିଜି ସିଲିଣ୍ଡର ନୁହେଁ, ଇଲେକ୍ଟ୍ରିକ୍ ଷ୍ଟୋଭ୍ ଫାଟିବାରୁ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଦିଲ୍ଲୀର ମାଲବ୍ୟନଗର ଭୟାବହ ଅଗ୍ନିକାଣ୍ଡ ଘଟଣାରେ ଗିରଫ ହୋଇଥିବା ହୋଟେଲର ରୋଷେୟା କେଶବ ନେଗି ଜେରାବେଳେ ପୁଲିସ୍ ନିକଟରେ ଦୋଷ ସ୍ୱୀକାର କରିଛି। ରୋଷେୟା କେଶବ ନେଗି କହିଛି ଯେ, ଘଟଣା ଦିନ ସେ ରୋଷେଇ ଘରେ କାମ କରୁଥିବା ବେଳେ ହଠାତ୍ ଇଲେକ୍ଟ୍ରିକ୍ ଷ୍ଟୋଭରେ ଏକ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ପରେ ତୁରନ୍ତ ନିଆଁ ବ୍ୟାପିଯାଇଥିଲା। ସେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବନ୍ଦ କରିଥିଲେ। ହେଲେ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା। ହୋଟେଲର ଇଲେକ୍ଟ୍ରିକ୍ ୱାୟାରିଂ ଭିତରକୁ ନିଆଁ ବ୍ୟାପିଯାଇଥିଲା। ଚାହୁଁଚାହୁଁ ପୂରା ହୋଟେଲ୍ ନିଆଁ କବଳିତ କରି ନେଇଥିଲା।

## ମେଟ୍ରୋରେ ଯାତ୍ରା କଲେ ଶିବକୁମାର



ବେଙ୍ଗାଲୁରୁ, ୭।୬:କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ରବିବାର ବେଙ୍ଗାଲୁରୁର ନମ୍ମା ମେଟ୍ରୋରେ ଯାତ୍ରା କରିଛନ୍ତି। ଭିଆଇପିମାନେ ଯାତ୍ରା କରିବା ବେଳେ ସାଧାରଣତଃ ଟ୍ରାଫିକ୍ ବନ୍ଦ ରଖାଯାଇଥାଏ। ଫଳରେ ଲୋକମାନେ ଅସୁବିଧାରେ ପଡ଼ିଥାନ୍ତି। ସେ ଭିଆଇପି ଗତିବିଧି ଅବଲମ୍ବନ କରି ତାଙ୍କର ଜନସାଧାରଣଙ୍କୁ ସମସ୍ୟା ନ ପକାଇବାକୁ ସାଧାରଣ ଯାତ୍ରୀଙ୍କ ପରି ମେଟ୍ରୋକୁ ବାଛିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ଧନ୍ୟବାଦ ଜଣାଇବା ପାଇଁ ଏକ କୃତଜ୍ଞତା ଯାତ୍ରାର ଅଂଶ ଭାବରେ କନକପୁରା ଅଭିମୁଖେ ଯାଉଥିବା ସମୟରେ ମେଟ୍ରୋରେ ଚଢ଼ିଥିଲେ।

ଯେତେବେଳେ ଜଣେ ମୁଖ୍ୟମନ୍ତ୍ରୀ ସଡ଼କ ପଥରେ ଯାତ୍ରା କରନ୍ତି, ଟ୍ରାଫିକ୍ ପରିବର୍ତ୍ତନ ଓ ସୁରକ୍ଷା ବ୍ୟବସ୍ଥା ଦୈନନ୍ଦିନ ଯାତ୍ରୀମାନଙ୍କୁ ପ୍ରଭାବିତ କରିଥାଏ। ଅପରପକ୍ଷରେ, ମେଟ୍ରୋରେ ସେ ପ୍ରାୟ ୪୫ରୁ ୫୦ ମିନିଟ୍ ପର୍ଯ୍ୟନ୍ତ ଯାତ୍ରା କରିପାରିବେ। ତା'ହେଲେ ସେ ସାଧାରଣ ନାଗରିକଙ୍କ ଜୀବନଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରିବେ କ'ଣ ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ପଦକ୍ଷେପକୁ ଯାତ୍ରୀମାନେ ବହୁଳ ଭାବରେ ପ୍ରଶଂସା କରିଛନ୍ତି। ଯେତେବେଳେ ବେଙ୍ଗାଲୁରୁରେ ଟ୍ରାଫିକ୍ ଭିଡ଼କୁ ହ୍ରାସ କରିବା ପାଇଁ ବିତର୍କ ଚାଲିଛି ସେତେବେଳେ ମୁଖ୍ୟମନ୍ତ୍ରୀ ଡି. ଶିବକୁମାର ଏଭଳି ଏକ ଜନହିତକର ନିଷ୍ପତ୍ତି ନେଇଛନ୍ତି।

## ଶାଢ଼ି ବିଡ଼ା ତଳେ ଲୁଚିଥିଲେ ଟିଏମ୍‌ସି ନେତା



କୋଲକାତା,୭।୬:ପଶ୍ଚିମବଙ୍ଗ ହାଓ୍ୱଡା ଜିଲ୍ଲା ତୃଣମୂଳ କଂଗ୍ରେସର ଜଣେ ନେତାଙ୍କ ଗିରଫଦାରୀର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପୁଲିସଠୁ ବର୍ତ୍ତିବା ପାଇଁ ସେ ଏକ ଲୁଗା ଦୋକାନର ଷ୍ଟୋରରୁମରେ ଗଦା ହୋଇଥିବା ଶାଢି ବିଡ଼ା ତଳେ ଲୁଚି ଥିଲେ ଟିଏମସି ନେତା ବ୍ରହ୍ମାନନ୍ଦ ଚକ୍ରବର୍ତ୍ତୀ। ହେଲେ ପୁଲିସ୍ ନଜରରୁ ଖସି ପାରିନାହାନ୍ତି। ପୁଲିସ୍ ଶାଢୀ ବଣ୍ଡଲ୍ ହଟାଇ ଟିଏମସି ନେତାଙ୍କୁ ଗିରଫ କରିଛି।

**ହେଲେ ପୁଲିସ ନଜରରୁ ବର୍ତ୍ତିପାରିଲେନି**

ଏହି ଘଟଣା ହାଓ୍ୱଡ଼ା ଉଦୟନାରାୟଣପୁର ଥାନା ବିଳାସପୁର ଅଞ୍ଚଳରେ ଘଟିଥିବା ଜଣାପଡିଛି। ଗିରଫ ବ୍ୟକ୍ତିଙ୍କୁ ସ୍ଥାନୀୟ ତୃଣମୂଳ କଂଗ୍ରେସ ନେତା ବ୍ରହ୍ମାନନ୍ଦ ଚକ୍ରବର୍ତ୍ତୀ ବୋଲି ଚିହ୍ନଟ କରାଯାଇଛି। ସ୍ଥାନୀୟ ବାସିନ୍ଦାମାନେ ତାଙ୍କ ଉପରେ ସରକାରୀ ଆବାସ ଯୋଜନା ପାଣ୍ଠିରୁ ବଟି ଆଦାୟ କରିବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ, ପୁଲିସ୍ ବ୍ରହ୍ମାନନ୍ଦଙ୍କୁ ଖୋଜିବାକୁ ପହଞ୍ଚିଥିଲା। ଗିରଫ ଭୟରେ ବ୍ରହ୍ମାନନ୍ଦ ଚକ୍ରବର୍ତ୍ତୀ ଏକ କପଡ଼ା ଦୋକାନ ଭିତରେ ଏକ ବଡ଼ ଶାଢ଼ି ଗଦା ତଳେ ଲୁଚି ରହିଥିଲେ। ପୁଲିସ ତଲାସି କରିବା ପରେ ସନ୍ଦେହ ହୋଇଥିଲା ଏବଂ ଶାଢ଼ି ଗଦାକୁ ହଟାଇ ଦେଇଥିଲା। ବ୍ରହ୍ମାନନ୍ଦ ଚକ୍ରବର୍ତ୍ତୀ ଗଦା ତଳେ ଲୁଚି ରହିଥିବାର ଦେଖିବାକୁ ମିଳିଥିଲା। ପୁଲିସ ତାଙ୍କୁ ଗିରଫ କରିଛି।

ଏହି ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସୂତ୍ର ଅନୁସାରେ ବ୍ରହ୍ମାନନ୍ଦ ଚକ୍ରବର୍ତ୍ତୀ ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନର୍ବାଚନ ପରେ ହୋଇଥିବା ରାଜନୈତିକ ହିଂସା ସହିତ ଜଡ଼ିତ ଅଭିଯୋଗର ମଧ୍ୟ ସମ୍ମୁଖୀନ ହୋଇଛନ୍ତି। ଏହି ମାମଲାରେ ପୁଲିସ ବ୍ରହ୍ମାନନ୍ଦ ଚକ୍ରବର୍ତ୍ତୀଙ୍କୁ ମଧ୍ୟ ଖୋଜୁଥିଲା। ପୁଲିସ ଅଧିକାରୀମାନେ କହିଛନ୍ତି ଯେ, ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଆଧାରରେ, ବ୍ରହ୍ମାନନ୍ଦ ଚକ୍ରବର୍ତ୍ତୀଙ୍କ ବିରୋଧରେ ଅଭିଯୋଗର ତଦନ୍ତ ଚାଲିଛି।

### ଦିନେ ଖଟିଲେ ଖାଇବେ ମାସେ

## ଟେଲରିଂରେ ଘଣ୍ଟାକୁ ରୋଜଗାର ଅଢ଼େଇ ହଜାର




ୱାଶିଂଟନ୍, ୭।୬:ସୋସିଆଲ ମିଡିଆରେ ଏକ ଭିଡିଓ ଏବେ ବେଶ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓଟି ଆମେରିକାରୁ ଜଣେ ଭାରତୀୟ ମହିଳା ପୋଷ୍ଟ କରିଛନ୍ତି। ଏହି ଭିଡିଓରେ ସେ ଆମେରିକାରେ ଜଣେ ଟେଲର କେତେ ରୋଜଗାର କରନ୍ତି ସେ ସମ୍ପର୍କରେ ପ୍ରକାଶ କରିଛନ୍ତି। ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବାବେଳେ ରୋଜଗାର ସମ୍ପର୍କରେ ଶୁଣିଲେ ଅନେକଙ୍କ ଆଶ୍ଚର୍ଯ୍ୟ ମଧ୍ୟ ହେଉଛନ୍ତି। କାରଣ ଆମେ ଏଠାରେ ସାଧାରଣ ଟେଲରମାନେ କେତେ ରୋଜଗାର କରନ୍ତି ତାହା ସମସ୍ତଙ୍କୁ ଜଣା।

କହି ରଖୁଛୁ କି, ଆମେରିକାରେ ଟେଲରିଂ କେବଳ ଏକ ସମ୍ମାନଜନକ କାମ ନୁହେଁ ବରଂ ଭଲ ରୋଜଗାର ମଧ୍ୟ ଦେଇଥାଏ। ଭିଡିଓ ସେୟାର କରିଥିବା ମହିଳା ଜଣକ ହେଉଛନ୍ତି କୋମଲ ପାଣ୍ଡେ। ଏହି ଭିଡିଓରେ ସେ କହିଛନ୍ତି କି, ଯେଉଁମାନଙ୍କର ଟେଲରିଂରେ ଭଲ ଅଭିଜ୍ଞତା ଅଛି ଆମେରିକାରେ ସେମାନଙ୍କ ପାଇଁ ଭଲ ରୋଜଗାର ସୁଯୋଗ ଥିବା ସମ୍ପର୍କରେ ପ୍ରକାଶ କରିଛନ୍ତି। କହିଛନ୍ତି କି, ଭାରତ ଅପେକ୍ଷାରେ ଏଠାରେ ବହୁ ଅଧିକ ଦରମା ମିଳିବ ବୋଲି ପ୍ରକାଶ କରିଛନ୍ତି।

କୋମଲ ଏହି ଭିଡିଓରେ କହିଛନ୍ତି କି, ଆମେରିକାରେ ଜଣେ ଦର୍ଜି ପ୍ରତି ଘଣ୍ଟାରେ ହାରାହାରି ଭାରତୀୟ ମୁଦ୍ରାରେ ୨୨ଶହରୁ ୨୩ ଶହ ଟଙ୍କା ରୋଜଗାର କରିପାରିବେ। ଭାରତରେ ଦିନକରେ ଜଣେ ଟେଲର ଯେତିକି ରୋଜଗାର କରନ୍ତି ସେଠାରେ ଗୋଟିଏ ଘଣ୍ଟାରେ ରୋଜଗାର ହୋଇଥାଏ। ଏହାସହ ଡିଜାଇନ ଏବଂ ଫିଟିଂ ପାଇଁ ମଧ୍ୟ ଅଧିକ ଟଙ୍କା ପାଇପାରିବେ। ଉଦାହରଣ ସ୍ୱରୂପ ଜିନ୍ସର ଲମ୍ବ କମ୍ କିମ୍ବା ଏହାର ଫିଟିଂ ପାଇଁ ଭାରତୀୟ ମୁଦ୍ରାରେ ୩୫ଶହରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରନ୍ତି। ଏହାସହ ସେ ଭିଡିଓରେ ପ୍ରକାଶ କରିଛନ୍ତି କି, ସମସ୍ତ ଲୋକଙ୍କ ପାଇଁ ଫିଟିଂ ପୋଷାକ ମିଳିନଥାଏ। ଏଣୁ ଫିଟିଂରେ ଭଲ ରୋଜଗାର ରହିଛି।

## ହିଜବୁଲ୍ଲାର ୧୫୦ ଆଡ୍ଡାରେ ହମ୍‌ଲା

### ୩ ସେନା ଅଧିକାରୀଙ୍କ ସମେତ ୯ ମୃତ



ନୂଆଦିଲ୍ଲୀ, ୭।୬: ଯୁଦ୍ଧବିରତି ସତ୍ତ୍ୱେ ଲେବାନନ ଉପରେ ଆକ୍ରମଣ ଜାରି ରଖିଛି ଇସ୍ରାଏଲ୍। ଶୁକ୍ରବାର ଏହାର ହମଲାରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଆଜି ଭୀଷଣ ଏୟାର ଷ୍ଟ୍ରାଇକ୍ ଦ୍ୱାରା ଲେବାନନର ୩ ସେନା ଅଧିକାରୀଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ୩ ସେନା ଅଧିକାରୀଙ୍କ ମଧ୍ୟରେ ଜଣେ ବ୍ରିଗେଡିୟର ଜେନେରାଲ, ଜଣେ କ୍ୟାପ୍ଟେନ୍ ଏବଂ ଜଣେ ସୈନିକ ରହିଛନ୍ତି। ଦୁଇଦିନରେ ୩୦ ଜଣଙ୍କ ମୃତ୍ୟୁ ଘଟିଛି। ଆମେରିକା ମଧ୍ୟସ୍ଥତାରେ ଆଲୋଚନା ସମୟରେ ଦୁଇ ଦେଶ ସର୍ତ୍ତମୂଳକ ଯୁଦ୍ଧବିରତି ପାଇଁ ରାଜି ହେବାର କିଛି ଦିନ ପରେ ଦକ୍ଷିଣ ଲେବାନନରେ ଇସ୍ରାଏଲୀ ସେନା ପ୍ରଚଣ୍ଡ ଆକ୍ରମଣ କରିଛି। ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଆଉନ୍ ଏହି ଆକ୍ରମଣକୁ ନିନ୍ଦା କରି ଏହାକୁ ଲେବାନନ୍ ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ଆଇନ ଏବଂ ମାନଦଣ୍ଡର ଏକ ଖୋଲା ଉଲ୍ଲଂଘନ ବୋଲି କହିଛନ୍ତି। ସେହିପରି ଲେବାନନ୍ ପ୍ରଧାନମନ୍ତ୍ରୀ ନୱାଫ୍ ସଲାମ୍ ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି।

ଲେବାନନ ସେନା କହିଛି, ଶନିବାର ସକାଳେ ନବାତିୟେହ ଏବଂ ମରଜାୟୌନକୁ ଯୋଡୁଥିବା ସଡ଼କ ଉପରେ ଏୟାର ଷ୍ଟ୍ରାଇକ୍ ହେବା ଦ୍ୱାରା ୩ ଜଣ ସେନାଧିକାରୀ ପ୍ରାଣ ହରାଇଛନ୍ତି। ସେହିଭଳି ସକ୍ସାକିୟାହ ଗ୍ରାମ ଉପରେ ହୋଇଥିବା ଦ୍ୱିତୀୟ ଆକ୍ରମଣରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ବିବୃତିରେ ସେନା କହିଛି, ଇସ୍ରାଏଲ୍‌ର ସେନା ଲଗାତର ଆକ୍ରମଣ କରୁଛି। ତଥାପି ଆମର ମନୋବଳ ଦୁର୍ବଳ ପଡ଼ିବ ନାହିଁ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ବୋରିଗୁମ୍ମା,୭।୬ (ସଂଚାର ବ୍ୟୁରୋ): ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବି. ସିଂହପୁର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକର ମୋଟ ୩ ଗୋଟି ଏବଂ ସମଗ୍ର ରାଜ୍ୟରେ ୨୦୪ଟି ଗୋଦାବରୀଶ ପ୍ରାଥମିକ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ସୂଚନା ମିଳିଛି। ବି. ସିଂହପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏକିଭଡ଼ିଅର୍ପିତା ପ୍ରଧାନ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ନୃସିଂହ ନାଥ ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ



ବାଲିଆପାଳ,୭।୬ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମୁକୁଲିଶି ପଂଚାୟତର କୋଠିଆ ରାଇମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ସରକାର ଦ୍ୱିତୀୟ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୋହନ ମାଝୀ ସରକାର ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଇ ପ୍ରଥମ ପର୍ଯ୍ୟାୟରେ ୧୧୮ଟି ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ଘୋଷଣା କରିଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୋନାଲି ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁଭାସିନୀ ଜେନା, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିହିର କୁମାର ଦାସ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଞ୍ଜଳି ଦାସ,ସରପଞ୍ଚ ଅମିତ କୁମାର ବିଶ୍ୱାଳ,ଆଦର୍ଶ ଶିକ୍ଷକ ସୁଦିପ କୁମାର ପ୍ରଧାନ,ପରିଚାଳନା କମିଟି ର ସଦସ୍ୟ ଦିଲ୍ଲୀପ କୁମାର ପାତ୍ର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିବାଜୀ ପାତ୍ର ପ୍ରମୁଖ ଯୋଗ ଦେଇ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ସରକାରଙ୍କର ଏହା ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ।

## ବ୍ଲକ ଠିକାଦାର ସଂଘ ବୈଠକ



ହିଞ୍ଜିଳିକାଟୁ,୭।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ନିକଟସ୍ଥ ମା' କରେଇଶୁଣି ପୀଠ ପରିସରରେ ହିଞ୍ଜିଳି ବ୍ଲକ ଠିକାଦାର ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସରକାରୀ ନିର୍ମାଣ କାର୍ଯ୍ୟରେ ଠିକାଦାରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଠିକାଦାରମାନେ ଏକତ୍ରିତ ହୋଇ ସଂଘର ସାଂଗଠନିକ ସୁଦୃଢ଼ତା ଓ ପଦାଧିକାରୀ ଚୟନ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସମସ୍ତେ ସରକାରଙ୍କ ନିର୍ଦ୍ଧାରିତ ଦରରେ ଟେଣ୍ଡର ପକାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୌରାଞ୍ଚଳ ଓ ବ୍ଲକ ଅଞ୍ଚଳରେ ଚାଲିଥିବା କାମରେ କମ ଦରରେ କାମ ପାଇଁ ଟେଣ୍ଡର ପକାଉଥିବାକୁ ସମସ୍ତେ ବିରୋଧ କରିବା, ଉନ୍ନତ ମାନର କାମ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଆଜିର ବୈଠକରେ ୫୦ରୁ ଊର୍ଦ୍ଧ୍ୱ ଠିକାଦାର ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଜନଜାତି ସୁରକ୍ଷା ମଞ୍ଚର ବାର୍ଷିକ ବୈଠକ



ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୭।୬ (ସଂଚାର ବ୍ୟୁରୋ): ତେନ୍ତୁଳିଖୁଣ୍ଟି ବ୍ଲକ ପୁଜାରୀଗୁଡା ଗ୍ରାମ ର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ତେନ୍ତୁଳିଖୁଣ୍ଟି ବ୍ଲକ ଜନଜାତି ସୁରକ୍ଷା ମଞ୍ଚର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ଗୋଟି ଆଦିବାସୀ ସଂପ୍ରଦାୟ ର ବ୍ୟକ୍ତି ବିଶେଷ ମାନେ ଉପସ୍ଥିତ ରହି ଜନଜାତିଙ୍କ ଜୀବନଜୀବିକା ତଥା ସଂଗଠନ କୁ ସୁଦୃଢ଼ କରିବା ପାଇଁ ମତାମତ ଦେଇଥିଲେ। ବିଶେଷ କରି ଶିକ୍ଷା, ସଂସ୍କୃତି ଓ ମଦ ବିରୋଧୀ ଆନ୍ଦୋଳନ କୁ ସଫଳ କରିବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲା ସମ୍ପାଦକ ଲକ୍ଷ୍ମଣ ମାଝି, ସଂଗଠକ ଜଗନ୍ନାଥ ଭତରା, ବ୍ଲକ ସଭାପତି ଫଗନୁ ଜାନୀ , ଦୁଷ୍ମନ୍ତ ନାୟକ, ବାବୁଲା ନାୟକ, ତ୍ରିନାଥ ନାୟକ, କାର୍ତ୍ତିକ ଜାନୀ, ଗୋପିନାଥ ଜାନୀ, ହରିହର ବେହେରା ଓ ବିଭିନ୍ନ ସମାଜ ର ସଭାପତି ମାନେ ଯୋଗଦାନ କରିଥିଲେ।

## ସ୍କୁଲ ପିଲାଙ୍କ କ୍ଲାସରୁମରେ ଏବେ ଚୁନାବ ପାଠଶାଳା



ମାଲକାନଗିରି,୭।୬ (ସଂଚାର ବ୍ୟୁରୋ): ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ମାରାଥନ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ଜିଲ୍ଲାର ବିଭିନ୍ନ ବ୍ଲକରେ ବଡ଼ ଧରଣର ସମୀକ୍ଷା ବୈଠକ ସହ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।୧୪୭-ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଇଆରଓ ସୋମନାଥ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ମାଥିଲି ବ୍ଲକଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଭୋଟର ତାଲିକାଭୁକ୍ତ ଫର୍ମ ବଣ୍ଟନ ଓ ସ୍ପେଶାଲ ଇନଟେନସିଭ ରେଭିଜ୍ୟୁସନ ର ଅଗ୍ରଗତି ସମୀକ୍ଷା କରାଯିବା ସହ କ୍ଷେତ୍ରରେ ଆସୁଥିବା ସମସ୍ତ ସନ୍ଦେହ ଦୂର ପାଇଁ ଏକ ଡାଉଟ୍ କ୍ଲିଅର ସେସନ୍ କରାଯାଇଥିଲା। ଏହି ବୈଠକରେ ମାଥିଲି ବିଡିଓ, ସହକାରୀ ଜିଲ୍ଲାପାଳ ନିର୍ବାଚନ ଓ ନୋଡାଲ ଅଫିସରମାନେ ସାମିଲ ଥିଲେ। ଅନ୍ୟପଟେ ଚିତ୍ରକୋଣ୍ଡା ବ୍ଲକରେ ନିର୍ବାଚନ କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯିବନାହିଁ। ଯେଉଁ ବୁଥ ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନଙ୍କର ପ୍ରଦର୍ଶନ ୫୦ ପ୍ରତିଶତରୁ କମ୍ ରହିଥିଲା, ସେମାନଙ୍କୁ ନେଇ ଚିତ୍ରକୋଣ୍ଡା ବିଡିଓ, ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଏକ କଡ଼ା ଅଭିମୁଖ୍ୟ ସହ ସମୀକ୍ଷା କରିଛନ୍ତି ଏବଂ କାର୍ଯ୍ୟରେ ତୁରନ୍ତ ସୁଧାର ଆଣିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।ଭୋଟରମାନଙ୍କୁ ସଚେତନ କରିବା ପାଇଁ ୧୪୭-ମାଲକାନଗିରି ନିର୍ବାଚନ ମଣ୍ଡଳୀର ଉପ ଜିଲ୍ଲାପାଳ ତଥା ଇଆରଓ ଦୁର୍ଯ୍ୟୋଧନ ଭୋଇ ସ୍ୱୟଂ ମଇଦାନକୁ ଓହ୍ଲାଇଛନ୍ତି।ଆଜି ମାଲକାନଗିରି ସ୍କୁଲ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବି.ବି.ଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଚୁନାବ ପାଠଶାଳା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଭୋଟର ପଞ୍ଜୀକରଣ ଏବଂ ଗଣତନ୍ତ୍ରରେ ସେମାନଙ୍କ ଅଧିକାର ବିଷୟରେ ଶିକ୍ଷା ଦିଆଯାଇଛି।

### ନୂଆ ବସଷ୍ଟାଣ୍ଡ ପୁରୁଣା ଅଭ୍ୟାସ

# ଷ୍ଟାଣ୍ଡ ଛାଡ଼ି ରାସ୍ତାରେ ଛିଡ଼ାହେଉଛି ବସ୍

### କୋଟିଏ ଟଙ୍କାର ବସଷ୍ଟାଣ୍ଡ ଖାଲି
### ବଢ଼ୁଛି ଯାତାୟାତ ସମସ୍ୟା
### ଫସୁଛି ଆମ୍ବୁଲାନ୍ସ; ପ୍ରଶାସନ ନୀରବ




କାକଟପୁର/ଅସ୍ତରଙ୍ଗ,୭।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ହେଉଛି ମା' ମଙ୍ଗଳାଙ୍କ ପାଇଁ ପ୍ରସିଦ୍ଧ। ରାଜ୍ୟ ତଥା କୋଣ ଅନୁକୋଣରୁ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁ ଆସୁଥିବା ବେଳେ ଅସ୍ତରଙ୍ଗରୁ ଭୁବନେଶ୍ୱର, କଟକ, ପାରାଦ୍ୱୀପ ଗମନାଗମନ ପାଇଁ କାକଟପୁର ହେଉଛି ମୁଖ୍ୟ ରାସ୍ତା। ଟ୍ରାଫିକ ସମସ୍ୟା ଦୂର କରିବାକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କାକଟପୁରରେ ନୂଆ ବସଷ୍ଟାଣ୍ଡ ତିଆରି କଲେ। ହେଲେ କିଛି ମାସ ହେଲା ଉଦ୍‌ଘାଟନ ହୋଇଥିବା ସେହି ବସଷ୍ଟାଣ୍ଡ ଖାଁ ଖାଁ। ଯାତ୍ରୀ ଆଣିବା ବାହାନାରେ ଘରୋଇ ବସଗୁଡିକ ନୂଆ ବସଷ୍ଟାଣ୍ଡରୁ ବାହାରି ସିଧା ଥାନା ନିକଟରେ ଆସି ରାସ୍ତା ଉପରେ ଲମ୍ବା ହୋଇ ଠିଆ ହେଉଛନ୍ତି। ଫଳରେ ମୁଖ୍ୟ ରାସ୍ତାରେ ଦିନରାତି ଟ୍ରାଫିକ ଜାମ ଲାଗିରହୁଛି।

କାକଟପୁର ମୁଖ୍ୟ ବଜାରରୁ ଥାନା ଛକ, ମା' ମଙ୍ଗଳା ମନ୍ଦିର ଛକ ପର୍ଯ୍ୟନ୍ତ ପ୍ରାୟ ୨ଶହ ମିଟର ରାସ୍ତାରେ ସବୁବେଳେ ୫ରୁ ୭ଟି ବସ ଠିଆ ହେଉଛନ୍ତି। ପ୍ରତି ବସ ୨୦ରୁ ୩୦ମିନିଟ ଯାଏଁ ଯାତ୍ରୀ ଡାକୁଛନ୍ତି। ଗତ କିଛି ସପ୍ତାହତଳେ ହୃଦଘାତ ରୋଗୀ ନେଇ ଯାଉଥିବା ଏକ ଆମ୍ବୁଲାନ୍ସ ୧୫ମିନିଟ ଥାନା ଛକରେ ଫସିରହିଲା। ସ୍ଥାନୀୟ ଲୋକ ବସ ହଟାଇବା ପରେ ଆମ୍ବୁଲାନ୍ସ ଗଲା। ୮କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ତିଆରି ନୂଆ ବସଷ୍ଟାଣ୍ଡରେ ଶୌଚାଳୟ, ପାନୀୟ ଜଳ, ବିଶ୍ରାମ ଗୃହ, ଟିକେଟ କାଉଣ୍ଟର ସବୁ ଅଛି। ହେଲେ ଦିନକୁ କିଛି ବସ ସେଠାକୁ ଯାଉଥିବା ବେଳେ ଅଳ୍ପ କେତୋଟି ବସ ନିୟମ ମାନି ସେଠାକୁ ଯାଉନାହାନ୍ତି।

ନାମ ଗୋପନ ରଖିବା ସର୍ତ୍ତରେ ଜଣେ ବସ ମାଲିକ କହିଲେ, "ନୂଆ ଷ୍ଟାଣ୍ଡରୁ କାକଟପୁର ମୁଖ୍ୟ ବଜାର ପାଖାପାଖି ୧କିମି ଦୂରରେ। ଯାତ୍ରୀ ସେଠାକୁ ଯାଉନାହାନ୍ତି। ଆମେ ଖାଲି ବସ ନେଇ କ'ଣ କରିବୁ? ଥାନା ଛକରୁ ହିଁ ସବୁ ଯାତ୍ରୀ ଉଠୁଛନ୍ତି। ସ୍ଥାନୀୟ ଲୋକ ତଥା ବ୍ୟବସାୟୀ ସନାତନ ସାହୁ କୁହନ୍ତି, "ସକାଳ ୮ରୁ ରାତି ୮ ଯାଏଁ ରାସ୍ତା ଜାମ। ସ୍କୁଲ ପିଲା, ରୋଗୀ, ଅଫିସ ବାବୁ ସମସ୍ତେ ହଇରାଣ। ପୁଲିସ ଥାନା ଆଗରେ ହିଁ ବସ ଠିଆ ହେଉଛି, ହେଲେ ପୁଲିସ ନୀରବ।

ଏହାର ସମାଧାନ ପାଇଁ କାକଟପୁର ମୁଖ୍ୟ ବଜାରରୁ ଥାନା ଛକ, ଥାନା ଛକରୁ ମଙ୍ଗଳା ଛକ ଯାଏଁ 'ନୋ-ପାର୍କିଂ, ନୋ-ହଲ୍ଟିଂ' ବୋର୍ଡ ଲଗାଇ କଡାକଡି କରାଯାଉ। ମୁଖ୍ୟ ଛକରେ ସିସିଟିଭି ଲଗାଇ ନିୟମ ଭାଙ୍ଗୁଥିବା ବସର ଇ-ଚାଲାଣ କଟାଯାଉ।

### ଗୌରାଙ୍ଗ ହତ୍ୟା ଘଟଣା

## ଅଭିଯୁକ୍ତଙ୍କୁ ନେଇ ସିନ ରିକ୍ରିଏସନ୍ କଲା ପୁଲିସ



ଲୁହା ରଡରେ ପିଟି ପିଟି କରିଥିଲେ ହତ୍ୟା

ଆଳି,୭।୬ (ସଂଚାର ବ୍ୟୁରୋ): ଆଳି ମହାଦେଇପାଟଣା ଗ୍ରାମର ଗୌରାଙ୍ଗ ହତ୍ୟାକାଣ୍ଡ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ନେଇ ପୋଲିସର ତନାଘନା ଆରମ୍ଭ ହୋଇଛି। କେନ୍ଦ୍ରାପଡା ପୋଲିସ ପକ୍ଷରୁ ତିନି ଅଭିଯୁକ୍ତଙ୍କୁ ଆଳି ଥାନାରୁ ନେଇ ମୃତଦେହ ପଡ଼ିଥିବା ପେତପଡ଼ା ନମାଣିଆରେ ପହଞ୍ଚି ସିନ୍ ରିକ୍ରିଏଶନ କରିଛନ୍ତି। ଅଭିଯୁକ୍ତ ମାନେ କିଭଳି ଭାବେ ଗୌରାଙ୍ଗଙ୍କୁ ହତ୍ୟାକଲେ ଓ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର କେଉଁଠି ପକାଇଛନ୍ତି ତାହା ଦେଖାଇବା ସହ ସମସ୍ତ ଘଟଣା ଜଣାଇଛନ୍ତି। ଘଟଣାସ୍ଥଳରୁ ଏକ ଲୁହାରଡ୍ ଜବତ ହେବା ସହ ଭଙ୍ଗା ମଦ ବୋତଲ ଜବତ ହୋଇଛି। ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସମେତ ୬ଜଣଙ୍କୁ ଅଟକ ରଖି ତନାଘନା ତଦନ୍ତ ଚଳାଇଛି ପୋଲିସ। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଆଡିଶନାଲ ଏସ୍‌ପି, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ, ଆଳି ଆଇଆଇସି, ସାଇଣ୍ଟିଫିକ ଟିମ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।

### ପାଟକୁରା ଥାନାରେ ନିଆରା ବାର୍ତ୍ତା

## ପ୍ରତିଦିନ ହେଉ ସାଇକେଲ ଦିବସ




ଗରଦପୁର,୭।୬ (ସଂଚାର ବ୍ୟୁରୋ): ବିଶ୍ୱ ସାଇକେଲ ଦିବସ ଅବସରରେ ସାଇକେଲ ରାଲି କଲେ ଥାନା ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ। ଏହା ସତରେ ଏକ ଅତି ପ୍ରଶଂସନୀୟ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶ୍ୱ ସାଇକେଲ ଦିବସ ଅବସରରେ ପଟକୁରା ଥାନା ଅଧିକାରୀ ଏବଂ ସମସ୍ତ କର୍ମଚାରୀଙ୍କ ଦ୍ୱାରା ଆୟୋଜିତ ଏହି ସାଇକେଲ ରାଲି ସମାଜକୁ ଏକ ନିଆରା ଓ ସକାରାତ୍ମକ ବାର୍ତ୍ତା ଦେଉଛି। "ପ୍ରତିଦିନ ହେଉ ସାଇକେଲ ଦିବସ"।ଏହି ଚିନ୍ତାଧାରା ଆଜିର ସମୟରେ ଅତ୍ୟନ୍ତ ପ୍ରାସଙ୍ଗିକ। ଏହି ପ୍ରୟାସ ଦ୍ୱାରା ମୁଖ୍ୟତଃ ୩ଟି ବଡ଼ ଲାଭ ହୋଇପାରିବ।

ପ୍ରଥମ ଲାଭ ସ୍ୱାସ୍ଥ୍ୟ ଓ ସଚେତନତା: ପୋଲିସ କର୍ମଚାରୀମାନଙ୍କର ବ୍ୟସ୍ତବହୁଳ ଜୀବନଶୈଳୀ ମଧ୍ୟରେ ସାଇକେଲ ଚଳାଇବା ଦ୍ୱାରା ସେମାନଙ୍କର ଶାରୀରିକ ସୁସ୍ଥତା ବଜାୟ ରହିବ ଏବଂ ସାଧାରଣ ଲୋକେ ମଧ୍ୟ ଏହାକୁ ଦେଖି ଅନୁପ୍ରାଣିତ ହେବେ। ଦ୍ୱିତୀୟ ଲାଭ ପରିବେଶ ସୁରକ୍ଷା ପ୍ରଦୂଷଣ କମାଇବା ଏବଂ ଗ୍ରୀନହାଉସ ଗ୍ୟାସ ନିର୍ଗମନକୁ ରୋକିବାରେ ସାଇକେଲ ଏକ ଶ୍ରେଷ୍ଠ ମାଧ୍ୟମ ଓ ତୃତୀୟ ଲାଭ ଜନସାଧାରଣଙ୍କ ସହ ସୁସମ୍ପର୍କ : ପୋଲିସ ଯେତେବେଳେ ଗାଡ଼ି ମୋଟର ଛାଡ଼ି ସାଧାରଣ ଲୋକଙ୍କ ଭଳି ସାଇକେଲରେ ବୁଲିବ, ସେତେବେଳେ ଲୋକଙ୍କ ସହ ସେମାନଙ୍କର ସମ୍ପର୍କ ଆହୁରି ନିବିଡ଼ ହେବ। ପଟକୁରା ଥାନାର ଏହି ଅଭିନବ ପ୍ରୟାସ ଅନ୍ୟ ସମସ୍ତ ଥାନା ଏବଂ ସରକାରୀ ବିଭାଗ ପାଇଁ ନିଶ୍ଚିତ ଭାବରେ ଏକ ପ୍ରେରଣା ଦାୟକ ହୋଇପାରିଛି।

## ସୂଚନା ଦେଉନି ମହାକାଳପଡ଼ା ତହସିଲ

### ସରକାରଙ୍କୁ ବଦନାମ କରୁଛନ୍ତି ଅଧିକାରୀ




ମହାକାଳପଡ଼ା, ୭।୬ (ସଂଚାର ବ୍ୟୁରୋ): ସୂଚନା ଅଧିକାର ଆଇନରେ ମଗାଯାଇଥିବା ତଥ୍ୟ ମହାକାଳପଡ଼ା ତହସିଲ କାର୍ଯ୍ୟାଳୟରୁ ମିଳି ପାରୁନାହିଁ। ଦୀର୍ଘ ଏକମାସ ପରେ ମଧ୍ୟ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ କାହିଁକି ତଥ୍ୟ ପ୍ରଦାନ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ।ରାଜ୍ୟ ସରକାର ସମସ୍ତ ସରକାରୀ କର୍ମଚାରୀଙ୍କୁ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରି ସହଯୋଗ କରିବାକୁ ନିର୍ଦ୍ଦେଶ ଦେଉଥିବା ବେଳେ କିଛି କର୍ମଚାରୀଙ୍କ ଗାଲୁଆ ମନୋବୃତ୍ତି ପାଇଁ ସରକାରଙ୍କ ବ୍ୟବସ୍ଥା ଉପରେ ଭରଷା ତୁଟୁଥିବା ସେ କହିଛନ୍ତି।

ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ତହସିଲ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀମାନଙ୍କ ସମ୍ବନ୍ଧରେ କିଛି ତଥ୍ୟ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ ବଳରେ ଆବେଦନ କରିଥିଲେ ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ। ସମ୍ପୃକ୍ତ ତଥ୍ୟ ସେଠାରେ ଉପଲବ୍ଧ ନଥିବାରୁ ନିୟମ ଅନୁଯାୟୀ ଆବେଦନଟିକୁ ମହାକାଳପଡ଼ା ତହସିଲ୍ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆବେଦନକାରୀଙ୍କୁ ଚାହିଁଥିବା ସୂଚନା ପ୍ରଦାନ କରାଯାଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସ୍ଥାନାନ୍ତରିତ ଆବେଦନର ମଧ୍ୟ ସମୟୋପଯୋଗୀ ସମାଧାନ ନ ହେବାରୁ ଆରଟିଆଇ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିଛି। ସାଧାରଣ ନାଗରିକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରକ୍ରିୟା କେତେ ଦ୍ରୁତ ଓ ସ୍ୱଚ୍ଛ ଭାବେ କାର୍ଯ୍ୟକରୀ ହେଉଛି, ତାହାକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି।ତେବେ ଏହି ଅଭିଯୋଗ ସମ୍ପର୍କରେ ମହାକାଳପଡ଼ା ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରଶାସନ ଏହି ମାମଲାରେ କେବେ ସ୍ପଷ୍ଟୀକରଣ ଦେବ ଏବଂ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବ ତାହା ଦେଖିବାକୁ ବାକି ରହିଲା।

## ମୃତ ଦାଦନ ଶ୍ରମିକଙ୍କ ପରିବାରକୁ ବିଧାୟକଙ୍କ ସହାୟତା



ପୋଡ଼ାଗଡ଼, ୭।୬ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ପଞ୍ଚାୟତର ଆଦିବାସୀ ସାହିର ବାସିନ୍ଦା ଦେବରାଜ ଭୋଇ (୪୪) ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଇଥିବା ବେଳେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ତାଙ୍କ ମୃତଦେହ ଆନ୍ଧ୍ରପ୍ରଦେଶର ପାଲାସା ରେଳ ଷ୍ଟେସନ ନିକଟରୁ ଉଦ୍ଧାର କରାଯାଇଥିଲା। ପାଲାସା ରେଳବାଇ ପୁଲିସ ମୃତକଙ୍କ ମୋବାଇଲ ଫୋନରୁ ପରିବାର ଓ ଗ୍ରାମବାସୀଙ୍କ ସହ ଯୋଗାଯୋଗ କରିଥିଲେ। ଖବର ପାଇବା ପରେ ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କ ସହ ପୋଡ଼ାଗଡ଼ ସରପଞ୍ଚଙ୍କ ସ୍ୱାମୀ ଚୟତନ ଭୋଇ ପାଲାସାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ପରେ ଶବ ବ୍ୟବଚ୍ଛେଦ ସମ୍ପନ୍ନ ହେବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ମୃତଦେହକୁ ନିଜ ଗାଁକୁ ଆଣିବା ପାଇଁ ପରିବାର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ।

ଏହି ପରିସ୍ଥିତିରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ବିଧାୟକ ତୁରନ୍ତ ସହଯୋଗର ହାତ ବଢ଼ାଇ ମୃତଦେହକୁ ଗାଁକୁ ଆଣିବା ପାଇଁ ଆବଶ୍ୟକ ସମସ୍ତ ଖର୍ଚ୍ଚ ବହନ କରିଥିବା ଜଣାପଡ଼ିଛି। ସରପଞ୍ଚଙ୍କ ସ୍ୱାମୀ ଚୟତନ ଭୋଇ କହିଛନ୍ତି ଯେ, ଯେଉଁଠାରେ ପ୍ରଶାସନର ସହାୟତା ମିଳୁନାହିଁ, ସେଠାରେ ବିଧାୟକଙ୍କ ଏଭଳି ମାନବିକ ପଦକ୍ଷେପ ଆମକୁ ସାହସ ଓ ବଳ ଦେଇଛି।

ପୂର୍ବରୁ ମଧ୍ୟ ଜଣେ ଦାଦନ ଶ୍ରମିକଙ୍କୁ ସଙ୍କଟମୟ ପରିସ୍ଥିତିରୁ ଉଦ୍ଧାର କରିବାରେ ବିଧାୟକ ସହଯୋଗ କରିଥିବା ଚର୍ଚ୍ଚା ହୋଇଥିଲା। ଦାଦନ ଶ୍ରମିକମାନଙ୍କ ସମସ୍ୟା ଓ ଦୁର୍ଘଟଣା ଘଟଣାରେ ପ୍ରଶାସନର ତତ୍ପରତା ନେଇ ପ୍ରଶ୍ନ ଉଠୁଥିବା ବେଳେ ବିଧାୟକଙ୍କ ଏହି ସହାୟତାମୂଳକ କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରୁଛନ୍ତି।

## ସଡ଼କ ଦୁର୍ଘଟଣାରେ ରେଲୱେ କନଷ୍ଟେବଲ ମୃତ



ଧାମନଗର, ୭।୬ (ସଂଚାର ବ୍ୟୁରୋ): ଧାମନଗର ଭଦ୍ରକ ଜିଲ୍ଲାର ଜାତୀୟ ରାଜପଥ ବହୁଦରଡା ଛକ ନିକଟ ଏନଏଚ-୧୬ରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ସୂଚନା ଅନୁଯାୟୀ ଏହି ଅଘଟଣରେ ରେଲୱେ ବିଭାଗର କନେଷ୍ଟେବଲ ତ୍ରିଲୋଚନ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଘଟଣା ସ୍ଥଳରେ ଜୀବନ ଚାଲି ଯାଇଥିବାର ଜଣାପଡିଛି। ବ୍ୟକ୍ତି ଜଣଙ୍କ ନିଜ ସ୍କୁଟିରେ କାର୍ଯ୍ୟ ସାରି ଖୋର୍ଦ୍ଧାରୁ ନିଜ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଡମ୍ଫର ଗାଡ଼ି ପଛ ପଟୁ ଧକ୍କା ଦେବାରୁ ବ୍ୟକ୍ତି ଜଣଙ୍କର ଘଟଣା ସ୍ଥଳରେ ଜୀବନ ଚାଲି ଯାଇଛି। ଘଟଣା ପରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ପହଂଚି ଶବ ଜବତ କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବାର ସୂଚନା ମିଳିଛି।

### ପୌରାଧ୍ୟକ୍ଷଙ୍କ ଘରକୁ ବୋତଲ ବୋମା ମାଡ଼ ଘଟଣା

## ବସନ୍ତଙ୍କ ପାଇଁ ସମସ୍ତେ ଏକାଠି



ପାରାଦୀପ, ୭।୬ (ସଂଚାର ବ୍ୟୁରୋ): ବନ୍ଦର ନଗରୀ ପାରାଦୀପରେ ଆଜି ରୋଚକ ସ୍ଥିତିରେ ପହଞ୍ଚିଛି ରାଜନୀତି। ଅଶାନ୍ତ ପାରାଦୀପରେ ଶାନ୍ତି ଫେରାଇବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବି ନେଇ ଆଜି ସବୁ ଦଳ ଏକତ୍ରିତ ହାଲ୍ଲାବୋଲ କରିଛନ୍ତି। ଏକ ସମୟରେ ବିଭିନ୍ନ ଜାଗାରୁ ବାହାରି ସମସ୍ତେ ପାରାଦୀପ ଆଦର୍ଶ ଥାନା ନିକଟରେ ଏକତ୍ରିତ ହୋଇଥିବା ବେଳେ ସମସ୍ତଙ୍କ ସ୍ୱର ମଧ୍ୟ ଏକ ଥିବା ଦେଖିବାକୁ ମିଳିଥିଲା। ଗୋଟିଏ ନାରା ଗୋଟିଏ ଦାବି ବାପୁ ଆଉ ବାପିଙ୍କୁ ଗିରଫ କର।

ଆଜି ପାରାଦୀପରେ ଏକା ସମୟରେ ସମସ୍ତ ରାଜନୈତିକ ଦଳ ଓ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦିଆଯାଇଛି ଦାବିପତ୍ର। ମଇ ୩୦ ତାରିଖ ଦିନ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳଙ୍କ ଘର ଉପରକୁ ଦୁର୍ବୃତ୍ତମାନେ ବୋତଲ ବୋମା ମାଡ କରିବା ଘଟଣାରେ ପୁଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ମୁଖ୍ୟ ଅଭିଯୁକ୍ତ ବାପୁ ପରିଡା ଏବେବି ଫେରାର ଥିବା ଓ ତାକୁ ପୁଲିସ ଗିରଫ କରି ପାରି ନଥିବା ବେଳେ ଶ୍ରମିକ ନେତା ବାପି ସର୍ଖେଲେ ଏହି ଘଟଣାର ମୁଖ୍ୟ ସଡ଼ଯନ୍ତ୍ରକାରୀ ଏବଂ ତାଙ୍କ କାର୍ଯ୍ୟାଳୟରେ ଅଭିଯୁକ୍ତ ମାନେ ବସି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ରାଜନୈତିକ ଦଳ ପକ୍ଷ୍ୟରୁ ସିଧା ସଳଖ ଅଭିଯୋଗ କରାଯାଇଛି । ବାପି ସର୍କେଲଙ୍କୁ ତଦନ୍ତ ପରିସର ମଧ୍ୟକୁ ଆଣିବାକୁ ବିଜେଡି କଂଗ୍ରେସ, ବିଜେପି, କମ୍ୟୁନିଷ୍ଟ ଓ ପାରାଦୀପ ନାଗରିକ ଫୋରମ ପକ୍ଷ୍ୟରୁ ଅଭିଯୋଗ କରାଯାଇଛି।

## କର୍କଟ ପୀଡ଼ିତାଙ୍କୁ ସହାୟତା



କେନ୍ଦ୍ରାପଡ଼ା, ୭।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଲହଣ ଶାସନ ଗ୍ରାମର ମମତା ଦାଶଙ୍କୁ ଦୀର୍ଘ ୭ବର୍ଷ ହେଲା କର୍କଟ ରୋଗରେ ପୀଡିତ ଅଛନ୍ତି । ଆଜି ଖବର ପାଇ ଜୟ ଜଗନ୍ନାଥ ସୋସିଆଲ ଗ୍ରୁପ ତରଫରୁ ସମସ୍ତ ସଦସ୍ୟ ମାନେ ଅର୍ଥ ଆଦାୟ କରି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ କିଭଳି ଉନ୍ନତମାନ ଚିକିତ୍ସା ପାଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟପଟେ ସେ ଏ ପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହିଛନ୍ତି ।

## ଠିକାଦାରଙ୍କୁ ଆକ୍ରମଣ କରି କାର୍ ଲୁଟ୍



ସୁନ୍ଦରଗଡ଼, ୭।୬ (ସଂଚାର ବ୍ୟୁରୋ): ଗତକାଲି ରାତି ୧୧.୩୦ ପଖାପାଖି ସମୟରେ ଦୁର୍ବୃତ୍ତ ମାନେ ସମ୍ପୃକ୍ତ ଠିକାଦାରଙ୍କ କାରକୁ ଅଟକାଇ ସାହଯ୍ୟ ମାଗିଥିଲେ। ସାହଯ୍ୟ କରିବା ପାଇଁ ଠିକାଦାର ଜଣକ ଗାଡ଼ି ଅଟାକାଇ ଓହ୍ଲାଇବା ମାତ୍ରେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଲହୁ ଲୁହାଣ ହୋଇ ଜୀବନ ବିକଳରେ ଠିକାଦାର ଜଣଙ୍କ ଦୌଡ଼ି ପଳାଇବାରୁ ଅଭିଯୁକ୍ତ ମାନେ ତାଙ୍କ ଗାଡ଼ି, ମୋବାଇଲ ଫୋନ ଓ ଡ୍ୟାସ ବୋର୍ଡରେ ଥିବା ପଖାପାଖି ଏକ ଲକ୍ଷ ଟଙ୍କା ନେଇ ଫେରାର ମାରିଥିଲେ। ତେବେ ଏହି ଘଟଣା ନେଇ ହେମଗିର ପୁଲିସ ସୂଚନା ପାଇବା ମାତ୍ରେ ଏସପିଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ଜିଲ୍ଲାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନକୁ ସିଲ କରି ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ତେବେ ଆଜି ସକାଳ ୭ଟା ପାଖାପାଖି ସମୟରେ ଲୁଟ୍ ହୋଇଥିବା କାରକୁ ଜବତ କରିଛି ପୁଲିସ। ଦୁର୍ବୃତ୍ତ ମାନେ ପୋଲିସର ଏହି ଅପରେସନରେ ଭୟ ଭୀତ ହୋଇ ସଦର ଥାନା ଅନ୍ତର୍ଗତ ସମର ଡିହି ଜଙ୍ଗଲ ରାସ୍ତାରେ କାର ଓ ମୋବାଇଲ ଛାଡ଼ି ଫେରାର ହେବାରେ ସଫଳ ହୋଇଛନ୍ତି। କାର ମିଳିଥିବା ସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା କର୍ଡନ କରାଯାଇ ତଦନ୍ତକୁ ଜୋର ଦାର କରଯାଇଛି। ଅପରପକ୍ଷେ ଠିକାଦାରଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଥିବା ଜଣା ପଡିଛି।

## ସଡ଼କ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ଯାଜପୁର, ୭।୬ (ସଂଚାର ବ୍ୟୁରୋ): ଯାଜପୁର ସହର ନିକଟ ମକେଇପୁର ଛକରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସମଗ୍ର ଅଞ୍ଚଳକୁ ଶୋକସ୍ତବ୍ଧ କରିଦେଇଛି। ଅଜଣା ଗାଡ଼ିର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ, ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ମୃତ ମହିଳା ଜଣକ ହେଲେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ସୁନ୍ଦରପୁର ଅଞ୍ଚଳର ସୁଶୀଳା ଦାଶ (୫୬)। ତାଙ୍କ ଅକାଳ ବିୟୋଗ ପରିବାର ସହ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୂଚନା ଅନୁଯାୟୀ, ସୁଶୀଳା ଦାଶ ନିଜ ଝିଅଙ୍କ ଘରକୁ ଆସୁଥିଲେ। ମୋକେଇପୁର ଛକ ନିକଟରେ ପହଞ୍ଚି ସେ ରାସ୍ତା କଡ଼ରେ ଠିଆ ହୋଇ ନିଜ ଝିଅଙ୍କୁ ଫୋନ୍ କରିଥିଲେ। ଝିଅ ତାଙ୍କୁ ନେବା ପାଇଁ ଘରୁ ବାହାରି ମକେଇପୁର ଛକରେ ପହଞ୍ଚିବା ବେଳକୁ ରାସ୍ତା କଡ଼ରେ ସୁଶୀଳା ଦାଶଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ବେଳେ ପାଖରେ ଏକ ଆମ୍ବ ବ୍ୟାଗ୍ ପଡ଼ିଥିଲା। ଅନୁମାନ କରାଯାଉଛି ଯେ, ଫୋନ୍ କରିବାର କିଛି ସମୟ ପରେ ଏକ ଦ୍ରୁତଗାମୀ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା।

# ବଜାର ଝାଡୁରୁ ଶବକୁ କାନ୍ଧ ଯାଏଁ

### 'ସବୁଜ ଶାଖା' ହେଲା 'ପ୍ରକୃତି ମିତ୍ର'
### ଦିବାକର ଛାଟୋଇଙ୍କ ଆଦର୍ଶରେ ଆଗେଇ ଚାଲିଛି




କାକଟପୁର/ଅସ୍ତରଙ୍ଗ,୭।୬ (ସଂଚାର ବ୍ୟୁରୋ): ବିଶ୍ୱ ପରିବେଶ ଦିବସ ଅବସରରେ ପୁରୀ ସ୍ଥିତ ବ୍ଲୁ ଫ୍ଲାଗ ବିଚ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସବୁଜ ଶାଖା"କୁ ମର୍ଯ୍ୟାଦାଜନକ "ପ୍ରକୃତି ମିତ୍ର" ପୁରସ୍କାରରେ ସମ୍ମାନିତ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପୁରୀ ବନଖଣ୍ଡ ଅଧିକାରୀ ଧନଜୀ ରାଓସ ମଗରଙ୍କ ହାତରୁ କ୍ଲବ ସଭାପତି ରମାକାନ୍ତ ବସ୍ତିୟା ୨୦ହଜାର ଟଙ୍କା ପୁରସ୍କାର ରାଶି ଓ ମାନପତ୍ର ଗ୍ରହଣ କରିଛନ୍ତି।

ସ୍ୱଚ୍ଛତା ପାଇଁ ସଂକଳ୍ପ ନେଇଥିବା "ସବୁଜ ଶାଖା" ପ୍ରତ୍ୟେକ ମାସର ଶେଷ ଗୁରୁବାର ଦିନ କ୍ଲବର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ନେଇ ଅସ୍ତରଙ୍ଗ ମୁଖ୍ୟ ବଜାର ଓ ଜନଗହଳି ପୂର୍ଣ୍ଣ ସ୍ଥାନ ସଫେଇ କରିଥାନ୍ତି। ପ୍ଲାଷ୍ଟିକ ବର୍ଜନ ସଚେତନତା ହୋଲିରେ, ଡ୍ରେନ ସଫେଇ, ବ୍ଲିଚିଂ ସିଞ୍ଚନ କରି" ସ୍ୱଚ୍ଛ ଅସ୍ତରଙ୍ଗ, ସବୁଜ ଅସ୍ତରଙ୍ଗ ଗଠନ ଦିଗରେ କାମ କରୁଛନ୍ତି ଦୀର୍ଘ ବର୍ଷ ହେବ। ଏହାସହ ସମୁଦ୍ରକ୍ଷୟ ରୋକିବା ଓ ମାଛଙ୍କ ପ୍ରଜନନ ସ୍ଥଳୀ ସୁରକ୍ଷା ପାଇଁ ଦେବୀ ନଦୀ ମୁହାଁଣରେ ଅନୁଷ୍ଠାନ ୧୦ହଜାରରୁ ଊର୍ଦ୍ଧ୍ୱ ହେନ୍ତାଳ ବୃକ୍ଷ ରୋପଣ କରିଛନ୍ତି। ଏହା ବାତ୍ୟା ସମୟରେ ଉପକୂଳକୁ ସୁରକ୍ଷା ଦେବା ସହ ଜୈବ ବିବିଧତା ବୃଦ୍ଧି କରୁଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅସହାୟ, ସ୍ଥାନୀୟ ଅଞ୍ଚଳ ବ୍ୟକ୍ତି ବିଶେଷ ଓ ଆର୍ଥିକ ଅନଗ୍ରସର ଲୋକଙ୍କ ମୃତ୍ୟୁ ହେଲେ "ସବୁଜ ଶାଖା "ସଦସ୍ୟମାନେ ନିଜ ଖର୍ଚ୍ଚରେ ଶବ ସତ୍କାର କରନ୍ତି। କୋଭିଡ ମହାମାରୀ ସମୟରେ ମଧ୍ୟ ଜୀବନକୁ ବାଜି ଲଗାଇ ସେବା ଯୋଗାଇଥିଲେ। ଆଜି ଯାଏଁ ୧ଶହରୁ ଊର୍ଦ୍ଧ୍ୱ ଶବକୁ ସମ୍ମାନର ସହ ସତ୍କାର କରିସାରିଲେଣି। ଗରିବ ଛାତ୍ର ଛାତ୍ରୀ ଙ୍କୁ ପାଠ୍ୟ ଉପକରଣ, ରୋଗୀଙ୍କୁ ଚିକିତ୍ସା ସହାୟତା, ଶୀତରେ କମ୍ବଳ ବଣ୍ଟନ, ବନ୍ୟା -ବାତ୍ୟାରେ ରିଲିଫ, ରକ୍ତଦାନ ଶିବିର ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଅନୁଷ୍ଠାନ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛି ଯାହାକି ସବୁଠୁ ମାନବିକତାର ମିଶାଲ କୁହାଯାଏ।

ଏ ନେଇ ପୁରସ୍କାର ବିତରଣ ଉତ୍ସବରେ ପୁରୀ ବନଖଣ୍ଡ ଅଧିକାରୀ କହିଥିଲେ "ସବୁଜ ଶାଖା "କେବଳ ଗଛ ଲଗାଉ ନାହାନ୍ତି, ମଣିଷ ଭିତରେ ମାନବିକତା ଓ ପ୍ରକୃତି ପ୍ରତି ଦାୟିତ୍ୱବୋଧ ଯୋଗାଉଛନ୍ତି। ଏମାନେ ହିଁ ପ୍ରକୃତ "ପ୍ରକୃତି ମିତ୍ର"। କ୍ଲବର ସଭାପତି ରମାକାନ୍ତ ବସ୍ତିୟା କହିଛନ୍ତି; ଆମର ଉପଦେଷ୍ଟା ଦିବାକର ଛାଟୋଇଙ୍କ ଆଦର୍ଶ ଓ ପ୍ରେରଣାରେ ସମସ୍ତ ସଦସ୍ୟ ଆଗକୁ ବଢ଼ୁଛନ୍ତି। ସେବା ହିଁ ସଂକଳ୍ପ "ଆମର ମୂଳମନ୍ତ୍ର। ଏହି ପୁରସ୍କାର ରାଶି ୨୦ହଜାର ଟଙ୍କାକୁ ଆମେ ଆହୁରି ୨ହଜାର ହେନ୍ତାଳ ଚାରା କିଣିବା ଓ ୫ଟି ଗରିବ ପରିବାରର ଚିକିତ୍ସା ପାଇଁ ଖର୍ଚ୍ଚ କରିବୁ। ଆଗାମୀ ବର୍ଷ ଭିତରେ ୫୦ହଜାର ବୃକ୍ଷ ରୋପଣ ଆମର ଲକ୍ଷ୍ୟ। ଏହି ବାର୍ତ୍ତା ଆଜିର ଯୁବପୀଢ଼ିଙ୍କୁ ନୂଆ ଦିଗ ଦେବ।

ସଂଚାର THE SANCHAR




## ପାର୍ଟି ଅଫିସରେ ଗର୍ଜୁଛନ୍ତି ବିଜେଡି ନେତା



ବିଜେଡି ନେତାମାନେ ଏବେ କେବଳ ଶଙ୍ଖ ଭବନରେ ଗର୍ଜନ ତର୍ଜନ କରୁଛନ୍ତି। ସରକାରଙ୍କୁ ଗାଳି ଦେଉଛନ୍ତି। ଦିନକୁ ଦୁଇ ତିନିଥର ସାମ୍ବାଦିକ ସମ୍ମିଳନୀ ଡାକି ଗାଳି ନଦେଲେ କୁଆଡେ ସେମାନଙ୍କ ଭାତ ହଜମ ହେଉନାହିଁ। ଯେଉଁ ପ୍ରସଙ୍ଗରେ ଦଳୀୟ କାର୍ଯ୍ୟାଳୟରେ ଗର୍ଜନ କରୁଛନ୍ତି ସମାନ ପ୍ରସଙ୍ଗରେ କାହିଁକି ରାସ୍ତାକୁ ଓହ୍ଲାଉ ନାହାନ୍ତି ବୋଲି ଖୋଦ ଦଳର କର୍ମୀମାନେ ପ୍ରଶ୍ନ କରିବା ସହିତ ଏହାଦ୍ୱାରା କାହାର ଲାଭ ହେଉଛି ବୋଲି ପଚାରିଲେଣି। କିଛି କର୍ମୀଙ୍କ କହିବାକଥା ଯେ ଏଭଳି ସାମ୍ବାଦିକ ସମ୍ମିଳନୀ ଡାକି ଗର୍ଜନ କରିବା ଫଳରେ କେବଳ ଜଣେ ଦୁଇଜଣଙ୍କର ଲାଭ ହେଉଛି। ଜୀବନରେ ୱାର୍ଡମେମ୍ବର ନହୋଇ ମୁଖପାତ୍ର ସାଜିଥିବା ନେତାମାନେ ଗଣମାଧ୍ୟମରେ ମୁଖ ଦେଖାଇବାକୁ ସୁଯୋଗ ପାଉଛନ୍ତି। ହେଲେ ରାସ୍ତାକୁ ଆସି ଆନ୍ଦୋଳନ କରିବାକଥା କହିଲେ ଏମାନଙ୍କ ପଛ ସନ୍ନିପାତ ହୋଇଯାଉଛି। ଉପର ନେତାଙ୍କୁ କହି କୌଣସି ପ୍ରକାରେ ଆନ୍ଦୋଳନକୁ ଟାଳି ଦେଉଛନ୍ତି। ଯେଉଁସବୁ ପ୍ରସଙ୍ଗରେ କଂଗ୍ରେସ ନେତାମାନେ ଥାନା ହେଉ କି ପୀଡିତଙ୍କ ଘରକୁ ହେଉ ଯାଉଛନ୍ତି ସମାନ ପ୍ରସଙ୍ଗରେ ବିଜେଡି କେବଳ ପାର୍ଟି ଅଫିସରେ ଗର୍ଜନ ତର୍ଜନ କରିବା ସାର ହେଉଛି। ତେବେ ଆଉ କିଛି କର୍ମୀଙ୍କ କହିବାକଥା ଯେ ଦଳର କିଛି ବଡପଣ୍ଡା ନିଜର ସୁରକ୍ଷାପାଇଁ ଏଭଳି ରଣନୀତି ଆପଣେଇଛନ୍ତି। କାରଣ ସେମାନେ ଭଲଭାବେ ଜାଣିଛନ୍ତି ଦଳ ଯଦି ରାସ୍ତାକୁ ଓହ୍ଲାଇ ଅଧିକ ମାମଲତି କରିବା ତେବେ ସେମାନଙ୍କ ସମ୍ପତ୍ତି ଅସୁରକ୍ଷିତ ହୋଇପଡିବ। ଏଭଳି ସ୍ଥିତିରେ ଦଳର କର୍ମୀମାନେ କିନ୍ତୁ କ'ଣ କରିବେ ଜାଣିପାରୁ ନାହାନ୍ତି।

## ପ୍ରଭାତ ଏବେ କେଉଁ କୂଳର ହେବେ

କଟକର କୁହାଳିଆ ନେତା ବାବୁ ପ୍ରଭାତ ବିଶ୍ୱାଳ ଏବେ କେଉଁ କୂଳର ହେବେ ତାହାକୁ ନେଇ କଟକରେ ଜୋରଦାର ଚର୍ଚ୍ଚା। ବିଶେଷକରି ସାଂସଦ ଦେବାଶିଷ ସାମନ୍ତରାୟ ଦଳ ଡେଇଁ ବିଜେପିକୁ ଯିବାପରେ ପ୍ରଭାତଙ୍କ ସମସ୍ୟା ବଢ଼ିଯାଇଛି। ଗତ ରାଜ୍ୟସଭା ନିର୍ବାଚନ ସମୟରେ ପ୍ରଭାତ ନବୀନ ନିବାସ ଭିତରେ ହୋ ହଲ୍ଲା କରିବାରୁ ଦଳ ତାଙ୍କୁ ବିଦା କରିଥିଲା। ପରେ ପୁଅ ସୌଭିକ ପିତୃ ଅପମାନର ପ୍ରତିଶୋଧ ନେବାପାଇଁ ବିଜେଡି ପ୍ରାର୍ଥୀଙ୍କ ବିରୁଦ୍ଧରେ କ୍ରସ ଭୋଟିଂ କଲେ। ସିଏ ଏବେ ବିଜେଡିର ନିଲମ୍ବିତ ସଦସ୍ୟ। ଉଭୟ ପିତା ପୁତ୍ର ଆଶା କରିଥିଲେ ପୁଅର ଡେରି ହେଲେ ମଧ୍ୟ ପିତା ପ୍ରଭାତ ଯେତେଶୀଘ୍ର ସମ୍ଭବ ପଦ୍ମ ପୋଖରୀରେ ପଶିଯିବେ। ସେଥିପାଇଁ ବ୍ୟଗ୍ର ବି ଥିଲେ। କାରଣ ସିଏ ଭଲଭାବେ ଜାଣିଥିଲେ ବିଜେପି ନେତା ସମୀର ଦେଙ୍କ ଦେହାନ୍ତ ପରେ କଟକରେ ବିଜେପି ଶ୍ରୀହୀନ ହୋଇଯାଇଛି। ଯଦିଓ କଟକ ସାଂସଦ ଭର୍ତ୍ତୃହରି ବିଜେପିର, କିନ୍ତୁ ତାଙ୍କର କାଟ୍‌ତି ଦିଲ୍ଲୀରେ ଅଧିକ। ତେଣୁ ବିଜେପି ନିଶ୍ଚିତ ପ୍ରଭାତଙ୍କୁ କୋଳେଇ ନେବ। ପିତା ଦଳରେ ସାମିଲ ହେବାପରେ ନିର୍ବାଚନ ପୂର୍ବରୁ ପୁତ୍ର ବି ଯିବେ। ଏହାକୁ ଆଖି ଆଗରେ ରଖି ପିତା-ପୁତ୍ର ବିଜେଡି ବିରୁଦ୍ଧରେ ଶବ୍ଦବାଣ ଛାଡିବାରେ ଲାଗିଥିଲେ। ହେଲେ ଏବେ ଦେବାଶିଷ ସାମନ୍ତରାୟ ବିଜେପିରେ ଯୋଗଦେଇ ବିଜେଡିକୁ ଗାଳି ଆରମ୍ଭ କରିବାପରେ ପ୍ରଭାତଙ୍କ ବିଜେପି ପ୍ରବେଶ ଏକ ପ୍ରକାର ବନ୍ଦ ହୋଇ ଯାଇଛି। କାରଣ ଦେବାଶିଷ କଟକ ରାଜନୀତିରେ ବେଶ୍ ସକ୍ରିୟ। ଯଦିବା ପ୍ରଭାତ ବିଜେପିକୁ ଯାଆନ୍ତି, ଦେବାଶିଷ କିନ୍ତୁ ତାଙ୍କୁ ସହଜରେ ଆଗକୁ ଯିବାକୁ ଦେବେନାହିଁ। ଏଭଳିର ସ୍ଥିତିରେ ପ୍ରଭାତ କ'ଣ କରିବେ ତାହା ଉପରେ ସମସ୍ତଙ୍କ ନଜର।



## କବାଟ କିଳି କାନ୍ଦୁଛନ୍ତି ବସନ୍ତ



ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏବେ କବାଟ କିଳି କାନ୍ଦୁଛନ୍ତି। ଏକଥା ଆମେ କହୁନାହୁଁ, ରାମମନ୍ଦିର ନିକଟରେ ଏଭଳି ଆଲୋଚନା ଆମ କାନରେ ପଡିଲା। ଦେବାଶିଷଙ୍କ ବିଜେପି ପ୍ରବେଶ ଓ ରାଜ୍ୟସଭା ଯିବା ନିଶ୍ଚିତକୁ ନେଇ ଏଠାରେ ଛିଡା ହୋଇଥିବା ଗେରୁଆ ବାବୁମାନେ କହୁଥିଲେ, ବିଜେଡିରୁ ଆସି ଜଣଙ୍କ ପରେ ଜଣେ ରାଜ୍ୟସଭା ପଳାଇ ଯାଉଛନ୍ତି। ହେଲେ ରାଜ୍ୟସଭା ଯିବାକୁ ବସନ୍ତ ପଣ୍ଡାଙ୍କ ଭଳି ନେତାଙ୍କୁ ସୁଯୋଗ ମିଳୁନାହିଁ। ନୂଆପଡା ନିର୍ବାଚନରେ ନିଜ ପୁଅର ରାଜନୈତିକ କ୍ୟାରିଅରକୁ ବାଜିରେ ଲଗାଇ ବିଜେଡିରୁ ଆସିଥିବା ଢୋଲକିଆ ବାବୁଙ୍କୁ ବିଧାୟକ କଲେ। ଭାବିଥିଲେ ପୁରସ୍କାର ସ୍ୱରୂପ ଦଳ ତାଙ୍କୁ ରାଜ୍ୟସଭା ପଠାଇବ ଓ ପୁଅକୁ କୌଣସି ନିଗମରେ ଥଇଥାନ କରିବ। ଦଳୀୟ ନେତାମାନେ ବି ସେଭଳି ଇଙ୍ଗିତ କରିଥିଲେ। ନୂଆପଡାରେ ବିପୁଳ ବିଜୟ ପରେ ରାଜ୍ୟସଭା ନିର୍ବାଚନ ହେଲା। ହେଲେ ବସନ୍ତଙ୍କୁ କେହି ପଚାରିଲେନି। ବିଜେଡିରୁ ଆସିଥିବା ସୁଜିତ କୁମାର ଓ ନିଜକୁ ନିର୍ଦଳୀୟ କହୁଥିବା ଦିଲ୍ଲୀପ ରାୟ ରାଜ୍ୟସଭା ପଳାଇଲେ। ଏବେ ବିଜେଡିରୁ ଆସିଥିବା ସାଂସଦ ଦେବାଶିଷ ବି ପୁଣିଥରେ ବିଜେପି ଟୋପି ପିନ୍ଧି ରାଜ୍ୟସଭାକୁ ଯିବା ନିଶ୍ଚିତ ହୋଇଛି। ଆଗାମୀ ରାଜ୍ୟସଭା ନିର୍ବାଚନରେ କୁଆଡେ ଏଭଳି ହେବବୋଲି କିଛି ନେତା କହିଲେଣି। ତେଣୁ ବସନ୍ତଙ୍କ ରାଜ୍ୟସଭା ଯିବାର ସେଭଳି ଆଶା ନାହିଁ। ସେହିଭଳି ଦୁଇବର୍ଷ ହେଲା ନିଗମ ଅଡୁଆ ଛିଡୁ ନାହିଁ। ବସନ୍ତଙ୍କ ପୁଅ ବି ଚାହିଁ ବସିଛନ୍ତି। ସରକାର ଏବେ ଖର୍ଚ୍ଚକାଟ୍ କରୁଥିବାବେଳେ ନିଗମ ନିଯୁକ୍ତି ହେବ କି ନାହିଁ ତାହା ସନ୍ଦେହରେ। ଏଭଳି ସ୍ଥିତିରେ ବସନ୍ତ ପଣ୍ଡା କାହାକୁ କିଛି ନକହି କବାଟ କିଳି କାନ୍ଦୁଛନ୍ତି। ରାଜଧାନୀ ଆଡେ ଆସୁ ନାହାନ୍ତି। ଏତକ ଶୁଣିବାପରେ ଆମେ କୁହାଳିଆ ବାବୁଙ୍କୁ ପଚାରିଦେଲୁ, ଆପଣ କାନ୍ଦିବାଟା ଦେଖିଛନ୍ତି ? ଏତକୁ ଶୁଣିବାପରେ ଆଲୋଚନାକୁ ସେଠାରେ ରଖି ଗେରୁଆ ବାବୁମାନେ ତୁରନ୍ତ ବାଟ କାଟିଲେ।

## ଶ୍ରୀମୟୀଙ୍କୁ ମିଳୁନି ଗ୍ରୀନ୍ ସିଗ୍‌ନାଲ



ବିଜୁ ଜନତା ଦଳ ବିଶେଷକରି ଦଳର ପୂର୍ବତନ ନେତା ଭି କେ ପାଣ୍ଡିଆନଙ୍କୁ ଗାଳି ଦେଉଥିବା ଜଣଙ୍କ ପରେ ଜଣେ ନେତାଙ୍କୁ ବିଜେପି ତା' ଶିବିରରେ ସାମିଲ କରୁଥିବାବେଳେ ବିଜେଡିର ପୂର୍ବତନ ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ କିନ୍ତୁ ବିଜେପି ଗ୍ରିନ୍ ସିଗନାଲ ଦେଉନାହିଁ। ଫଳରେ ସିଏ ବିଜେପିକୁ ଯାଇପାରୁ ନାହିଁ। ତେବେ ବିଜେପି କାହିଁକି ତାଙ୍କ ପ୍ରତି ନାକ ଟେକୁଛି ତାହା ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଜେଡିର ଏହି ନେତ୍ରୀ ଦଳରେ ଥିବାବେଳେ ଓଟିଡିସିର ଅଧ୍ୟକ୍ଷ ସମେତ ନିର୍ମାଣ ଶ୍ରମିକ ବୋର୍ଡର ମୁଖିଆ ଥିଲେ। ବିଭିନ୍ନ ନିର୍ବାଚନରେ ପ୍ରଚାରର ମଙ୍ଗ ଧରୁଥିଲେ। ତେବେ ନିର୍ବାଚନରେ ଟିକଟ ନମିଳିବାରୁ ବିଦ୍ରୋହୀ ହୋଇଗଲେ। ସେତେବେଳର ବିଜେଡି ନେତା ଭି କେ ପାଣ୍ଡିଆନଙ୍କୁ ଗାଳି ଦେବାର କୌଣସି ସୁଯୋଗ ଛାଡିଲେନି। ସୋସିଆଲ ମିଡିଆ ଭିନ୍ନ ଭିନ୍ନ ନାଁରେ ଗାଳିଦେଲେ। ପାଣ୍ଡିଆନଙ୍କୁ ବିରୋଧ ପାଇଁ ତାଙ୍କୁ କିଛିଦିନ ଗଣମାଧ୍ୟମ ବି ଚର୍ଚ୍ଚାରେ ରଖିଲା। ପରେ ଆଉ ପଚାରିଲାନି। ମଝିରେ ମଝିରେ କିନ୍ତୁ ଶ୍ରୀମୟୀ କିନ୍ତୁ ତାଙ୍କ ଉଦ୍ୟମ ଜାରି ରଖିଛନ୍ତି। ତାଙ୍କ ଗାଳିରେ ବିଜେପିର ଭାଷା ଥିବାରୁ ସିଏ ବିଜେପି ଦଳରେ ସାମିଲ ହେବେବୋଲି ସମସ୍ତେ ଆଶା କରିଥିଲେ। ହେଲେ ଚର୍ଚ୍ଚା ହେଉଛି ଯେ ଶ୍ରୀମୟୀଙ୍କୁ କୁଆଡେ ବିଜେପି ଭରସା କରିପାରୁ ନାହିଁ। ଦଳୀୟ ନେତାମାନେ ବିଚାରୁଛନ୍ତି, ଯେଉଁଦଳ ଶ୍ରୀମୟୀଙ୍କ ଭଳି ପଶ୍ଚିମ ଓଡିଶାର ଜଣେ ସାଧାରଣ ନେତ୍ରୀଙ୍କୁ ଏତେ ପଦ ପଦବୀ ଦେଲା ଓ ଯାହାଙ୍କ ନିର୍ଦ୍ଦେଶରେ ଏହିସବୁ ମିଳିଲା ଶେଷରେ ଶ୍ରୀମୟୀ ତାଙ୍କୁ ବି ଛାଡିଲେନି। ତେଣୁ ତାଙ୍କୁ ଦଳରେ ସାମିଲ କରିବା ଅର୍ଥ ବିପଦକୁ ନିମନ୍ତ୍ରଣ କରିବା। ପଦ୍ମଦଳର କିଛି ନେତାଙ୍କ ଏଭଳି ଯୁକ୍ତି ଯୋଗୁଁ ଶ୍ରୀମୟୀଙ୍କୁ ବିଜେପିରେ ଗ୍ରିନ୍ ସିଗ୍‌ନାଲ ମିଳୁନଥିବା ନେଇ ଚର୍ଚ୍ଚା ଚାଲିଥିବାବେଳେ ଶ୍ରୀମୟୀଙ୍କ ସମର୍ଥକମାନେ କିନ୍ତୁ ସିଏ ବିଜେପି ଦଳକୁ ଯିବାର ନାହିଁ ବୋଲି ଆଲୋଚନା କରୁଛନ୍ତି।

## ଜିଲ୍ଲାକୁ ଅଳିଆ କରୁଛି ଅଳିଆ



ଜଗତ୍‌ସିଂହପୁର ଜିଲ୍ଲାରେ ଏବେ ଅଳିଆ ଉଠା ବ୍ୟବସ୍ଥା ଘୋର ଅଳିଆ ସ୍ଥିତି ଉପୁଯାଇଛି। ଅବସ୍ଥା ଏଭଳି ହୋଇଛି ଅଳିଆ ପାଇଁ ଜିଲ୍ଲା ପ୍ରଶାସନ ଏବେ କୋର୍ଟ କଚେରୀରେ ଚକ୍କର କାଟୁଛନ୍ତି। ସୂଚନା ଅନୁଯାୟୀ ଗୋଟିଏ ସଂସ୍ଥା ଜଗତସିଂହପୁର ପୌରାଞ୍ଚଳରୁ ଅଳିଆ ଉଠାଇବା ଦାୟିତ୍ୱ ନେଇଥିଲା। ଏହି ସଂସ୍ଥା ବି କିଛି ଠିକା କର୍ମଚାରୀ ଯୋଗାଇଥିଲା। କରୋନା ଆଳରେ ଏହି ସଂସ୍ଥା ବିନା ଟେଣ୍ଡରରେ ପାଞ୍ଚବର୍ଷ କାମ କଲା। ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶମତେ ଯେତେବେଳେ ଜିଲ୍ଲା ପ୍ରଶାସନ ଅଳିଆ ଉଠାଇବାପାଇଁ ଟେଣ୍ଡର ଜାରିକଲେ ସେତେବେଳେ ପାଞ୍ଚବର୍ଷ କାମ କରିଥିବା ସଂସ୍ଥାଟି ବାଟ ଓଗାଳିଲା। ପାଞ୍ଚବର୍ଷ ଭିତରେ ଯେଉଁମାନେ ସଂସ୍ଥାଠାରୁ ଉପହାର ପାଇଥିଲେ ସେମାନେ ତାହାପାଇଁ ଓକିଲାତି କଲେ। ଟେଣ୍ଡର ନକରିବାପାଇଁ ଯୋଜନା ହେଲା। ହେଲେ ଜିଲ୍ଲାପାଳ ଅଡି ବସିବା ସହିତ ଭିତରେ ଭିତରେ ଖେଳ କରୁଥିବା ଜଣେ ଅଧିକାରୀଙ୍କୁ ରାତି ଅଧିଆ ଜିଲ୍ଲା ବାହାରକୁ ବଦଳି କଲେ। ଟେଣ୍ଡର ହେଲା। ନୂଆ ସଂସ୍ଥା ଚୟନ ହେଲା। ନୂଆ ସଂସ୍ଥା କାମ ପାଇବାର ଗୋଟିଏ ଦିନ ଅର୍ଥାତ୍ ଏପ୍ରିଲ୍ ୧ ତାରିଖ ଦିନ ସହରରୁ ଅଳିଆ ଉଠାଇଥିବାବେଳେ ପୁରୁଣା ସଂସ୍ଥା ଅଦାଲରେ ମାମଲା ରୁଜୁ କରିଦେଲା। ଗୋଟିଏ ଦିନ କାମ କରିଥିବା ନୂଆ ସଂସ୍ଥା ବି ଏବେ ଅଦାଲତରେ। ଦୁଇ ପକ୍ଷ ଜିଲ୍ଲା ପ୍ରଶାସନକୁ କାଠଗଡାକୁ ଟାଣିଛନ୍ତି। କିଏ ଅଳିଆ ଉଠାଇବ ତାହା ଅଦାଲତ ସ୍ଥିର କରିବେ। ତେବେ ଏହି ଅଳିଆ ମାମଲା ଏବେ ପ୍ରଶାସନରେ ଅଳିଆ ଅବସ୍ଥା ସୃଷ୍ଟି କରିଥିବାବେଳେ ପାଞ୍ଚ ବର୍ଷ ଧରି ଅଳିଆ ଉଠାଉଥିବା ସଂସ୍ଥାର ମୁଣ୍ଡରେ କାହାର ଆର୍ଶୀବାଦ ହାତ ରହିଛି ତାକୁ ନେଇ ଏବେ ସହରରେ ଜୋରଦାର ଚର୍ଚ୍ଚା ଚାଲିଛି।

### ସୂଚନା ଦେଲେ ଭୁବନେଶ୍ୱର ସାଂସଦ

# ରାଜଧାନୀରେ ୬୩୦ କୋଟି ଖର୍ଚ୍ଚରେ ଖୋଲିବ ଏନଜିଏମଏ ଶାଖା



ଭୁବନେଶ୍ୱର, ୭।୬ (ସଂଚାର ବ୍ୟୁରୋ)ଃ ଭୁବନେଶ୍ୱରରେ ଖୋଲିବ ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ନ ଆର୍ଟ (ଏନ୍‌ଜିଏମ୍‌ଏ)ର ଶାଖା। ଏଥିପାଇଁ ଖର୍ଚ୍ଚ ହେବ ପ୍ରାୟ ୬୩୦ କୋଟି। ଏନ୍‌ଜିଏମ୍‌ଏର ଏକ ଶାଖା ଭୁବନେଶ୍ୱରରେ ଖୋଲିବାକୁ କେନ୍ଦ୍ର ପକ୍ଷରୁ ଅନୁମୋଦନ ମିଳିଛି।

ଗତ ୨୦୨୪ ସେପ୍ଟେମ୍ବରରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ସହ ସାକ୍ଷାତ କରିବା ସହ ଭୁବନେଶ୍ୱର ଏନ୍‌ଜିଏମ୍‌ଏର ଏକ ଶାଖା ସ୍ଥାପନ କରିବା ସକାଶେ ନିବେଦନ କରିଥିଲେ। ଏଥିସହ ଗତ ୨୦୨୪ ସେପ୍ଟେମ୍ବର ୧୦ରେ କେନ୍ଦ୍ରମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଶ୍ରୀମତୀ ଷଡ଼ଙ୍ଗୀ ଏକ ପତ୍ର ମଧ୍ୟ ଲେଖିଥିଲେ।

ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ତାଙ୍କୁ ଶ୍ରୀ ଶେଖାୱତଙ୍କୁ ଏନ୍‌ଜିଏମ୍‌ଏର ଏକ ଶାଖା ଭୁବନେଶ୍ୱରରେ ସ୍ଥାପନ ପାଇଁ ପତ୍ର ଲେଖିବା ସକାଶେ ମଧ୍ୟ ସେ ଅନୁରୋଧ କରିଥିଲେ। ସାଂସଦଙ୍କ ଅନୁରୋଧ କ୍ରମେ ମୁଖ୍ୟମନ୍ତ୍ରୀ ଗତ ୨୦୨୪ ସେପ୍ଟେମ୍ବର ୨୫ରେ ତୁରନ୍ତ ଶ୍ରୀ ଶେଖାୱତଙ୍କୁ ପତ୍ର ଲେଖିଥିଲେ। ମାତ୍ର ଏ ବିଷୟକୁ ନେଇ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କେନ୍ଦ୍ର ସରକାରଙ୍କ ନିକଟରେ ନିରନ୍ତର ଭାବେ ଦାବି କରିଆସୁଥିଲେ। ନିଷ୍ପତ୍ତି ହେବା ପରେ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ ଭାରତ ସରକାର ଶେଷରେ ଆମ ନିବେଦନକୁ ସ୍ୱୀକାର କରିଛନ୍ତି। ଗତ ୨୯ ତାରିଖରେ ଏକ ପତ୍ର ମାଧ୍ୟମରେ ଭୁବନେଶ୍ୱରରେ ଏନ୍‌ଜିଏମ୍‌ଏର ଏକ ଶାଖା ଖୋଲିବା ପାଇଁ ସେମାନଙ୍କ ନିଷ୍ପତ୍ତି ନେଇ ଔପଚାରିକ ଭାବେ ଜଣାଇଛନ୍ତି। ଏହି ପ୍ରକଳ୍ପର ମୂଲ୍ୟ ପ୍ରାୟ ୬୩୦ କୋଟି ଟଙ୍କା ହେବ। ଆବଶ୍ୟକ ଔପଚାରିକତାଗୁଡ଼ିକୁ ଖୁବ୍‌ଶୀଘ୍ର ରାଜ୍ୟ ସରକାର ପୂରଣ କରିବେ। ଏଥିପାଇଁ ସେ କୃତଜ୍ଞତା ଜଣାଇଛନ୍ତି ବୋଲି ଶ୍ରୀମତୀ ଷଡ଼ଙ୍ଗୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।

### କଥା ରଖିଲେ ମହାମହିମ

## ରାଷ୍ଟ୍ରପତି ଭବନରେ ବିରଜା ମନ୍ଦିର ସେବାୟତଙ୍କୁ ଆତିଥ୍ୟ



ଯାଜପୁର ଟାଉନ୍,୭।୬(ସଂଚାର ବ୍ୟୁରୋ)ଃ କଥା ଦେଇ କଥା ରଖିଲେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ଭବନକୁ ଡାକି ବକେୟା ପାଉଣା ପ୍ରଦାନ କଲେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ। ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନର ଆତିଥ୍ୟ ସ୍ୱୀକାର କଲେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଅଙ୍ଗଲାଗି ସେବାୟତ ପ୍ରତିନିଧି ଦଳ। ଗତ ଫେବ୍ରୁଆରୀ ୩ ତାରିଖରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସି ଯାଜପୁରରେ ମା' ବିରଜାଙ୍କ ଦର୍ଶନ କରିଥିଲେ। ମା' ବିରଜାଙ୍କ ଦର୍ଶନ ସହ ନାଭିଗୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମହାମହିମ ପିଣ୍ଡଦାନ ମଧ୍ୟ କରିଥିଲେ। ଏହି ସମୟରେ ରାଷ୍ଟ୍ରପତି ବିଧି ମୁତାବକ ଦକ୍ଷିଣା ଦେବାକୁ ଇଚ୍ଛା କରିଥିଲେ। କିନ୍ତୁ ଦକ୍ଷିଣା ରାଷ୍ଟ୍ରପତି ଭବନରୁ ଆଣିବା ସହ ସେଇଠି ଭୋଜନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ସେବାୟତ ଦଳ। ସେମାନଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସେବାୟତ ପରିଷଦଙ୍କୁ ରାଷ୍ଟ୍ରପତି ଭବନକୁ ରାଷ୍ଟ୍ରପତିଙ୍କ ତରଫରୁ ନିମନ୍ତ୍ରଣ ଆସିଥିଲା। ଗତକାଲିଠାରୁ ସେବାୟତ ପରିଷଦର ସଭାପତି ଦେବୀ ପ୍ରସାଦ ପାଣିଙ୍କ ନେତୃତ୍ୱରେ ସଦସ୍ୟମାନେ ରାଷ୍ଟ୍ରପତି ଭବନରେ ପହଞ୍ଚିଥିବା ବେଳେ ସାଙ୍ଗରେ ଅଛନ୍ତି ମା' ବିରଜା ମନ୍ଦିରର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ। ସେଠାରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ସେମାନେ ବିଭିନ୍ନ ବିଷୟରେ ଆଲୋଚନା ମଧ୍ୟ କରିଥିବା ଜଣାପଡ଼ିଛି।

## କିନ୍ନରଙ୍କ ମାଡ଼ରେ ଯୁବକ ଗୁରୁତର, ୨ ଗିରଫ




ଭୁବନେଶ୍ୱର,୭।୬(ସଂଚାର ବ୍ୟୁରୋ)ଃ କିନ୍ନରଙ୍କ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେ ଏବେ କୋମାରେ ଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ଆକ୍ରମଣକାରୀ ୨ କିନ୍ନରଙ୍କୁ ଗିରଫ କରିଛି।

ମିଳିଥିବା ସୂଚନାନୁଯାୟୀ, ଗତ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୨ଟା ବେଳେ ଦୁଇ ଜଣ ଯୁବକ ଏକ ବାଇକ୍ ଯୋଗେ ସିଆରପି ଛକ ଦେଇ ଯାଉଥିଲେ। ଏହି ସମୟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା କେତେକ କିନ୍ନର ସେମାନଙ୍କୁ ଠାରି ନିଜକୁ ଡାକିଥିଲେ। ଦୁଇ ଯୁବକ ସେଠାରେ ଅଟକିବା ପରେ କିନ୍ନରମାନେ ପଛରେ ବସିଥିବା ଯୁବକଙ୍କୁ ଘୋଷାଡ଼ି ନେଇଥିଲେ। ପରେ ସେମାନେ ତାଙ୍କଠାରୁ ଟଙ୍କା ଓ ମୋବାଇଲ ଛଡ଼ାଇ ନେଇଥିଲେ। ଯୁବକ ଜଣଙ୍କ ଏହାର ପ୍ରତିବାଦ କରିବାରୁ କିନ୍ନରମାନେ ତାଙ୍କୁ ମାଡ଼ ମାରି ତଳେ ପକାଇ ଦେଇଥିଲେ। ତଳେ ପଡ଼ିଯିବା ପରେ କିନ୍ନରମାନେ ତାଙ୍କୁ ବିଧାଗୋଇଠା ମାରିବା ସହ ଶେଷରେ ତାଙ୍କ ମୁଣ୍ଡକୁ ହେଲ୍‌ମେଟ୍‌ରେ ପିଟିଦେଇଥିଲେ। ଯୁବକଙ୍କୁ ଏପରି ମାଡ଼ ମରାଯାଉଥିବା ଦେଖି ତାଙ୍କ ସହ ଥିବା ଅନ୍ୟ ଯୁବକ ଜଣଙ୍କ ସେଠାରୁ ଭୟରେ ଖସି ପଳାଇଥିଲେ। ସେହିବାଟ ଦେଇ ଯାଉଥିବା ବାଇକ୍ ଆରୋହୀ ଓ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ସେମାନଙ୍କୁ ମଧ୍ୟ ଉକ୍ତ କିନ୍ନରମାନେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନାନାଦି ପ୍ରକାର ଧମକଚମକ ଦେଇଥିଲେ। ଏଣୁ ଲୋକେ ପୁଲିସକୁ ଖବର ଦେଇଥିଲେ। ପିସିଆର ପୁଲିସ ସେଠାରେ ପହଞ୍ଚି ଗୁରୁତର ଭାବେ ଉକ୍ତ ଯୁବକଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ବେଳେ ଏବେ ସେ କୋମାରେ ଥିବା ହସ୍ପିଟାଲ ସୂତ୍ରରୁ ସୂଚନା ଦିଆଯାଇଛି।

## ଷ୍ଟେସନରେ ଅଘଟଣ, ଟ୍ରେନ୍‌ରୁ ଖସି ଯୁବକ ମୃତ

ଦିଗପହଣ୍ଡି,୭।୬(ସଂଚାର ବ୍ୟୁରୋ)ଃ ଟ୍ରେନରୁ ଖସି ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ବ୍ରହ୍ମପୁର ରେଳ ଷ୍ଟେସନରେ ଘଟିଛି ଏହି ଅଘଟଣ। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକର ଚାଞ୍ଚଡ଼ାପଲ୍ଲୀ ଗ୍ରାମର ସାଗର ଜେନା ନାମକ ଯୁବକଙ୍କର ଟ୍ରେନ୍‌ରୁ ଖସି ମୃତ୍ୟୁ ହୋଇଛି। ତାମିଲନାଡୁରେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଉଥିବା ସମୟରେ ସାଗର ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚି ରେଳରେ ଯିବା ବେଳେ ଅସାବଧାନତାବଶତଃ ଟ୍ରେନ୍‌ରୁ ଗୋଡ଼ ଖସିଯିବା ଫଳରେ ସେ ତଳେ ପଡ଼ିଯାଇଥିଲେ। କେତେକ ଯାତ୍ରୀ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁରେ ସାଗରଙ୍କ ମୃତଦେହ ପହଞ୍ଚିବା ପରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଛୁରାମାଡ଼ ଘଟଣାରେ ତାତିଲେ ଆଦିବାସୀ, ଭାଙ୍ଗିଲେ ଦୋକାନ



ଲକ୍ଷ୍ମୀପୁର,୭।୬(ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଗତକାଲି ସନ୍ଧ୍ୟାରେ କୌଣସି ଏକ ଘଟଣାକୁ ନେଇ ବଡ଼ଶଙ୍ଖା ଗ୍ରାମରେ ଜଣେ ଆଦିବାସୀ ଯୁବକଙ୍କୁ ଲକ୍ଷ୍ମୀପୁର ରେଲି ସାହିର କେତେକ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଉକ୍ତ ଯୁବକଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏହି ଘଟଣାରେ ବଡ଼ଶଙ୍ଖା ଗ୍ରାମର ଶତାଧିକ ଲୋକେ ଉତ୍‌କ୍ଷିପ୍ତ ହୋଇ ଲକ୍ଷ୍ମୀପୁରରେ ପହଞ୍ଚି ଆକ୍ରମଣ କରିଥିବା ଯୁବକଙ୍କ ଜଣେ ସମ୍ପର୍କୀୟଙ୍କୁ ଆକ୍ରମଣ କରିବା ସହ ଲକ୍ଷ୍ମୀପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଯୁବକ ଜଣଙ୍କ ଗୁରୁତର ଥିବାରୁ ଲକ୍ଷ୍ମୀପୁର ପୁଲିସ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ବଡ଼ ଶଙ୍ଖା ଗ୍ରାମବାସୀ ତାଙ୍କ ଗ୍ରାମର ଯୁବକଙ୍କୁ ନ୍ୟାୟ ନ ମିଳିଲେ ପରିସ୍ଥିତି ଭୟାବହ ହେବ ବୋଲି କହି ଆଜି ରେଲି ସାହିରେ ପଶି ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବା ଦାବିରେ ହଜାର ହଜାର ଆଦିବାସୀ କେତେକ ଦୋକାନଘର ଭଙ୍ଗାରୁଜା କରିବା ସହ ବଜାର ମଝିରେ ନିଆଁ ଜାଳି ପ୍ରତିବାଦ କରିଥିଲେ।

## ସୌମ୍ୟ ମୃତ୍ୟୁ ମାମଲା: ଏଡିଜିଙ୍କ ବିରୋଧରେ ହେବ ତଦନ୍ତ

ଭୁବନେଶ୍ୱର,୭।୬(ସଂଚାର ବ୍ୟୁରୋ)ଃ ଜିଆର୍‌ପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁ ମୃତ୍ୟୁ ମାମଲାରେ ବରିଷ୍ଠ ଆଇପିଏସ୍ ଦୟାଲ୍ ଗଙ୍ଗାୱାରଙ୍କ ପାଇଁ ଅଡୁଆ ବଢ଼ିଛି। ଜାତୀୟ ମାନବାଧିକାର କମିଶନ୍ (ଏନ୍‌ଏଚ୍‌ଆର୍‌ସି)ରେ ଦାଖଲ ଅଭିଯୋଗ ଆଧାରରେ ଏଡିଜି ଦୟାଲ ଗଙ୍ଗୱାରଙ୍କ ବିରୋଧରେ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଚିଠି ଜାରି ହୋଇଛି। ଏନ୍‌ଏଚ୍‌ଆର୍‌ସିରେ ଦାଖଲ ହୋଇଥିବା ଅଭିଯୋଗରେ ମୃତ କନଷ୍ଟେବଲ ସୌମ୍ୟଙ୍କୁ ବରିଷ୍ଠ ଆଇପିଏସ ଅଧିକାରୀ ଘରୋଇ କାମରେ ନିୟୋଜିତ କରିଥିଲେ। ଏହି ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ ରେଲୱେ ଓ କୋଷ୍ଟାଲ ସିକ୍ୟୁରିଟି ଏଡିଜିଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି।

ଏଡିଜି ଶ୍ରୀ ଗଙ୍ଗୱାରଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଥିଲେ ମୃତ ସୌମ୍ୟଙ୍କ ପରିବାର। ସୌମ୍ୟଙ୍କୁ ଦୟାଲ ଗଙ୍ଗୱାର ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ସେପଟେ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ହାତରେ ଏକ ଡାଏରୀ ଲାଗିଛି। ଏହି ଡାଏରୀଟି ସୌମ୍ୟଙ୍କର ଜଣେ ସାଙ୍ଗ ତଦନ୍ତକାରୀ ଟିମ୍‌କୁ ଦେଇଥିବା ଜଣାପଡ଼ିଛି। ଏଥିରେ ସୌମ୍ୟ ତାଙ୍କର ଦୈନନ୍ଦିନ ଜୀବନର ଘଟଣାବଳୀ ସମ୍ପର୍କରେ ଲେଖୁଥିଲେ। ଚାକିରିଠାରୁ ଆରମ୍ଭ କରି ଜିମ୍, ଆର୍ଥିକ ଦେଣନେଣ ଓ କିଛି ବିବାଦ ସମ୍ପର୍କିତ ବିଷୟ ଏହି ଡାଏରୀରେ ରହିଛି। କ୍ରାଇମ୍‌ବ୍ରାଞ୍ଚ୍ ଏହି ଡାଏରୀରେ ଉଲ୍ଲେଖ ଥିବା ତଥ୍ୟକୁ ଯାଞ୍ଚ କରୁଛି। ଏଥିରୁ ସୌମ୍ୟଙ୍କ ସମ୍ପର୍କରେ ଥିବା କିଛି ଅସମାହିତ ପ୍ରଶ୍ନ ବିଷୟରେ ଅଧିକ ତଥ୍ୟ ମିଳିବ ବୋଲି କ୍ରାଇମବ୍ରାଞ୍ଚ ଆଶା ରଖିଛି।

## ଥାନାଧିକାରୀ ଓ ସରପଞ୍ଚଙ୍କୁ ତାଲା ପକାଇଦେଲେ ଗ୍ରାମବାସୀ



ବାଲିଗୁଡ଼ା,୭।୬(ସଂଚାର ବ୍ୟୁରୋ)ଃ ଯନ୍ତ୍ରୀଙ୍କୁ ଛାଡିଦେଲା ପୁଲିସ, ହେଲେ ତାତିଲେ ଲୋକେ। କନ୍ଧମାଳ ଜିଲ୍ଲା ବେଲଘର ଥାନାଧିକାରୀ ଓ ବେଲଘର ସରପଞ୍ଚଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ତାଲା ପକାଇ ରଖିଲେ ଉତ୍ୟକ୍ତ ଗ୍ରାମବାସୀ। ତୁମୁଡିବନ୍ଧ ବ୍ଲକ ବେଲଘର, ଝିରିପାଣି, ଗୁମା ଓ ବିଲାମାଳ ପଞ୍ଚାୟତରେ କାଳବୈଶାଖୀ ବର୍ଷା ପରେ ଗତ ୧୩ ଦିନ ଧରି ବିଦ୍ୟୁତ ସେବାରୁ ବଞ୍ଚିତ ହୋଇ ଆସିଛନ୍ତି ୪ଟି ପଞ୍ଚାୟତର ବାସିନ୍ଦା। ଏହି ସମସ୍ୟା ନେଇ ତୁମୁଡିବନ୍ଧ ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଅଭିଯୋଗ କରିବା ପରେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରି ନ ଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ସୁଦ୍ଧା ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ନ ହେବାରୁ ଯନ୍ତ୍ରୀଙ୍କୁ ବେଲଘର ଥାନାରେ ପୁଲିସ ଜିମା ଦେଇଥିଲେ ଉତ୍ୟକ୍ତ ଗ୍ରାମବାସୀ। କିନ୍ତୁ ପୁଲିସ ତାଙ୍କୁ ଛାଡ଼ିଦେବାରୁ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

### ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରିପୋର୍ଟ ଗାଏବ ଘଟଣା

# ଅଭିଯୋଗର ସତ୍ୟତା ଥିଲେ ତଦନ୍ତ ହେବ



ଭୁବନେଶ୍ୱର,୭।୬(ସଂଚାର ବ୍ୟୁରୋ)ଃ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ ତାଙ୍କ ଦପ୍ତରରୁ ୨ଟି ତଦନ୍ତ କମିଶନ ରିପୋର୍ଟ ଗାଏବ ଅଭିଯୋଗକୁ ନେଇ ତନାଘନା। ଏ ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଯଦି ସେମିତି ଅଭିଯୋଗ ଆସେ, ତା'ହେଲେ ସରକାର ନିଶ୍ଚିତ ଭାବେ ତଦନ୍ତ କରିବେ। ଅନେକ ସମୟରେ ବହୁ ବିଧାୟକ ବହୁ କଥା କହୁଛନ୍ତି, କିନ୍ତୁ ସେଥିରେ ସତ୍ୟତା ଅଛି କି ନାହିଁ, ତା'ର ଅନୁଧ୍ୟାନ ସରକାର କରିବେ। ଯଦି ଅଭିଯୋଗର ସତ୍ୟତା ଥାଏ, ତା'ହେଲେ ତାର ତଦନ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗତକାଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ ଘରୋଇ ଟିଭି ଚ୍ୟାନେଲକୁ କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳରେ ତାଙ୍କ ଅଫିସରୁ ଦୁଇଟି ତଦନ୍ତ କମିଶନ୍ ରିପୋର୍ଟ ଗାଏବ୍ ହୋଇଥିଲା। ଏଥିସହ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦିଆଯିବ ବୋଲି କହିଥିଲେ। ଅନ୍ୟ ପକ୍ଷରେ ଆଜି ବିଜେଡି ବିଧାୟକ ଅରୁଣ ସାହୁ ଏହି ପ୍ରସଙ୍ଗରେ କହିଛନ୍ତି, ଲୋକସେବା ଭବନରୁ ଯଦି ଫାଇଲ୍ ଚୋରି ହୋଇଯାଉଛି, ତା'ହେଲେ ତାହା କେଉଁ କମିଶନଙ୍କ ତଦନ୍ତ ଫାଇଲ ତାହା ସରକାର ସ୍ପଷ୍ଟ କରନ୍ତୁ। ତେବେ ଚର୍ଚ୍ଚା ହେଉଛି, ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ହତ୍ୟା ସମ୍ପର୍କିତ ତଦନ୍ତ କମିଶନ୍ ରିପୋର୍ଟ ଗାଏବ ହୋଇଛି। ଯଦି ଏହା ସତ ହୋଇଥାଏ, ତା'ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦପ୍ତରରୁ କେମିତି ଗାଏବ ହେଲା ତଦନ୍ତ ରିପୋର୍ଟ? କିଏ, କେଉଁ ମସିହାରେ ଓ କାହା ନିର୍ଦ୍ଦେଶରେ ରିପୋର୍ଟ ଗାଏବ କଲେ? ଏହା ପଛରେ ରାଜନୈତିକ ଅଭିସନ୍ଧି ରହିଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

## ବିଶ୍ୱ ବ୍ୟାଙ୍କ କାର୍ଯ୍ୟକାରୀ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ରଙ୍କ ବୟାନ

# ଭାରତର ଅଭିବୃଦ୍ଧି ହାର ୮%ରୁ ଅଧିକ ରହିବ



ନୂଆଦିଲ୍ଲୀ,୭।୬ଃ ଭାରତର ଅର୍ଥନୈତିକ ଅଭିବୃଦ୍ଧି ବେଶ୍ ମଜବୁତ ରହିଛି ଏବଂ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ଅର୍ଥବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ଯେଉଁ ଆଶଙ୍କା କରାଯାଉଛି, ତାହା କେବଳ ଏକ 'ଧାରଣା' ମାତ୍ର, ବାସ୍ତବତା ନୁହେଁ। ଏହା କହିଛନ୍ତି ବିଶ୍ୱବ୍ୟାଙ୍କରେ ଭାରତର ନବନିଯୁକ୍ତ କାର୍ଯ୍ୟକାରୀ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର।

ଏଏନଆଇକୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ସଦସ୍ୟ ନୀଳକଣ୍ଠ ମିଶ୍ର କହିଛନ୍ତି ଯେ, ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ସତ୍ତ୍ୱେ ଭାରତୀୟ ଅର୍ଥନୀତି ବେଶ୍ ସୁରକ୍ଷିତ ସ୍ଥିତିରେ ଅଛି। ଅନ୍ୟ ତୈଳ ଆମଦାନୀକାରୀ ଦେଶ ତୁଳନାରେ ଭାରତ ଅଧିକ ଦରରେ ମଧ୍ୟ ତୈଳ ସହି ପାରିବ ଏବଂ ଏହାର ଅଭିବୃଦ୍ଧି ଉପରେ ଏହାର ପ୍ରଭାବ କମ୍ ପଡ଼ିବ। ଦେଶରେ ଅଭିବୃଦ୍ଧିର ଗତିକୁ ନେଇ ସେ କହିଛନ୍ତି ଯେ ଆର୍ଥିକ ବର୍ଷ ୨୦୨୫-୨୬ର ଫେବୃଆରୀ-ମାର୍ଚ୍ଚ ମାସ ସୁଦ୍ଧା ଭାରତୀୟ ଅର୍ଥନୀତି ୮ ପ୍ରତିଶତରୁ ଅଧିକ ହାରରେ ବୃଦ୍ଧି ପାଉଥିଲା। ମେ' ମାସରେ କାର୍ ବିକ୍ରିରେ ୨୯ ପ୍ରତିଶତ ବୃଦ୍ଧି, ମଲ୍ଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଏବଂ ସିମେଣ୍ଟର ଚାହିଦା ବୃଦ୍ଧି ପରି ଗ୍ରାଉଣ୍ଡ ରିପୋର୍ଟରୁ ଏହା ସ୍ପଷ୍ଟ ହେଉଛି ବୋଲି ଶ୍ରୀ ମିଶ୍ର କରିଛନ୍ତି।

ସେହିପରି ତୈଳ ଦରର ପ୍ରଭାବ ନେଇ ସେ କହିଛନ୍ତି ଯେ ଭାରତର ତୈଳ କମ୍ପାନୀଗୁଡ଼ିକ ମଧ୍ୟ ରିଫାଇନାରୀ ଭାବେ କାର୍ଯ୍ୟ କରୁଥିବାରୁ, ସେମାନେ ରିଫାଇନିଂ ମାର୍ଜିନରୁ ଲାଭବାନ ହେଉଛନ୍ତି। ଏହି କାରଣରୁ ଭାରତ ପାଇଁ ତୈଳର ପ୍ରକୃତ ଖର୍ଚ୍ଚ ଅନ୍ୟ ଦେଶ ତୁଳନାରେ କମ୍ ରହୁଛି। ବର୍ତ୍ତମାନ ତୈଳ ଦର ପ୍ରାୟ ୯୪-୯୫ ଡଲାର ପ୍ରତି ବ୍ୟାରେଲ ଥିବାରୁ, ଭାରତରେ ତୈଳ ଦର ଆଉ ବଢ଼ାଇବାର ଆବଶ୍ୟକତା ନାହିଁ ବୋଲି ଶ୍ରୀ ମିଶ୍ର କହିନ୍ତି। ବଜାରରେ ତୈଳ ଦର ସ୍ଥିର ହେଉଥିବାରୁ ଦେଶର ଅର୍ଥନୀତି ଖୁବ୍ ଶୀଘ୍ର ପୁନର୍ବାର ଅଧିକ ବେଗରେ ଆଗେଇବ ବୋଲି ସେ କହିଛନ୍ତି।

ଦେଶର ଆର୍ଥିକ ଅବିବୃଦ୍ଧିର ଯେହେତୁ ତୈଳ ଯୋଗାଣ ଉପରେ ନିର୍ଭର କରୁଛି, ତେଣୁ ଏ ନେଇ ସେ କହିଛନ୍ତି ଯେ ମାର୍ଚ୍ଚ ୨୦୨୭ ସୁଦ୍ଧା ତୈଳ ଦର ପ୍ରତି ବ୍ୟାରେଲ ୮୦ ଡଲାରକୁ ଖସି ଆସିବାର ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଦେଶର ଆର୍ଥିକ ଅଭିବୃଦ୍ଧି ୭.୫ ରୁ ୮ ପ୍ରତିଶତ ମଧ୍ୟରେ ସ୍ଥିର ରହିବ। କେବଳ ତୈଳ ଦର ବୃଦ୍ଧି ନୁହେଁ, ବରଂ ମୁଦ୍ରାସ୍ଫୀତି ଏବଂ ମୁଦ୍ରା ମୂଲ୍ୟର ପରିଚାଳନା ଉପରେ ଧ୍ୟାନ ଦେବା ଆବଶ୍ୟକ। ଭାରତ ବର୍ତ୍ତମାନର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ ପୂର୍ବ ଅପେକ୍ଷା ଅଧିକ ଶୃଙ୍ଖଳିତ ଏବଂ ପ୍ରସ୍ତୁତ ରହିଛି ବୋଲି ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଛନ୍ତି।



# ଏଲନ ମସ୍କ ହେବେ ବିଶ୍ୱର ପ୍ରଥମ ଟ୍ରିଲିଓନେୟାର

## ଜୁଲାଇରେ ସ୍ପେଶ ଏକ୍ସ ଆଇପିଓ ଆସିପାରେ

ନୂଆଦିଲ୍ଲୀ,୭।୬ଃ ଏଲନ ମସ୍କ ବିଶ୍ୱର ପ୍ରଥମ ଟ୍ରିଲିଅନେୟାର ବା ଲକ୍ଷେ କୋଟିର ସମ୍ପତ୍ତିର ଅଧିକାରୀ ହେବାକୁ ଯାଉଛନ୍ତି। ଆସନ୍ତା ମାସରେ ସ୍ପେଶ ଏକ୍ସ ଷ୍ଟକ୍ ବଜାରରେ ସୂଚୀଭୁକ୍ତ ହେବାକୁ ଯାଉଛି। ୮୫୬ ବିଲିୟନ ଡଲାରର ତାଙ୍କର ସମ୍ଭାବ୍ୟ ଅଂଶଧନକୁ ଆଧାର କରି କମ୍ପାନି ଆଇପିଓ ମୂଲ୍ୟ ନିର୍ଦ୍ଧାରଣ ନେଇ ଟାର୍ଗେଟ କରିଛି। ସ୍ପେଶ ଏକ୍ସ ଷ୍ଟକ ବଜାରକୁ ଏ ନେଇ ସୂଚନା ଦେଇଛି।

ଆଇପିଓ ଅଫରିଂରେ ଜରିଆରେ କମ୍ପାନିର ମୂଲ୍ୟ ୧.୭୭ ଟ୍ରିଲିଅନ ଡଲାର ଟପିବ ବୋଲି ବିଶେଷଜ୍ଞ ଆକଳନ କରିଛି। କୌଣସି ଆଇପିଓ କ୍ଷେତ୍ରରେ ଏହା ରେକର୍ଡ ହେବ। କମ୍ପାନି ୫୫୫,୫୫୫,୫୫୫ ଶେୟାର ଜାରି କରିବ। ପ୍ରତ୍ୟେକର ମୂଲ୍ୟ ୧୩୫ ଡଲାର ରହିବ। ଏବେ ସ୍ପେଶ ଏକ୍ସ ଷ୍ଟକର ଚାହିଦା ଅଧିକ ରହିଛି। ଏଲନ ମସ୍କ ସ୍ପେଶ ଏକ୍ସରେ ୪୨% ଇକ୍ୱିଟି ହାସଲ କରିଛନ୍ତି। ଶେୟାର ପିଛା ୧୩୫ ଡଲାର ଆଇପିଓ ମୂଲ୍ୟରେ ଇକ୍ୱିଟି ଅଂଶର ମୋଟ ମୂଲ୍ୟ ୮୫୬.୫ ବିଲିୟନ ଡଲାର ହେବ।

ଅନ୍ୟପଟେ ଏଲନ ମସ୍କଙ୍କ ନିକଟରେ ୭୧୭ ନିୟୁତ ଟେସ୍ଲା ଶେୟାର ରହିଛି। ବର୍ତ୍ତମାନ ଟେସଲାର ପ୍ରତି ଶେୟାର ପିଛା ମୂଲ୍ୟ ୪୨୦ ଡଲାର ରହିଛି। ଟେସଲାରେ ଥିବା ମସ୍କଙ୍କର ଶେୟାରର ମୋଟ ମୂଲ୍ୟ ୩୦୧.୧ ବିଲିୟନ ଡଲାର ହେବ। ସ୍ପେଶ ଏକ୍ସର ୮୬୬ ବିଲିୟନ ଡଲାର ଶେୟାର ଏବଂ ଟେସ୍ଲାର ୩୦୧ ବିଲିୟନ ଡଲାର ଶେୟାରକୁ ମିଶାଇଲେ ୨ କମ୍ପାନିରେ ମସ୍କଙ୍କ ଶେୟାର ୧.୧୬୮ ଟ୍ରିଲିୟନ ଡଲାର ଛୁଇଁବ। ଯେଉଁଥିରେ ନ୍ୟୁରାଲିଙ୍କର ଶେୟାରକୁ ସାମିଲ କରାଯାଇନାହିଁ। ସ୍ପେଶ ଏକ୍ସର ଚୂଡାନ୍ତ ଶେୟାର ମୂଲ୍ୟ ଜୁନ ୧୧ରେ ନିର୍ଦ୍ଧାରିତ ହୋଇପାରେ। ଏହାର ପରଦିନଠାରୁ ଏହା ନାସ୍ଡାକରେ ଟ୍ରେଡିଂ ଆରମ୍ଭ କରିବ।

# ଭାରତୀୟ ଇକ୍ୱିଟି ବଜାରରୁ ମୁହଁ ଫେରାଉଛନ୍ତି ବିଦେଶୀ ନିବେଶକ

ନୂଆଦିଲ୍ଲୀ,୭।୬ଃଭାରତୀୟ ଇକ୍ୱିଟି ବଜାରରୁ ବିଦେଶୀ ନିବେଶକମାନେ ମୁହଁ ଫେରାଇବା ଜାରି ରଖିଛନ୍ତି। ଜୁନ ପ୍ରଥମ ସପ୍ତାହରେ ସେମାନେ ପ୍ରାୟ ୪୩ ହଜାର କୋଟି ଟଙ୍କା ଭାରତୀୟ ବଜାରରୁ ଉଠାଇ ନେଇଛନ୍ତି। ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ସହ ଦକ୍ଷିଣ କୋରିଆ ଓ ତାଇୱାନ ଭଳି ଦେଶର ଏଆଇ ପ୍ରଯୁକ୍ତି ସହ ଜଡ଼ିତ କମ୍ପାନିରେ ଥିବା ନିବେଶ ସୁଯୋଗ ପାଇଁ ଏଭଳି ହୋଇଥିବା କୁହାଯାଉଛି। ୨୦୨୬ ମସିହାରେ ବିଦେଶୀ ନିବେଶକମାନେ ଭାରତୀୟ ଇକ୍ୱିଟି ବଜାରରୁ ୨.୬୭ ଲକ୍ଷ କୋଟି ଟଙ୍କା ଉଠାଇ ନେଲେଣି।

୨୦୨୫ ମସିହାରେ ସେମାନେ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିବାବେଳେ ୨୦୨୬ ମସିହାର ୬ ମାସରୁ କମ୍ ସମୟ ମଧ୍ୟରେ ବିପୁଳ ରାଶି ଉଠାଇ ନେଇଛନ୍ତି। ୨୦୨୬ର ଫେବ୍ରୁଆରିକୁ ଛାଡ଼ି ଦେଲେ ଅନ୍ୟ ସବୁ ମାସରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରେ ନିବେଶ ତୁଳନାରେ ଅଧିକ ରାଶି ପ୍ରତ୍ୟାହାର କରି ନେଇଛନ୍ତି।

ଫେବ୍ରୁଆରି ମାସରେ ସେମାନେ ୨୨,୬୧୫ କୋଟି ଟଙ୍କା ନିବେଶ କରିଥିଲେ ଯାହାକି ୧୭ ମାସ ମଧ୍ୟରେ ସର୍ବାଧିକ ରହିଥିଲା। କିନ୍ତୁ ମାର୍ଚ୍ଚ ମାସରେ ରେକର୍ଡ ୧.୧୭ ଲକ୍ଷ କୋଟି, ଏପ୍ରିଲରେ ୬୦,୮୪୭ କୋଟି ଏବଂ ମେ ମାସରେ ୩୨,୯୬୩ କୋଟି ଟଙ୍କା ଉଠାଇ ନେଇଛନ୍ତି। ଜୁନ ମାସର ପ୍ରଥମ ସପ୍ତାହରେ ୪୨,୯୨୭ କୋଟି ଟଙ୍କା ସେମାନେ ପ୍ରତ୍ୟାହୃତ କରିଛନ୍ତି।



# ଭାରତକୁ ରୁଷ୍‌ରୁ ନିରନ୍ତର ଜାରି ରହିବ ଅଶୋଧିତ ତୈଳ ଯୋଗାଣ

ନୂଆଦିଲ୍ଲୀ,୭।୬ଃ ପଶ୍ଚିମ ଏସିୟା ସଂକଟ ଓ ବୈଶ୍ୱିକ ତୈଳ ବଜାରରେ ଜାରି ଅନିଶ୍ଚିତତା ମଧ୍ୟରେ ଭାରତ ଲାଗି ଏକ ସକରାତ୍ମକ ଖବର ଆସୁଛି। ରୁଷିଆ ସରକାରୀ ତୈଳ କମ୍ପାନୀ ରୋସନେଫ୍ଟ ଏକ ବୟାନରେ ଭାରତକୁ ଅଶୋଧିତ ତୈଳ ଯୋଗାଣ ଜାରି ରହିବ ବୋଲି ପୁଷ୍ଟି କରିଛି। ବର୍ତ୍ତମାନ ସମୟରେ ଯେତେବେଳେ ଯୋଗାଣ ଓ ସିପିଂ ମାର୍ଗକୁ ନେଇ ଚିନ୍ତା ଲାଗି ରହିଛି ସେଥିରେ ରୁଷିଆର ଏହି ଆଶ୍ୱାସନ ଭାରତର ଉର୍ଜା ସୁରକ୍ଷା ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

ଏଥିରୁ ଦେଶକୁ ତୈଳର ଉପଲବ୍ଧତା ଓ ଦର ନିୟନ୍ତ୍ରଣରେ ସହାୟତା ମିଳିବ ବୋଲି କୁହାଯାଉଛି। ରୋସନେଫ୍ଟ ମୁଖ୍ୟ ଇଗୋର ସେଚିନ କହିଛନ୍ତି ଯେ ଭାରତ ଓ ଚୀନକୁ ରୁଷିଆ ତୈଳ ଯୋଗାଣ ସ୍ଥିର ରହିବ। ସେ କହିଛନ୍ତି ଯେ ବୈଶ୍ୱିକ ଉର୍ଜା ବଜାରର ରୁଷିଆ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଓ ଏହାକୁ ଯୋଗାଣ ଶୃଙ୍ଖଳାରୁ ପୃଥକ କରାଯାଇ ପାରିବନି। ତାଙ୍କ ଅନୁସାରେ ଭାରତ ଓ ଚୀନ ସହିତ ରୁଷିଆର ଉର୍ଜା ଭାଗିଦାରୀ ଦୁଇ ଦେଶଙ୍କ ନିମନ୍ତେ ଲାଭକାରୀ ପ୍ରମାଣିତ ହୋଇଛି। ସେଚିନ ଏହା ବି ଦାବି କରିଛନ୍ତି ଯେ ଏପ୍ରିଲ ୨୦୨୨ରୁ ଏ ପର୍ଯ୍ୟନ୍ତ ଭାରତ ଓ ଚୀନ୍ ରିହାତି ଦରରେ ରୁଷିୟ ତୈଳ ମିଳିବାରୁ ୪୦ ବିଲିୟନ ଡଲାରରୁ ଅଧିକ ଆର୍ଥିକ ଲାଭ ପାଇଛନ୍ତି। ଏଣୁ ଦୁଇ ଦେଶଙ୍କ ମହଙ୍ଗା ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭରତା ହ୍ରାସ ହୋଇଛି।



ୟୁକ୍ରେନ ଯୁଦ୍ଧ ପରଠାରୁ ରୁଷିଆ ଅନେକ ଦେଶଙ୍କୁ ରିହାତୀ ଦରରେ ତୈଳ ବିକ୍ରି କରିଆସୁଛି। ଏହାର ସବୁଠୁ ଅଧିକ ଲାଭ ଭାରତକୁ ମିଳିଛି। ରୁଷିଆରୁ ଭାରତ ତୈଳ ଆମଦାନୀ ବଢ଼ାଇଛି, ଏଣୁ ଆମଦାନୀ ବାବଦ ବ୍ୟୟ ହ୍ରାସ ହୋଇଥିବା ବେଳେ ଘରୋଇ ବଜାରରେ ଇନ୍ଧନ ମୂଲ୍ୟ ଉପରେ ଚାପ ହ୍ରାସ ହୋଇଛି। ଏବେ ଭାରତକୁ ତୈଳ ଯୋଗାଇ ଦେବାରେ ରୁଷିଆ ପ୍ରମୁଖ ଦେଶ ପାଲଟିଛି ଓ ଭାରତ ତାର ମୋଟ ତୈଳ ଆବଶ୍ୟକତାର ଏକ ବଡ଼ ଅଂଶ ରୁଷିଆରୁ ଆମଦାନୀ କରୁଛି। ଏଣୁ ସ୍ଥିର ଓ ଶସ୍ତା ଯୋଗାଣ ଦେଶର ଅର୍ଥ ବ୍ୟବସ୍ଥା ନିମନ୍ତେ ଏକ ଜରୁରି ଆବଶ୍ୟକତା ପାଲଟିଛି।

# ଟାୟାର ରପ୍ତାନିରେ ଭାରତର ରେକର୍ଡ

ନୂଆଦିଲ୍ଲୀ,୭।୬ଃଭାରତୀୟ ଟାୟାର ଶିଳ୍ପ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଅଟୋମୋଟିଭ ଟାୟାର ମାନୁଫ୍ୟାକ୍ଚର୍ସ ଆସୋସିଏସନ୍ (ATMA) ର ସୂଚନା ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତରୁ ଟାୟାର ରପ୍ତାନି ସର୍ବକାଳୀନ ରେକର୍ଡ ସ୍ତର ୨୭,୩୧୨ କୋଟି ଟଙ୍କାରେ ପହଞ୍ଚିଛି। ଗତ ଆର୍ଥିକ ବର୍ଷରେ ଏହି ରପ୍ତାନି ୨୫,୦୫୭ କୋଟି ଟଙ୍କା ଥିଲା, ଯାହା ଚଳିତ ବର୍ଷ ୯ ପ୍ରତିଶତ ବୃଦ୍ଧି ପାଇଛି। ଟାୟାର ରପ୍ତାନୀରେ ଆମେରିକା ଭାରତର ବଡ଼ ଗ୍ରାହକ ହୋଇଛି। ଏନେଇ ଏଟିଏମର ଅଧ୍ୟକ୍ଷ ଅରୁଣ ମାମେନ କହିଛନ୍ତି "ବିଶ୍ୱବ୍ୟାପୀ ଯୋଗାଣ ଶୃଙ୍ଖଳରେ ଗୁରୁତ୍ୱପୂର୍ଣ୍ଣ ବାଧା, ବର୍ଦ୍ଧିତ ଲଜିଷ୍ଟିକ୍ସ ଖର୍ଚ୍ଚ ଏବଂ ପ୍ରମୁଖ ବଜାରଗୁଡ଼ିକରେ ବାଣିଜ୍ୟ-ସମ୍ବନ୍ଧୀୟ ଅନିଶ୍ଚିତତା ସତ୍ତ୍ୱେ ଏହି ଦୃଢ଼ ରପ୍ତାନି ପ୍ରଦର୍ଶନ ଆସିଛି। ବାଣିଜ୍ୟ ମନ୍ତ୍ରଣାଳୟ କହିଛି ଭାରତ ଆମେରିକାକୁ ସର୍ବାଧିକ ଟାୟାର ରପ୍ତାନୀ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ମୂଲ୍ୟ ଅନୁସାରେ ମୋଟ ରପ୍ତାନିର ୧୫ ପ୍ରତିଶତ ୪,୦୮୨ କୋଟି ଟଙ୍କା ଟାୟାର ଆମେରିକାକୁ ରପ୍ତାନୀ କରାଯାଇଛି। ଅଗଷ୍ଟ ୨୦୨୫ରେ ଆମେରିକା।



ସରକାର ଭାରତୀୟ ଟାୟାର ଉପରେ ଆମଦାନୀ ଶୁଳ୍କ ୨୫ ପ୍ରତିଶତରୁ ବୃଦ୍ଧି କରି ୫୦ ପ୍ରତିଶତ କରିଦେଇଥିଲେ, ଯାହା ଦ୍ୱାରା ଆମେରିକା ବଜାରରେ ଭାରତର ଅଂଶ କିଛି ମାତ୍ରାରେ କମିଥିଲା। ତେବେ ଫେବୃଆରୀ ୨୦୨୬ରେ ଏହି ଶୁଳ୍କକୁ ୫୦ ପ୍ରତିଶତରୁ କମାଇ ୧୮ ପ୍ରତିଶତ କରିବା ପରେ ରପ୍ତାନିକାରୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ମିଳିଛି। ଏବଂ ରପ୍ତାନୀ ମଧ୍ୟ ବଢ଼ିଛି। କେବଳ ଆମେରିକା ନୁହେଁ, ଏହା ବ୍ୟତୀତ ଭାରତ ୧୭୦ ଦେଶକୁ ଟାୟାର ରପ୍ତାନୀ କରୁଛି। ସେଥିରେ ଜର୍ମାନୀ (୭%), ଇଟାଲୀ (୫%), ବ୍ରାଜିଲ (୫%) ଏବଂ ଫ୍ରାନ୍ସ (୪%) ଭାରତୀୟ ଟାୟାରର ଅନ୍ୟତମ ପ୍ରମୁଖ ବଜାର ଭାବେ ଉଭା ହୋଇଛନ୍ତି। ଏଟିଏମର ଅଧ୍ୟକ୍ଷ ଅରୁଣ ମାମେନଙ୍କ କହିବା ଅନୁଯାୟୀ, ବିଶ୍ୱ ସ୍ତରରେ ଯୋଗାଣ ଶୃଙ୍ଖଳାରେ ବାଧା ଓ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଭାରତୀୟ ଟାୟାର ଶିଳ୍ପ ଅଭୁତପୂର୍ବ ସାହସିକତା ପ୍ରଦର୍ଶନ କରିଛି। ଗତ ୪-୫ ବର୍ଷ ମଧ୍ୟରେ ଏହି ଶିଳ୍ପରେ ପ୍ରାୟ ୩୦,୦୦୦ କୋଟି ଟଙ୍କାର ନିବେଶ ହୋଇଛି। ବର୍ତ୍ତମାନ ଭାରତୀୟ ଟାୟାର ଶିଳ୍ପର ବାର୍ଷିକ କାରବାର ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଥିବା ଆକଳନ କରାଯାଇଛି, ଯାହା ଦେଶର ଉତ୍ପାଦନ କ୍ଷେତ୍ରକୁ ଆହୁରି ମଜବୁତ କରୁଛି ବୋଲି ମାମେନ କହିଛନ୍ତି। ସେ କହିଛନ୍ତି "ମହାମାରୀ ପରବର୍ତ୍ତୀ ସମୟରେ ଟାୟାର ଶିଳ୍ପ ଉଲ୍ଲେଖନୀୟ ସ୍ଥିରତା ଏବଂ ଅଭିବୃଦ୍ଧି ପ୍ରଦର୍ଶନ କରିଛି। ଗତ ୪-୫ ବର୍ଷ ମଧ୍ୟରେ, ଟାୟାର ନିର୍ମାତାମାନେ ଗ୍ରୀନଫିଲ୍ଡ ଏବଂ ବ୍ରାଉନ-ଫିଲ୍ଡ ପ୍ରକଳ୍ପଗୁଡ଼ିକରେ ପ୍ରାୟ ୩୦ ହଜାର କୋଟି ଟଙ୍କା ନିବେଶ କରିଛନ୍ତି, ଯାହା ଭାରତର ଦୀର୍ଘକାଳୀନ ଆର୍ଥିକ ସମ୍ଭାବନା ଏବଂ ଏକ ବିଶ୍ୱବ୍ୟାପୀ ଉତ୍ପାଦନ କେନ୍ଦ୍ର ଭାବରେ ଏହାର ଉତ୍ପାଦନ କ୍ଷମତା ଉପରେ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରେ।"



# ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖରେ ଚାଲିଛି ବେଆଇନ ବାଲି କାରବାର

**ବାଲି ଘାଟରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ**

**ପୁଲିସ ପହଞ୍ଚିବା ପରେ ମାଫିଆ ଫେରାର**



**ଯାଜପୁର,୭।୬ (ସଂଚାର ବ୍ୟୁରୋ):** ଯାଜପୁର ସହର ଉପକଣ୍ଠ ବିନ୍ଧାଣ ଗ୍ରାମର ମଙ୍ଗଳା ମନ୍ଦିର ନିକଟରେ ଚାଲିଥିବା କଥିତ ବେଆଇନ ବାଲି ଉତ୍ତୋଳନକୁ କେନ୍ଦ୍ର କରି ଗତକାଲି ବିଳମ୍ବିତ ରାତିରେ ଉତ୍ତେଜନା ଦେଖାଦେଇଥିଲା। ବାଲି କାରବାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ତୀବ୍ର ବଚସା ପରେ ପରିସ୍ଥିତି ଗଣ୍ଡଗୋଳର ରୂପ ନେଇଥିବା ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସମ୍ପୃକ୍ତ ବାଲି ମାଫିଆମାନେ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବିନ୍ଧାଣ ଗ୍ରାମ ନିକଟସ୍ଥ ନଦୀପଠାରୁ ଦୀର୍ଘଦିନ ଧରି ବେଧଡ଼କ ଭାବେ ବାଲି ଉତ୍ତୋଳନ ଚାଲିଆସୁଛି। ରାତି ଅଧରେ ଭାରି ଯନ୍ତ୍ରପାତି ଓ ଟ୍ରାକ୍ଟର ସାହାଯ୍ୟରେ ବାଲି ଚୋରାଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନଥିବା ନେଇ ପ୍ରଶ୍ନ ଉଠିଛି।ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଏବଂ ବିଭିନ୍ନ ସରକାରୀ ଅଫିସ ନିକଟବର୍ତ୍ତୀ ଅଞ୍ଚଳରେ ଏପରି ବେଆଇନ କାରବାର ଚାଲୁଥିବା ସତ୍ତ୍ୱେ କିପରି ଏହା ଉପରେ ଅଙ୍କୁଶ ଲାଗୁନାହିଁ। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅବୈଧ ବାଲି ଉତ୍ତୋଳନ ଫଳରେ ନଦୀର ପ୍ରାକୃତିକ ସନ୍ତୁଳନ ବିଗିଡ଼ିବା ସହ ପରିବେଶ ଉପରେ କୁପ୍ରଭାବ ପଡ଼ୁଛି। ଏହାସହ ରାତିଦିନ ଚାଲୁଥିବା ଭାରୀ ଗାଡ଼ି ଯୋଗୁଁ ସ୍ଥାନୀୟ ରାସ୍ତା ନଷ୍ଟ ହେବା ସହ ସାଧାରଣ ଲୋକଙ୍କ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି।

ଗତ ରାତିର ଘଟଣା ପରେ ଏହି ବେଆଇନ ବାଲି କାରବାର ପଛରେ କିଏ ରହିଛି ଏବଂ କାହାର ଛତ୍ରଛାୟାରେ ଏହା ଚାଲିଛି, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଉଠିଛି।

ପ୍ରଶ୍ନ ଉଠୁଛି— ଜିଲ୍ଲା ମୁଖ୍ୟାଳୟ ନିକଟରେ ଯଦି ବେଆଇନ ବାଲି କାରବାର ଏତେ ନିର୍ଭୟରେ ଚାଲିପାରୁଛି, ତେବେ ଦୂରଦୁରାନ୍ତ ଅଞ୍ଚଳର ସ୍ଥିତି କେମିତି ଥିବ? ଏବେ ସମସ୍ତଙ୍କ ନଜର ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ।

## ପୁଲିସ ପକ୍ଷରୁ ସାଇକେଲ ଶୋଭାଯାତ୍ରା




**ବାଲିଆପାଳ,୭।୬ (ସଂଚାର ବ୍ୟୁରୋ):** ବାଲିଆପାଳ ଥାନା ଆଇ ଆଇ ସି ସାଲଖାନ ମୁର୍ମୁ ଙ୍କ ତତ୍ତ୍ୱାବଧାନ ରେ ବିଶ୍ୱ ସାଇକେଲ ଦିବସ ଅବସର ରେ ରବିବାର ପୂର୍ବାହ୍ନ ସାଢ଼େ ଆଠଟା ସମୟ ରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି ସାଇକେଲ ଶୋଭାଯାତ୍ରା ବାଲିଆପାଳ ଥାନା ପରିସର ରୁ ବାହାରି ସୁବର୍ଣ୍ଣରେଖା ନଦୀ ଅବବାହିକା କୁଦମାନସିଂ ଗ୍ରାମ ପର୍ଯ୍ୟନ୍ତ ଯାଇ ପୁଣି ଥାନାକୁ ଫେରି ଥିଲେ। ଏହି ସାଇକେଲ ଶୋଭାଯାତ୍ରାରେ ବାଲିଆପାଳ ଥାନା ଏସ ଅଇ ଶୁଭସ୍ମିତା ପାଲ, ଏ ଏସ ଅଇ ଦେବେନ୍ଦ୍ର କୁମାର ବେହେରା, ପ୍ରବୋଦ କୁମାର ମଲ୍ଲିକ, ନୀଳମଣି ଦାସ ଙ୍କ ସହିତ କନଷ୍ଟେବଲ ମୃତ୍ୟୁଞ୍ଜୟ ଘଡାଇ, ମନୋଜ ମାରାଣ୍ଡି ହୁମଗୁର୍ଡ କାଳିଚଣ ପାତ୍ର, ଉପେନ ନାୟକ ପ୍ରମୁଖ ସାମିଲ ଦେଇଥିଲେ।

## ଗୋଡ଼ରେ ଲେଖି ମାଟ୍ରିକ ପାସ କଲେ ଭିନ୍ନକ୍ଷମ ଯଶୋଦା

**ଉଚ୍ଚ ଶିକ୍ଷା ପାଇଁ ପ୍ରତିବନ୍ଧକ ସାଜିଛି ଶାରୀରିକ ଅକ୍ଷମତା**



**ବୋରିଗୁମ୍ମା,୭।୬ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ନାରାଗାଁ ପଞ୍ଚାୟତର ତୋରାମୁଣ୍ଡା ଗ୍ରାମର ଝିଅ ଯଶୋଦା ମୁଁ ଆହୁରି ଅଧିକ ପାଠ ପଢ଼ିବି କିଛି କରି ଦେଖାଇବି ନିଜ ଗୋଡ଼ରେ ଠିଆ ହେବି ଏମିତି ଅନେକ ଆଶା ରହିଛି, କିନ୍ତୁ ଶାରୀରିକ ଅକ୍ଷମତା ସାଥ ଦେଉନି ପୁଣି ଉଚ୍ଚ ଶିକ୍ଷା ପାଇଁ ଅର୍ଥ ସାଜିଛି ବାଧକ। ଯଶୋଦା ଦଳେଇ ଗୋଡ଼ରେ ଲେଖି ମାଟ୍ରିକ ପାସ କରି ଉଚ୍ଚ ଶିକ୍ଷା ପାଇଁ ଦୃଢ଼ ଇଚ୍ଛା ରହିଛି ହେଲେ ବିଭିନ୍ନ ସମସ୍ୟା ପ୍ରତିବନ୍ଧକ ସାଜିଛି ।

ଯଶୋଦାଙ୍କ ଦୁଇ ହାତ କାମ କରୁନାହିଁ କି ଗୋଡ଼ ବି କାମ କରୁ ନାହିଁ ଜନ୍ମରୁ ଶାରୀରିକ ଅକ୍ଷମ ଓଟାପି ହାର ମାନି ନାହାନ୍ତି ଯଶୋଦା। ଗୋଡ଼ରେ ପେନ, ପେନ୍ସିଲ ନେଇ କେତେଯେ ସୁନ୍ଦର ଭାବେ ଲେଖି ପାରୁଛନ୍ତି ନିଜେ ନ ଦେଖିଲେ ବିଶ୍ୱାସ କରିହେବନି। ବୋରିଗୁମ୍ମା ବ୍ଲକ ତୋରାମୁଣ୍ଡା ଗାଁର ଯଶୋଦା ଦଳେଇ ଜନ୍ମରୁ ଦିବ୍ୟାଙ୍ଗ ଝିଅର ଏଭଳି ଅବସ୍ଥା ଦେଖି ବାପା ମକର ଦଳେଇ ଏବଂ ମାଆ ନିଳା ଦଳେଇ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଦିନକୁ ଦିନ ବୟସ ବଢ଼ିବା ସହିତ ଝିଅ ପାଠ ପଢ଼ିବା ପାଇଁ ଜିଦ କରିଥିଲା, ବାପା ଗାଁ ସ୍କୁଲରେ ନାମ ଲେଖାଇଥିଲେ। ପ୍ରଶାସନ ପକ୍ଷରୁ ଏକ ଟ୍ରାଇ ସାଇକେଲ ମିଳିଥିଲା। ସେହି ଟ୍ରାଇ ସାଇକେଲରେ ଯଶୋଦାଙ୍କ ସାଙ୍ଗସାଥି ଠେଲି ଠେଲି ବିଦ୍ୟାଳୟକୁ ନେଇ ଆଣିବା କଲେ। ବିଦ୍ୟାଳୟ କ୍ଲାସ ରୁମକୁ ଗୁରୁଣ୍ଡି ଗୁରୁଣ୍ଡି ଯିବା ଆସିବା କରନ୍ତି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଗୋଡ଼ରେ ଲେଖି ଭଲ ନମ୍ବର ରଖି ଉତୀର୍ଣ୍ଣ ହେଲେ। ହେଲେ ଉଚ୍ଚ ଶିକ୍ଷା ପାଇଁ ଇଚ୍ଛା ରହିଛି କିନ୍ତୁ ପ୍ରତିକୂଳ ପରିସ୍ଥିତି ପାଇଁ ଆଉ ପାଠ ପଢିବା କଷ୍ଟ ହୋଇ ପଡ଼ିଲା। ଗାଁ ରେ ସ୍କୁଲ ନିଜ ଘର ଠାରୁ ମାତ୍ର ୫୦୦ ମିଟର କିନ୍ତୁ କଲେଜ ଗାଁରୁ ପ୍ରାୟ ୩ କିଲୋମିଟର ହେବ ଯିବା ଆସିବା ପାଇଁ କୌଣସି ସୁବିଧା ନାହିଁ ସେଥିପାଇଁ ଯଶୋଦା ଙ୍କୁ ଉଚ୍ଚ ଶିକ୍ଷା ପାଇଁ ଇଚ୍ଛା ଥିଲେ ମଧ୍ୟ ଆଉ ପଢି ପାରୁ ନାହାଁନ୍ତି।

## ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା



**ବାଲିଆପାଳ,୭।୬ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାରେ ୨୦୪ ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ମିଳିଛି। ଅଭାସି ମାଧ୍ୟମରେ ରବିବାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲାକୁ ମାନ୍ୟତା ମିଳିଥିବା ୧୨ ଟି ବିଦ୍ୟାଳୟ ମଧ୍ୟରୁ ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତରେ ସ୍ଥାନୀୟରେ ସ୍ଥିତ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ଏହି ମାନ୍ୟତାର ସୁଯୋଗ ପାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂସଦ ପ୍ରତିନିଧି ରବିନ୍ଦ୍ର ନାଥ ଅଞ୍ଚଳ ଯୋଗଦେଇ ନିର୍ମିତ ହୋଇଥିବା ଫଳକ ନିକଟରେ ନଡ଼ିଆ ଭାଙ୍ଗି ଏହାର ଶୁଭ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଂଶୀଧର ନାୟକ, ଶିକ୍ଷକ ସମନ୍ୱୟ ସମିତିର ସଭାପତି ବିଶ୍ୱମ୍ବର ପାତ୍ର, ଜିଲ୍ଲା ଓଷ୍ଟାର ସମ୍ପାଦକ ବିଜୟ କୁମାର ପାତ୍ର,ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନେଶ୍ୱର ମାରାଣ୍ଡି, ସ୍ଥାନୀୟ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ, ସଦସ୍ୟ ମୀନକେତନ ଦାସ ମହାପାତ୍ର,ନାଇବ ସରପଞ୍ଚ ଅମିତା ଦେ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ବ୍ୟାମକେସ ସାହୁ, କ୍ଷୀରୋଦ କୁମାର ଧଳ, ଜଗଦିସ ଲେଙ୍କା,ସନ୍ତୋଷ କୁମାର ଜେନା,ଅମିତ କୁମାର ନାୟକ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ, ଅର୍ଚ୍ଚନା ଦାସ, ଜ୍ୟୋତ୍ସ୍ନା ରାଣୀ ବାଗ ,ମଞ୍ଜୁଲତା ପାତ୍ର,କାଞ୍ଚନ ବାଳା ପରିଡା, ପ୍ରଣୀତ ଜେନା, ଅପରାଜିତା ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ହିନ୍ଦୁ ଦୁଧ ଖଡ଼ିଆ ସମାଜର ବାର୍ଷିକ ସାଧାରଣ ଅଧିବେଶନ



**ସୁନ୍ଦରଗଡ଼,୭।୬ (ସଂଚାର ବ୍ୟୁରୋ):** ସଦର ବ୍ଲକର କିରୋଇ ଠାରେ ହିନ୍ଦୁ ଦୁଧ ଖଡିଆ ସମାଜର ସଭାପତି ଯଶୋଦା ବାଘୁଆରଙ୍କ ସଭାପତିତ୍ୱରେ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ସଦର ଜିଲ୍ଲାପରିଷଦ ସଭ୍ଯ ଅଶ୍ୱିନୀ ନାଏକ, ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଭିଏସଏସ ମେଡିକାଲ କଲେଜର ପ୍ରଫେସର ଡ଼.ସମୀର କିରୋ, କୁତ୍ରା ବ୍ଲକର ଶିକ୍ଷୟିତ୍ରୀ କୁସୁମ କେର୍କେଟା, ଶିକ୍ଷକ କିଶୋର ସୋରେନ ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି ବିଧାୟକ ଶ୍ରୀ ସିଂହ ତାଙ୍କ ବକ୍ତବ୍ୟରେ ଆଦିବାସୀ ହେଉଛନ୍ତି ଦେଶର ମୂଳବାସୀ ଅଟନ୍ତି। ସରକାର ଆଦିବାସୀ ମାନଙ୍କ ପାଇଁ ଅନେକ ଗୁଡିଏ ଯୋଜନା ଗୁଡିକ କରୁଛନ୍ତି। ନିଜ ଭାଷା, ଐତିହ୍ୟ, ପରମ୍ପରାରେ ସମାଜକୁ ଏକତ୍ରିତ କରି ରଖିବାକୁ ହେବ। ଶିକ୍ଷା କ୍ଷେତ୍ରରେ ପରିଶ୍ରମ କରି ନିଜେ ଶିକ୍ଷିତ ହେବା ସହିତ ସମାଜକୁ ମଧ୍ୟ ଶିକ୍ଷିତ କରିବା ପାଇଁ ପ୍ରଚେଷ୍ଟିତ ହେବାକୁ ପଡିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଡ. ଶ୍ରୀ କିରୋ ତାଙ୍କ ଅଭିଭାଷଣରେ ଶିକ୍ଷାକୁ ଗୁରୁତ୍ୱ ଦେଇଥିଲେ ଓ ଶିକ୍ଷା ହେଉଛି ଏପରି ଏକ ମାଧ୍ୟମ ଯାହାଦ୍ୱାରା ଆମେ ନିଜକୁ ଆଗକୁ ବଢାଇବା ସହିତ ସମାଜକୁ ଆଗକୁ ବଢାଇ ପାରିବା। ପାଠ ପଢିବା ନିଜ ଲକ୍ଷ୍ୟ ଧାର୍ଯ୍ୟ କରିବା ସହିତ କଠିନ ପରିଶ୍ରମ କରିବାକୁ ପଡିବ। ଶ୍ରୀମତୀ ଟେଟେ ଖଡିଆ ଭାଷାରେ ଅଭିଭାଷଣ ରଖି କହିଥିଲେ, ନିଜ ଭାଷା ସଂସ୍କୃତି ପରମ୍ପରାକୁ ଗୁରୁତ୍ୱ ଦେଇଥିଲେ ଓ ଅନ୍ଧବିଶ୍ୱାସରୁ ଦୁରେଇ ରହିବାକୁ କହିଥିଲେ। ଏହି ସମାରୋହ କାର୍ଯ୍ୟକ୍ରମରେ ହିନ୍ଦୁ ଦୁଧ ଖଡିଆ ସମାଜ ମହାସଂଘ ବୋର୍ଡର ସମସ୍ତ ସଭ୍ୟ ସଭ୍ୟା ସମେତ ୭ଟି ବ୍ଲକର ୧୦ଟି ଗୁଡିର ସମସ୍ତ ସଭାପତି, ପଦାଧିକାରୀ, ସଦସ୍ୟ ଯୋଗଦାନ କରିଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**କୋଟପାଡ଼,୭।୬ (ସଂଚାର ବ୍ୟୁରୋ):** କୋଟପାଡ଼ ବ୍ଲକ ଅନ୍ତର୍ଗତ ଆସନା ଗ୍ରାମ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତୀ ପ୍ରସ୍ଥର ସ୍ଥାପନ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। । କୋରାପୁଟ ଜିଲ୍ଲାର କୋଟପାଡ଼ ବ୍ଲକର ମୋଟ ୩ ଗୋଟି ଏବଂ ସମଗ୍ର ରାଜ୍ୟରେ ୨୦୪ଟି ଗୋଦାବରିଶ ପ୍ରାଥମିକ ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିବା ସୂଚନା ମିଳିଛି। ଆସନା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ଶ୍ରୀଯୁକ୍ତ ରୁପୁ ଭତ୍ରା , ସାଂସଦ ପ୍ରତିନିଧି ରାମେଶ୍ୱର ଜେନା,ବ୍ଲକ ଅଧ୍ୟକ୍ଷା କୋମଳା ଭତ୍ରା ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଗୀତା ମାଝି ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଗୁଆଳି ସରପଞ୍ଚ ରାଜ ମୋହନ ଭଣ୍ଡାରୀ , ସମିତି ସଭ୍ୟା ମମତା ଗମ୍ବାରୀ,ବିଦ୍ୟାଳୟ ପରିଚାଳନା କମିଟି ସେତୁରାମ ରନ୍ଧାରୀ, ବ୍ଲକ ବିଇଓ ଓ ବ୍ଲକ ଏଇଇ ସତ୍ୟ ନାରାୟଣ ସେଠି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲା ନାମ ଲେଖାଇ ପାରିବେ,ଏଥିରେ ସ୍ୱତନ୍ତ୍ର ଭିତ୍ତିଭୂମି, ସ୍ୱତନ୍ତ୍ର ଶିକ୍ଷକ, ସ୍ୱତନ୍ତ୍ର ହଷ୍ଟେଲ ସୁବିଧା ଏବଂ ଆଧୁନିକ ଢାଞ୍ଚାରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା ରହିବ ଏବଂ ଆଗାମୀ ଶିକ୍ଷା ବର୍ଷ ଠାରୁ ଏହା କାର୍ଯ୍ୟକାରୀ ହେବ ବୋଲି ବିଧାୟକ ଶ୍ରୀ ରୁପୁ ଭତ୍ରା ପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସିଆରସିସି ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

## ଫିଟ୍ ଇଣ୍ଡିଆ ମିଶନକୁ ନେଇ ଗଞ୍ଜାମ ପୁଲିସର ‘ସଣ୍ଡେ ଅନ ସାଇକଲ’ କାର୍ଯ୍ୟକ୍ରମ




**ଛତ୍ରପୁର,୭।୬ (ସଂଚାର ବ୍ୟୁରୋ):** ଫିଟ୍ ଇଣ୍ଡିଆ ମିଶନ ଅଧୀନରେ ସୁସ୍ଥ ଜୀବନଶୈଳୀ, ପରିବେଶ ସୁରକ୍ଷା ଏବଂ ଇନ୍ଧନ ସଞ୍ଚୟ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗଞ୍ଜାମ ପୁଲିସ ପକ୍ଷରୁ ରବିବାର “ସଣ୍ଡେ ଅନ ସାଇକଲ” କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ହରିଶ ବିଶିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ଚିନ୍ମୟ କୁମାର ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କାଳୁଚରଣ ବେହେରା, ରିଜର୍ଭ ଇନ୍ସପେକ୍ଟର ବିକାଶ ସେନାପତି, ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇ ଏବଂ ଛତ୍ରପୁର ଆଇଆଇସି ସବ୍ୟସାଚୀ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

ପୁଲିସ ହାବିଲଦାର, କନଷ୍ଟେବଳ, ସିପାହୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣରେ ଆୟୋଜିତ ସାଇକଲ ରାଲି ମାଧ୍ୟମରେ ନିୟମିତ ବ୍ୟାୟାମ, ସୁସ୍ଥ ଜୀବନଶୈଳୀ ଅପଣାଇବା, ପରିବେଶ ସୁରକ୍ଷା ଏବଂ ଇନ୍ଧନ ସଞ୍ଚୟର ବାର୍ତ୍ତା ଦିଆଯାଇଥିଲା।

ଏହି ଅବସରରେ ଏସପି ହରିଶ ବିଶି କହିଥିଲେ ଯେ, ବଢ଼ୁଥିବା ପେଟ୍ରୋଲ-ଡିଜେଲ ବ୍ୟବହାର ଓ ପରିବେଶ ପ୍ରଦୂଷଣ ବର୍ତ୍ତମାନ ସମୟର ଏକ ବଡ଼ ଚ୍ୟାଲେଞ୍ଜ। ଏପରି ସ୍ଥିତିରେ ଛୋଟ ଦୂରତା ପାଇଁ ସାଇକଲ ବ୍ୟବହାର କଲେ ଇନ୍ଧନ ସଞ୍ଚୟ ସହ ସ୍ୱାସ୍ଥ୍ୟ ଏବଂ ପରିବେଶର ସୁରକ୍ଷା ସମ୍ଭବ। “ସୁସ୍ଥ ଶରୀର ହିଁ ସୁସ୍ଥ ସମାଜର ଭିତ୍ତି। ତେଣୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ କିଛି ସମୟ ଶାରୀରିକ ବ୍ୟାୟାମ ପାଇଁ ଦେବା ଉଚିତ,” ବୋଲି ସେ କହିଥିଲେ।

## କୋରେଇ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କଲେ ୱାର୍ଡ ନଂ-୧୨ ବାସିନ୍ଦା



**ଯାଜପୁର ରୋଡ଼,୭।୬ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ -୧୨ ସ୍ଥିତ ଭଟିଆ ଗ୍ରାମର ଗ୍ରାମଦେବତୀ ମା' ବୀର ବାହୁତି ମନ୍ଦିର ଦୀର୍ଘ ଦିନ ଧରି ଅବହେଳିତ ହୋଇ ଗଡିକରୁଥିବା ବେଳେ ଗ୍ରାମବାସୀଙ୍କ ତରଫରୁ କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ସାକ୍ଷାତ କରି ଏ ବିଷୟ ରେ ଅବଗତ କରାଯାଇଥିଲା । ବିଧାୟକ ଶ୍ରୀ ଦାସନାୟକ ଗ୍ରାମବାସୀଙ୍କ ମନ୍ଦିରର ଉନ୍ନତିକରଣ ବିଷୟର କଥାକୁ ରକ୍ଷାକରି ତୁରନ୍ତ ମା'ଙ୍କ ମନ୍ଦିର ଓ ଚତୁର୍ପାଶ୍ୱ ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଅନୁଦାନ ପାଣ୍ଠିରୁ ୨୦୨୫/୨୬ ଆର୍ଥିକ ବର୍ଷରେ ନଅ ଲକ୍ଷଟଙ୍କା ଅର୍ଥରାଶି ମଞ୍ଜୁର କରିଥିବାରୁ ଗ୍ରାମବାସୀ ମାନେ ବିଧାୟକ ଶ୍ରୀ ଦାସନାୟକଙ୍କୁ ହୃଦୟରୁ କୃତଜ୍ଞତାର ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥି ସହିତ ସମ୍ପୂର୍ଣ୍ଣ ଅର୍ଥ ରାଶି ଟଙ୍କା ମା'ଙ୍କ ପୀଠର ଉନ୍ନତି କରଣରେ ଖର୍ଚ୍ଚ ହୋଇଥିବା ବେଳେ କୌଣସି ଦୁର୍ନୀତି ହୋଇନଥିବା ନେଇ ସ୍ପଷ୍ଟୀକରଣ ଗ୍ରାମବାସୀ ମାନେ ରଖିଛନ୍ତି। ଗ୍ରାମର ଜନୈକ ଯୁବକ ମନ୍ଦିରର ଉର୍ନତିକୁ ନେଇ କିଛି ବିଭ୍ରାନ୍ତି କର ତଥ୍ୟ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିବାରୁ ଗ୍ରାମ ବାସିଙ୍କ ତରଫରୁ ଏହାକୁ ତୀବ୍ର ନିନ୍ଦା କରାଯିବା ସହ ଆଇନର ଦ୍ୱାରସ୍ଥ ହୋଇଥିବା ନେଇ ସୂଚନା ଦେଇଛନ୍ତି।

## ନୀଳଗିରି ବିଜେଡିର ମିଶ୍ରଣ ପର୍ବ



**ନୀଳଗିରି,୭।୬ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ନୀଳଗିରି ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଙ୍କ ନେତୃତ୍ୱ ରେ ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ କିଛି ବିଜେଡ଼ି କର୍ମୀ ବିଜେପି ଦଳରେ ମିଶିଥିଲେ ମଧ୍ୟ ଆଜି ଘରବାହୁଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ନୀଳଗିରି ବ୍ଲକ କେଶିପୁର ପଞ୍ଚାୟତ ର ବିଜେଡି ନେତା ଶ୍ରୀନିବାସ ବାଗ ଓ ସରପଞ୍ଚ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଙ୍କ ତତ୍ତ୍ୱାବଧାନରେ ପ୍ରତାପ ବେହେରା, କରୁଣାକର ଦେହୁରୀ, ପ୍ରଦୀପ ପାତ୍ର, ହେମନ୍ତ ପାତ୍ର, କାର୍ତ୍ତିକ ପାତ୍ର, ମନୋଜ ଦେହୁରୀ, ଉମାକାନ୍ତ ଦେହୁରୀ ଗୌର ମୋହନ ସିଂ, ନାଥ ସୋରେନ ଓ ଗଦାଧର ମାଝୀ ବିଜେଡ଼ି ଦଳରେ ସାମିଲ ହୋଇ ଥିଲେ। ଉକ୍ତ ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ବରିଷ୍ଠ ନେତା ଗଙ୍ଗାଧର ମିଶ୍ର ଓ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ । ଉକ୍ତ ମିଶ୍ରଣ ଫଳରେ କେସିପୁର ପଞ୍ଚାୟତ ଓ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଜେଡ଼ି ଦଳ ଅଧିକ ସଶକ୍ତ ହେବ ବୋଲି ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ପ୍ରକାଶ କରିଛନ୍ତି ।

## ଧୂଷୁରୀ ବଜାରରେ ପଥଚାରୀଙ୍କୁ ଦହି ସର୍ବତ ବଣ୍ଟନ

**ଅଟୋ ଚାଳକ ସଙ୍ଘ ଓ ଶଙ୍କର ପ୍ରସାଦ ସ୍ମୃତି ସଂସଦର ମିଳିତ ପ୍ରୟାସ**



**ଧାମନଗର,୭।୬ (ସଂଚାର ବ୍ୟୁରୋ):** ଧାମନଗର ଅସୁରାଳି ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ, ପଥଚାରୀ ଓ ଜନସାଧାରଣଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେବା ପାଇଁ ଏକ ମହତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଶଙ୍କର ପ୍ରସାଦ ଦାସ ସ୍ମୃତି ସଂସଦ ଏବଂ ଧୂଷୁରୀ ଅଟୋ ଚାଳକ ସଙ୍ଘର ମିଳିତ ଆନୁକୂଲ୍ୟରେ ଧୂଷୁରୀ ବଜାରସ୍ଥିତ ଅଟୋ ଷ୍ଟାଣ୍ଡ ନିକଟରେ ପଥଚାରୀ ମାନଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ମାନବୀୟ ସେବା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଏହାଛଡ଼ା ସମ୍ମାନିତ ଅତିଥି ଭାବେ ଧୂଷୁରୀ ଥାନା ଏସ.ଆଇ. ବୈଷ୍ଣବ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ ସୂତାର, ପ୍ରଦୀପ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ନାୟକ, ନିରୋଦ ବେହେରା ଏବଂ ଡାକ୍ତର ଗିରୀଶ ନାୟକ ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟକୁ ଉତ୍ସାହିତ କରିଥିଲେ।

ପୂର୍ବାହ୍ନ ଦିନ ୧୦ ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଦୀର୍ଘ ଚାରି ଘଣ୍ଟା ଧରି ଏହି ସର୍ବତ ବଣ୍ଟନ କାର୍ଯ୍ୟକ୍ରମ ଚାଲିଥିଲା। ବଜାରକୁ ଆସୁଥିବା ଖାଉଟି, ଦୀର୍ଘ ପଥ ଅତିକ୍ରମ କରୁଥିବା ପଥଚାରୀ, ଗରିବ ଖଟିଖିଆ ଏବଂ ଯାତ୍ରୀମାନଙ୍କୁ ପ୍ରସ୍ତୁତ ସୁଆଦିଆ ଥଣ୍ଡା ଦହି ସର୍ବତ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମର ପ୍ରକୋପରୁ ରକ୍ଷା ପାଇବା ପାଇଁ ଏହି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା ସାଉଁଟିଛି। ଉଭୟ ସଂଗଠନର ଏହି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ସାଧୁବାଦ ଜଣାଇଛନ୍ତି।

## କାକଟପୁରରେ ଶିକ୍ଷାର ବିପ୍ଳବ

**ନିଜ ସ୍କୁଲର ଭିତ୍ତିପ୍ରସ୍ତର ଦେଲେ ରୁଦ୍ର-ସୂର୍ଯ୍ୟ**

**ଆଦର୍ଶ ବିଦ୍ୟାଳୟ ମାନ୍ୟତା ପରେ ଉତ୍ସାହିତ କାକଟପୁର ହାଇସ୍କୁଲ ଛାତ୍ର ଛାତ୍ରୀ**

**କାକଟପୁର/ଅସ୍ତରଙ୍ଗ,୭।୬ (ସଂଚାର ବ୍ୟୁରୋ):** ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନିୟ ସଫଳତା ପାଇଁ ପୁରୀ ଜିଲ୍ଲା କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ଗର୍ବର ଦିନ। ଓଡିଶା ସରକାର ଙ୍କ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ଉନ୍ନୟନ ଯୋଜନା ରେ ଅନ୍ତର୍ଭୁକ୍ତ ହୋଇ ବିଦ୍ୟାଳୟ ଏବେ "ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ "ଭାବେ ନୂଆ ପରିଚୟ ପାଇଛି। ଦ୍ୱିତୀୟ ପର୍ଯ୍ୟ୍ୟୟରେ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସ ମାଧ୍ୟ୍ୟମରେ ରବିବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ଏ ୱାନ ଛାତ୍ର ରୁଦ୍ର ନାରାୟଣ ବିଶ୍ୱାଳ ଓ ସୂର୍ଯ୍ୟ ନାରାୟଣ ଲେଙ୍କା। ଉପସ୍ଥିତ ଥିଲେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ଆଲୁମିନି କମିଟି ସଭାପତି ପୀତବାସ ଦୀକ୍ଷିତି, ବରଦା ପ୍ରସାଦ, ସୁରେନ୍ଦ୍ର ନାଥ ମାଣିକ, ଶିକ୍ଷାବିତି ପ୍ରତାପ କୁମାର ରାଉତ, କାକଟପୁର ସରପଞ୍ଚ ଅଭୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ୫କୋଟି ରୁ ଉର୍ଦ୍ଧ ଟଙ୍କା ବ୍ୟୟ ଅଟକଳ ରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ୧୮ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ମିଳିଛି। ଏ ନେଇ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନୂତନ ଶିକ୍ଷାନୀତି -୨୦୨୦ ଓ ଯୋଜନା ମାଧ୍ୟ୍ୟମରେ ସମ୍ପୂର୍ଣ୍ଣ ରୂପାନ୍ତରଣ ହେବ।

ଯୋଜନା ଅନୁଯାୟୀ ସ୍ମାଟ କ୍ଲାସ ରୁମ୍, ପ୍ରତ୍ୟେକ ଶ୍ରେଣୀ ରେ ଡିଜିଟାଲ ବୋର୍ଡ, ଇ-ଲର୍ଣ୍ଣି ସୁବିଧା, ଆଧୁନିକ ଲ୍ୟାବ, ୫ହଜାର ରୁ ଅଧିକ ପୁସ୍ତକ ସହ ଡିଜିଟାଲ ରିଡିଂ ରୁମ୍। ନୂଆ ଶ୍ରେଣୀ ଗୃହ, ମଧ୍ୟାହ୍ନ ଭୋଜନ ସେଡର ଆଧୁନିକରଣ ହେବ ସହ ଅନେକ ଉର୍ନତି ହେବ। ଏ ୱାନ ଛାତ୍ର ରୁଦ୍ର ଓ ସୂର୍ଯ୍ୟ କହିଛନ୍ତି 'ଆମ ସ୍କୁଲ ଆଦର୍ଶ ବିଦ୍ୟାଳୟ ହେଲା, ଆମେ ହିଁ ଭିତ୍ତିପ୍ରସ୍ତର ଦେଲୁ। ଏହା ଆମ ପାଇଁ ସବୁଠୁ ବଡ଼ ଉପହାର। ବିଦ୍ୟାଳୟ ଅନ୍ୟ ଜଣେ ଛାତ୍ର କହିଛନ୍ତି "ଲ୍ୟାବ ହେଲେ ଆମେ ବହି ବାହାରେ ବି ପରୀକ୍ଷଣ କରି ବିଜ୍ଞାନ ଶିଖି ପାରିବୁ।ଖୁସିର ମୁହୂର୍ତ୍ତ କାର୍ଯ୍ୟକ୍ରମ ରେ ପୁରାତନ ଛାତ୍ର, ଛାତ୍ରୀ, ପୂର୍ବତନ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ଡୁବୁରୀରେ ବିଜେଡିର ବିଶାଳ ମହିଳା ସମାବେଶ

**ସରକାର ବିରୋଧରେ ବିଜେଡିର ଶକ୍ତି ପ୍ରଦର୍ଶନ**



**ଯାଜପୁର,୭।୬ (ସଂଚାର ବ୍ୟୁରୋ):** ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତାକୁ ଆହୁରି ବଢ଼ାଇ ଦେଇଛି ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ବିଶାଳ ମହିଳା ସମାବେଶ। ଶନିବାର ପୂର୍ବାହ୍ନରେ ଡୁବୁରୀ କପିଳେଶ୍ୱର ମନ୍ଦିର ପଡ଼ିଆରେ ଆୟୋଜିତ ଏହି ସମାବେଶରେ ହଜାର ହଜାର ମହିଳା ଯୋଗଦେଇ ନାରୀ ସୁରକ୍ଷା, ସମ୍ମାନ ଓ ଅଧିକାର ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିଥିଲେ।କାର୍ଯ୍ୟକ୍ରମ ଆରମ୍ଭରେ ନଡ଼ିଆଭଙ୍ଗା ପଞ୍ଚାୟତର ସରପଞ୍ଚ ରଶ୍ମିତା ସାହୁଙ୍କ ନେତୃତ୍ୱରେ ନଡ଼ିଆଭଙ୍ଗା ଛକରୁ ଏକ ବିଶାଳ ମହିଳା ଶୋଭାଯାତ୍ରା ବାହାରିଥିଲା। ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ମହିଳାମାନେ “ନାରୀ ସୁରକ୍ଷା ଆମର ଅଧିକାର”, “ନାରୀ ନିର୍ଯାତନା ବନ୍ଦ କର”, “ମହିଳାଙ୍କୁ ପ୍ରତିମାସ ୧୦୦୦ ଟଙ୍କା ପ୍ରଦାନ କର”, “ସମ୍ମାନ ସହ ବଞ୍ଚିବାର ଅଧିକାର ଦିଅ” ପରି ସ୍ଲୋଗାନ ଦେଇ ସମଗ୍ର ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ।ପରେ ସୁକିନ୍ଦା ବ୍ଲକ ମହିଳା ସଭାନେତ୍ରୀ ତଥା ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ନିର୍ବାଚନ ପୂର୍ବରୁ ଦିଆଯାଇଥିବା ବହୁ ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ବରଂ ରାଜ୍ୟରେ ନାରୀ ନିର୍ଯାତନା, ଦୁର୍ନୀତି ଓ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ଘଟୁଛି ବୋଲି ସେ ଅଭିଯୋଗ କରିଥିଲେ।ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ କହିଥିଲେ ଯେ, ଓଡ଼ିଶାର ମହିଳାମାନେ ଆଜି ନିଜ ଅଧିକାର ଓ ସମ୍ମାନ ପାଇଁ ଏକଜୁଟ ହେଉଛନ୍ତି। ଜନବିରୋଧୀ ନୀତି ଏବଂ ପ୍ରତିଶ୍ରୁତି ଭଙ୍ଗର ଜବାବ ଆଗାମୀ ଦିନରେ ଜନସାଧାରଣ ଦେବେ ବୋଲି ସେ କହିଥିଲେ।

ଯାଜପୁର ବିଧାୟିକା ସୁଜାତା ସାହୁ ନିଜ ବକ୍ତବ୍ୟରେ କହିଥିଲେ ଯେ, ମହିଳା ସଶକ୍ତିକରଣ କେବଳ ସ୍ଲୋଗାନରେ ସୀମିତ ରହିଲେ ଚାଲିବ ନାହିଁ, ବରଂ ସରକାରଙ୍କୁ ସେମାନଙ୍କ ସୁରକ୍ଷା, ରୋଜଗାର ଓ ଆର୍ଥିକ ସ୍ୱାବଲମ୍ବନ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ପଡ଼ିବ। ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ମଧ୍ୟ ବିଜେପି ସରକାରଙ୍କ ବିରୋଧରେ ତୀବ୍ର ବର୍ଷିଥିଲେ।

**ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍**

## ବାଳିକା ବିଭାଗରେ ବରଗଡ଼ ଜୋନ୍ ଚାମ୍ପିଅନ୍




**ବଲାଙ୍ଗିର,୭।୬ (ସଂଚାର ବ୍ୟୁରୋ):** ଆନ୍ତଃଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ମୁଖ୍ୟମନ୍ତ୍ରୀ ଟ୍ରଫି- ୨୦୨୬ ଫୁଟବଲ୍ ଚାମ୍ପିୟନସିପ୍ର ଦ୍ୱିତୀୟ ସଂସ୍କରଣର ଫାଇନାଲ୍ ମ୍ୟାଚ୍ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ୍, ବଲାଙ୍ଗିରରେ ଅନୁଷ୍ଠିତ ହୋଇଥିଲା। ବାଳିକା ବର୍ଗର ଫାଇନାଲ୍ରେ ବରଗଡ଼ ଓ ଦେବଗଡ଼ ମଧ୍ୟରେ ହୋଇଥିବା ରୋମାଞ୍ଚକର ମୁକାବିଲାରେ ବରଗଡ଼ ୨-୧ ଗୋଲ୍ରେ ବିଜୟୀ ହୋଇ ଜୋନ୍ ଚାମ୍ପିୟନ୍ ଟ୍ରଫି ହାସଲ କରିଛି। ଏହି ଅବସରରେ ବରଣ୍ୟ ଅତିଥି ଭାବେ ବଲାଙ୍ଗିର ପୌରପାଳିକା ଅଧ୍ୟକ୍ଷା ଲିକା ସାହୁ ଓ ଅତିରିକ୍ତ ଜିଲ୍ଲାପାଳ ଡଃ ବିଜୟାନନ୍ଦ ସେଠୀ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଫୁଟବଲ୍ ଏସୋସିଏସନ୍ ଓ ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡଃ ଶ୍ରୀକର ମିଶ୍ର, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ୍ ସମ୍ପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଡଃ ସିଦ୍ଧେଶ୍ୱର ମିଶ୍ର, ସୁଧୀର ଚନ୍ଦ୍ର ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ।




# ପିଲାମାନେ ଦୃଷ୍ଟି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି?



ଆପଣଙ୍କ ପିଲା କେତେ ସମୟ ମୋବାଇଲ ଦେଖୁଛି? କେତେ ସମୟ ଟିଭି ବା ସୋସିଆଲ ମିଡ଼ିଆରେ ଏକାଗ୍ର ଚିତ୍ତରେ ନିଜ ଦୃଷ୍ଟି ନିବଦ୍ଧ କରିରଖୁଛି? ଆଜି ହୁଏତ ନୁହଁ କିନ୍ତୁ ପରବର୍ତ୍ତୀ ସମୟରେ ଏହା ପିଲାଟି ପାଇଁ ଅତ୍ୟନ୍ତ ବିପଦଜ୍ଜନକ ସାବ୍ୟସ୍ତ ହେବ। ଦୈନନ୍ଦିନ କାର୍ଯ୍ୟ ମାଧ୍ୟମରେ ଶିଶୁର ଦୀର୍ଘକାଳୀନ ଦୃଷ୍ଟି ସମସ୍ୟାକୁ ବହୁ ପରିମାଣରେ ହ୍ରାସ କରାଯାଇ ପାରିବ। ଆଜି ସେଭଳି କିଛି ସାଧାରଣ ଅଭ୍ୟାସ ବାବଦରେ ଆଲୋଚନା କରିବା। ପିଲା ଟିଭି, ଟାବଲେଟ, ସ୍ମାର୍ଟଫୋନ ଓ କମ୍ପ୍ୟୁଟର ପରି ସ୍କ୍ରିନ ସହ ଦୀର୍ଘ ସମୟ ଅତିବାହିତ କରିବା ଦ୍ୱାରା ଡିଜିଟାଲ ଚକ୍ଷୁ ଚାପ ଏବଂ ମାୟୋପିଆ ସମୀପ ଦୃଷ୍ଟି ମଧ୍ୟ ହୋଇପାରେ। ତେଣୁ ସ୍କ୍ରିନ ବ୍ୟବହାର ପାଇଁ ସମସ୍ତ ସୀମା ସ୍ଥିର କରିବା ଦରକାର। ପ୍ରତି ୨୦ ମିନିଟରେ ଟିକେ ବିରତି ନେବା ଆବଶ୍ୟକ। ସେହିପରି ପ୍ରତିଦିନ ଘର ବାହାରେ ଅତି କମରେ ୧ରୁ ୨ଘଣ୍ଟା ବିତାଇବା ଦ୍ୱାରା ପିଲାମାନଙ୍କ ମଧ୍ୟରେ ମାୟୋପିଆ ହେବାର ଆଶଙ୍କା ହ୍ରାସ ପାଇଥାଏ। ପ୍ରାକୃତିକ ଆଲୋକରେ ଦୂର ଦୂରାନ୍ତର ଧ୍ୟାନ ସୁସ୍ଥ ଦୃଷ୍ଟି ବିକାଶ କରିବାରେ ସାହାଯ୍ୟ କରେ। ତେଣୁ ସାଇକେଲିଂ କିମ୍ବା ଫୁଟବଲ, ହକି କି କ୍ରିକେଟ ଭଳି ବାହାର ଖେଳ ଅତ୍ୟନ୍ତ ଲାଭଦାୟକ। ଏଥିସହ ପିଲା ଯେଭଳି ଆଲୋକିତ ପରିବେଶରେ ପଢ଼େ କିମ୍ବା ଗୃହକାର୍ଯ୍ୟ କରେ, ସେଥିପ୍ରତି ଦୃଷ୍ଟି ଦେବା ଦରକାର। କମ ଆଲୋକ ଆଖିକୁ ଚାପ ଦେଇ ମୁଣ୍ଡବିନ୍ଧା ଓ ଥକାପଣ ସୃଷ୍ଟି କରିପାରେ। ପ୍ରାକୃତିକ ଦିବାଲୋକ କିମ୍ବା ଉଜ୍ୱଳ କିନ୍ତୁ ନରମ କୃତ୍ରିମ ଆଲୋକ ଆଖି ଚାପ ହ୍ରାସ କରିବା ପାଇଁ ସର୍ବୋତ୍ତମ। ପଢ଼ିଲା ବେଳେ ପୁସ୍ତକ କିମ୍ବା ସ୍କ୍ରିନକୁ ଆଖିଠାରୁ ଅତି କମରେ ୧୨ରୁ ୧୬ ଇଞ୍ଚ ଦୂରରେ ରଖିବାକୁ ଶିଖାନ୍ତୁ। ସାମଗ୍ରୀ ଗୁଡ଼ିକୁ ଅତ୍ୟଧିକ ପାଖରେ ରଖିଲେ ଆଖି ଚାପ ସୃଷ୍ଟି ସହ ସୀମପଦୃଷ୍ଟି ଆଶଙ୍କା ବଢ଼ିପାରେ। ସେହିପରି ବାରମ୍ବାର ଆଖି ମିଟିମିଟି କରିବା, ଆଖି ଘୁରାଇବା କିମ୍ବା ନିକଟରୁ ଦୂରକୁ ଧ୍ୟାନ ସ୍ଥାନାନ୍ତର କରିବା ଆଦି ସରଳ ବ୍ୟାୟାମ ଦ୍ୱାରା ଆଖିର ମାଂସପେଶୀ ମଜଭୁତ ହୋଇପାରେ। ଏଥି ସହିତ ଭିଟାମିନ ଏ, ସି, ଇ ସହ ଜିଙ୍କ ଓ ଓମେଗା-୩ ଚର୍ବିଳାମ୍ଳ ସମ୍ବଳିତ ଗାଜର, ପତ୍ରଯୁକ୍ତ ସବୁଜ ପନିପରିବା, ମିଠା ଆଳୁ, ଅଣ୍ଡା, ବାଦାମ ଏବଂ ମାଛ ଆଦି ଖାଦ୍ୟ ଗ୍ରହଣ ଦୃଷ୍ଟି ଶକ୍ତି ହ୍ରାସ ଆଶଙ୍କା ହ୍ରାସ କରି ଆଖିକୁ ସୁସ୍ଥ ରଖିଥାଏ।

ସର୍ବୋପରି ଚକ୍ଷୁ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ୍ରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଶରୀରର ଡିହାଇଡ୍ରେସନ ବା ଜଳାଭାବରୁ ଆଖି ଶୁଷ୍କ ହୋଇପାରେ। ତେଣୁ ଆଖିକୁ ଆର୍ଦ୍ର ତଥା ଆରାମଦାୟକ ରଖିବା ପାଇଁ ବିଶେଷକରି ଶୁଷ୍କ କିମ୍ବା ବାତାନୁକୂଳିତ ପରିବେଶରେ ପିଲା ଯେପରି ଦିନ ସାରା ପର୍ଯ୍ୟାପ୍ତ ପାଣି ପିଏ, ସେଥିପ୍ରତି ଦୃଷ୍ଟି ଦେବା ଦରକାର। ପିଲାମାନେ ପ୍ରାୟତଃ ମଇଳା ହାତରେ ଆଖି ଘଷନ୍ତି, ଯାହା କଞ୍ଜକ୍ଟିଭାଇଟିସ୍ ଭଳି ସଂକ୍ରମଣ ହୋଇପାରେ। ତେଣୁ ହାତକୁ ସଫା ରଖିବାକୁ ସେମାନଙ୍କୁ ଉତ୍ସାହିତ କରିବା ସହ ଆଖି ଘଷିବାକୁ ନିରୁତ୍ସାହିତ କରନ୍ତୁ। ଏହି ସବୁ ଛୋଟ ଅଥଚ ଭଲ ଅଭ୍ୟାସ ଗୁଡ଼ିକୁ ନିଜ ପିଲାର ଦୈନନ୍ଦିନ ଜୀବନରେ ସାମିଲ କରି ଚକ୍ଷୁ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ସହ ତାହାର ଏକାଗ୍ରତା, ଶିକ୍ଷଣ ଏବଂ ଆତ୍ମବିଶ୍ୱାସକୁ ମଧ୍ୟ ଉନ୍ନତ କରିହେବ।

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

# ବାଥରୁମ୍‌ରେ ରଖନ୍ତୁନି ଟୁଥବ୍ରଶ୍



ଅଧିକାଂଶ ଲୋକ ସକାଳୁ ଉଠିବା ମାତ୍ରେ ବାଥରୁମରେ ନିଜ ଟୁଥବ୍ରଶ୍ ଧରି ଦାନ୍ତ ଘଷନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ସେହି ଟୁଥବ୍ରଶ୍ ପ୍ରତିଦିନ ହଜାର ହଜାର ବ୍ୟାକ୍ଟେରିଆ, ଭାଇରାଲ୍ ପାର୍ଟିକଲ୍ସ ଏବଂ ଫଙ୍ଗାଲ୍‌ର ସାମ୍ନା କରିଥାଏ? ବାୟୋଲୋଜି ଏବଂ ମାଇକ୍ରୋବାୟଲ୍ ଅଧ୍ୟୟନରୁ ଜଣାପଡିଛି ଯେ ବାଥରୁମ୍ ପରିବେଶ ଟୁଥବ୍ରଶ୍ ପାଇଁ ସବୁଠାରୁ ଅସୁରକ୍ଷିତ ସ୍ଥାନ ମଧ୍ୟରୁ ଗୋଟିଏ, ବିଶେଷକରି ଯଦି ଆପଣଙ୍କର ବ୍ରଶ୍ ଖୋଲା ଥାଏ କିମ୍ବା ଟଏଲେଟ୍ ସିଟ୍ ପାଖରେ ରଖାଯାଏ।

ବିଶେଷଜ୍ଞଙ୍କ ଅନୁଯାୟୀ, ଟୁଥବ୍ରଶ୍‌କୁ ସଫା କରିବା ଏବଂ ସଂରକ୍ଷଣ କରିବାକୁ ନେଇ ବହୁତ କମ୍ ସଚେତନତା ରହିଛି, କିନ୍ତୁ ଏହା ଆପଣଙ୍କ ମୁଖ ସ୍ୱାସ୍ଥ୍ୟ, ମାଢ଼ି ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରେ। ଏପରି ପରିସ୍ଥିତିରେ, ବାଥରୁମରେ ରଖାଯାଇଥିବା ବ୍ରଶ୍‌ରେ କ'ଣ ବିପଦ ଲୁଚି ରହିଛି ଏବଂ ସେଗୁଡ଼ିକରୁ ନିଜକୁ କିପରି ରକ୍ଷା କରିବେ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ।

ବାଥରୁମ ସବୁବେଳେ ଆର୍ଦ୍ର ରହିଥାଏ, ଯାହାଦ୍ୱାରା ବ୍ୟାକଟେରିଆ ଏବଂ ଫଙ୍ଗସ ବୃଦ୍ଧି ପାଇଥାନ୍ତି। ଯେତେବେଳେ ବି ଟଏଲେଟ ଫ୍ଲସ୍ କରାଯାଏ, ସେତେବେଳେ ଟଏଲେଟ ପ୍ଲମ୍ ସୃଷ୍ଟି ହୁଏ – ଏହା ସୂକ୍ଷ୍ମ ବୁନ୍ଦାର ଏକ ମାଇକ୍ରୋ କ୍ଲାଉଡ ହୋଇଥାଏ ଯେଉଁଥିରେ ମଳ ଏବଂ ମୂତ୍ର କଣିକା ବାୟୁରେ ବିସ୍ତାରିତ ହୁଏ। ଏହି କଣିକାଗୁଡ଼ିକ ୧.୫ ରୁ ୨ମିଟର ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ ଏବଂ ଯେକୌଣସି ଖୋଲା ବ୍ରଶ୍ କିମ୍ବା ସେଭିଙ୍ଗ୍ ଜିନିଷ ଉପରେ ସହଜରେ ସ୍ଥିର ହୋଇପାରେ। ଜୀବବିଜ୍ଞାନୀମାନେ କୁହନ୍ତି ଯେ ଅନେକ କ୍ଷେତ୍ରରେ, ଟୁଥବ୍ରଶରେ ଇ.କୋଲି, ଷ୍ଟ୍ରେପ୍ଟୋକୋକସ୍, ସାଲମୋନେଲା ଏବଂ ଏପରିକି କବକ ସ୍ପୋର୍ସ ମଧ୍ୟ ମିଳିଛି। ଏହି ଜୀବାଣୁ କିଛି ଦିନ ମଧ୍ୟରେ ବ୍ରଶ୍‌ର ବ୍ରିଷ୍ଟଲ୍ସରେ ଜମା ହୋଇଯାଏ ଏବଂ ମୁଖ ଗହ୍ୱରରେ ପହଞ୍ଚିବା ପରେ ସଂକ୍ରମଣ, ପ୍ରଦାହ ଏବଂ ଅଲସର ଭଳି ସମସ୍ୟା ବଢ଼ାଇପାରେ। ଯଦି ବ୍ରଶ୍ ଓଦା ଥାଏ ଏବଂ ବନ୍ଦ ପାତ୍ରରେ ରଖାଯାଇଥାଏ, ତେବେ ବ୍ରଶ୍ ଉପରେ ଜୀବାଣୁ ଦ୍ରୁତ ଗତିରେ ବୃଦ୍ଧି ପାଏ। କିନ୍ତୁ, ଯଦି ବ୍ରଶ୍ ଟଏଲେଟ୍ ପାଖରେ ଥାଏ, ତେବେ ଏହା ଫ୍ଲସ୍ ପ୍ଲମ୍ ସହିତ ସିଧାସଳଖ ସଂସ୍ପର୍ଶରେ ଆସିଥାଏ। ଏଥିସହିତ ଯଦି ପରିବାରର ସମସ୍ତ ସଦସ୍ୟ ସେମାନଙ୍କର ବ୍ରଶ୍ ଗୋଟିଏ ସ୍ଥାନରେ ରଖିଥାନ୍ତି, ତେବେ କ୍ରସ୍-କଣ୍ଟାମିନେସନ୍ ହେବାର ଆଶଙ୍କା ବଢ଼ିଯାଏ - ଅର୍ଥାତ୍, ଜଣେ ବ୍ୟକ୍ତିଙ୍କ ମୁହଁର ଜୀବାଣୁ ଅନ୍ୟ ଜଣଙ୍କ ବ୍ରଶ୍ କୁ ସ୍ଥାନାନ୍ତରିତ ହୋଇପାରନ୍ତି। ତେବେ ବିଶେଷଜ୍ଞଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଏହି ଟିପ୍ସଗୁଡ଼ିକୁ ଅନୁସରଣ କରି, ଆପଣ ଆପଣଙ୍କ ବ୍ରଶ୍‌କୁ ୯୦% ପର୍ଯ୍ୟନ୍ତ ଜୀବାଣୁରୁ ରକ୍ଷା କରିପାରିବେ। ଫ୍ଲସ୍ କଣିକାଗୁଡ଼ିକ ଯେପରି ବ୍ରଶ୍ ପର୍ଯ୍ୟନ୍ତ ନ ପହଞ୍ଚେ, ସେଥିପାଇଁ ଅତି କମରେ ୨ ମିଟର ଦୂରତା ବଜାୟ ରଖନ୍ତୁ। ସିଟ୍ କଭରକୁ ବନ୍ଦ କରି ଫ୍ଲସ୍ କରନ୍ତୁ, ଯାହା ଦ୍ୱାରା ବାୟୁବାହୀ କଣିକାଗୁଡିକ ୮୦% ପର୍ଯ୍ୟନ୍ତ ହ୍ରାସ ପାଇବ। ଏକ ଓଦା ବ୍ରଶ୍ ଜୀବାଣୁ ପାଇଁ ପ୍ରଜନନ ଭୂମି ହୋଇଯାଏ, ତେଣୁ ଏହାକୁ ପବନରେ ଶୁଖିବାକୁ ଦିଅନ୍ତୁ। ବ୍ରଶ୍‌ଗୁଡ଼ିକୁ ଏୟାରଟାଇଟ୍ ପାତ୍ରରେ ରଖିବା ଦ୍ୱାରା ଆର୍ଦ୍ରତା ବନ୍ଦ ହୋଇଯାଏ ଏବଂ କବକ ବୃଦ୍ଧିକୁ ଉତ୍ସାହିତ କରେ। ସମସ୍ତଙ୍କ ବ୍ରଶ୍ ଗୋଟିଏ ସ୍ଥାନରେ ରଖିବା ଛୁଇଁବା ନୁହେଁ, ଏହା କ୍ରସ୍-ଇନ୍ଫେକ୍ସନକୁ ରୋକିଥାଏ।



# ଲମ୍ବା ଏବଂ ସୁନ୍ଦର କେଶର ସହଜ ଉପାୟ

ଆଜିର ସମୟରେ ଅଧିକାଂଶ ଲୋକ କେଶ ଝଡ଼ିବା ସମସ୍ୟାରେ ପୀଡ଼ିତ ଅଛନ୍ତି। କେଶ ଝଡ଼ିବା ଯୋଗୁଁ କେଶ ପୂର୍ବା ଅପେକ୍ଷା ପତଳା ହୋଇଯାଏ ଯାହା ମୁହଁର ସୁନ୍ଦରତାକୁ ମଧ୍ୟ କମାଇଥାଏ। ବର୍ତ୍ତମାନର ଖରାପ ଲାଇଫ୍‌ଷ୍ଟାଇଲ୍ ଏବଂ ଖାଇବା ଅଭ୍ୟାସ ହେତୁ ଲୋକଙ୍କ କେଶ ବହୁତ ଅଧିକ ଝଡିବାକୁ ଲାଗୁଛି। ଏଭଳି ପରିସ୍ଥିତିରେ ଲୋକମାନେ କେଶ ଝଡ଼ିବା ପାଇଁ ଦାମୀ ତେଲ, ସାମ୍ପୁ ଏବଂ କଣ୍ଡିସନର ବ୍ୟବହାର କରନ୍ତି। କିନ୍ତୁ ଏସବୁ କରିବା ପରେ ମଧ୍ୟ କେଶ ମୋଟା ଏବଂ ଲମ୍ବା ହେବା ପରିବର୍ତ୍ତେ ଝଡ଼ିବାକୁ ଲାଗୁଛି। ତେବେ କେଶ ପାଇଁ କେମିକାଲ ପ୍ରଡକ୍ଟରେ ଅଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ, ଆପଣ ନିଜ ରୋଷେଇ ଘରେ ଥିବା ଏହି ଜିନିଷଗୁଡିକ ବ୍ୟବହାର କରିବା ଉଚିତ୍। କେବଳ ଆପଣଙ୍କ କେଶ ଝଡ଼ିବା ବନ୍ଦ କରେ ନାହିଁ ବରଂ ସେମାନଙ୍କୁ ମୂଳରୁ ଷ୍ଟ୍ରଙ୍ଗ କରେ। ଯଦି ଆପଣ ମଧ୍ୟ କେଶ ଝଡ଼ିବା ସମସ୍ୟାରେ ପୀଡିତ ତେବେ ଆପଣ କିଛି ଘରୋଇ ଉପାୟ ଆପଣେଇ ନିଜ କେଶକୁ ମୋଟା କରିପାରିବେ। ତେବେ ଆସନ୍ତୁ ଏହା ବିଷୟରେ ଜାଣିବା। ସୁସ୍ଥ କେଶ ପାଇବା ପାଇଁ ଆପଣ ଦାମୀ ପ୍ରଡକ୍ଟ ଅପେକ୍ଷା ନିଜ ଡାଏଟ୍ ଉପରେ ଅଧିକ ଧ୍ୟାନ ଦେବା ଉଚିତ। କାରଣ ଅନେକ ସମୟରେ ପୋଷକ ତତ୍ତ୍ୱର ଅଭାବରୁ କେଶ ଝଡ଼ିବା ସମସ୍ୟା ଦେଖାଦେଇଥାଏ। ଏଭଳି ପରିସ୍ଥିତିରେ ଯଦି ଆପଣ ଏକ ବାଲାନ୍ସଡ୍ ଏବଂ ହେଲଦି ଖାଦ୍ୟ ଖାଆନ୍ତି, ତେବେ ଆପଣଙ୍କ କେଶ ଝଡ଼ିବା ସମସ୍ୟା ନିଶ୍ଚୟ ଭାବରେ କମ୍ ହୋଇଯିବ। ତେବେ ଆସନ୍ତୁ ଜାଣିବା କେଶ ପାଇଁ କେଉଁ ଜିନିଷ ଖାଇବା ଲାଭଦାୟୀ ହୋଇଥାଏ।

**କଞ୍ଚା ଅଁଳା:** ସକାଳୁ ଉଠି ଖାଲି ପେଟରେ କଞ୍ଚା ଅଁଳା ଖାଆନ୍ତୁ। କଞ୍ଚା ଅଁଳା ଉଭୟ ସ୍ୱାସ୍ଥ୍ୟ ଏବଂ କେଶ ପାଇଁ ବହୁତ ଭଲ। ଅଁଳାରେ ଭିଟାମିନ୍ ସି ମିଳିଥାଏ ଯାହା କେଶକୁ ମଜବୁତ କରିଥାଏ ଯାହାଫଳରେ କେଶ ଝଡ଼ିବା ବହୁତ ମାତ୍ରାରେ କମ୍ ହୋଇପାରେ। ଏହା ବ୍ୟତୀତ ଅଁଳା ତ୍ୱଚା ପାଇଁ ମଧ୍ୟ ଲାଭଦାୟକ।

**ଭୃସଙ୍ଗ ପତ୍ର:** କେଶର ଯତ୍ନ ପାଇଁ ଆପଣ ଭୃସଙ୍ଗ ପତ୍ର ମଧ୍ୟ ଖାଇପାରିବେ। ଭୃସଙ୍ଗ ପତ୍ର ଚୋବାଇବା ଦ୍ୱାରା କେଶର ଘନତା ବୃଦ୍ଧି ପାଇଥାଏ। ଏହା ବ୍ୟତୀତ କେଶ ବୟସ ପୂର୍ବରୁ ଧଳା ହୋଇନଥାଏ। ଅଁଳା ଖାଇବା ପରେ ମଧ୍ୟ ଆପଣ ଭୃସଙ୍ଗ ପତ୍ର ଖାଇପାରିବେ।

**ଡ୍ରାଏଫ୍ରୁଟସ୍:** କେଶର ଯତ୍ନ ନେବା ପାଇଁ ଆପଣ ସକାଳେ ଡ୍ରାଏଫ୍ରୁଟସ୍ ଖାଇପାରିବେ। ରାତିରେ ଡ୍ରାଏଫ୍ରୁଟସ୍ କୁ ପାଣିରେ ଭିଜାଇ ରଖନ୍ତୁ। ଏହାପରେ ସକାଳେ ଖାଲି ପେଟରେ ଏହି ଭିଜା ହୋଇଥିବା ଡ୍ରାଏଫ୍ରୁଟସ୍ ଖାଆନ୍ତୁ। ଡ୍ରାଏଫ୍ରୁଟସ୍ ଖାଇବା ଦ୍ୱାରା କେଶକୁ ଭିତରୁ ପୋଷଣ ମିଳିବ ଯାହାଫଳରେ ଅନେକ କେଶ ସମସ୍ୟା ଦୂର ହୋଇପାରିବ।

# ନିଦ୍ରା ସମସ୍ୟା ଭୋଗୁଛନ୍ତି କି ?

ଅନେକ ଲୋକଙ୍କ ବଡ ସମସ୍ୟା ହେଉଛି ନିଦ୍ରା। ଶରୀର କ୍ଲାନ୍ତ ହୋଇଯାଇଥିଲେ ସୁଦ୍ଧା ଶାନ୍ତିରେ ନିଦ ହୋଇନଥାଏ। କିନ୍ତୁ ନିଦ୍ରା ହେଉଛି ମାନବ ଶରୀରର 'ରିଚାର୍ଜ ମୋଡ୍'। ଯଦି ଆପଣ ଶରୀରକୁ ପର୍ଯ୍ୟାପ୍ତ ପରିମାଣର ବିଶ୍ରାମ ନ ଦିଅନ୍ତି, ତେବେ ପରଦିନ ଆଳସ୍ୟ, ଚିଡ଼ଚିଡ଼ା ଏବଂ କ୍ଲାନ୍ତ ଅନୁଭବ କରିବା ସ୍ୱଭାବିକ। ତେଣୁ ଶୋଇବା ପୂର୍ବରୁ କେଉଁ ଖାଦ୍ୟ ଉପଯୁକ୍ତ ଏବଂ କେଉଁ ଖାଇବା ଉଚିତ୍ ନୁହେଁ ? ତାହା ଜାଣିବା ବହୁତ ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ଜାଣିବା ଶୋଇବା ପୂର୍ବରୁ କେଉଁ ଖାଦ୍ୟ ଖାଇବା ଉଚିତ୍ ନୁହେଁ ...

**ଚକୋଲେଟ୍:** ଏହା ଖାଇବାକୁ ସ୍ୱାଦିଷ୍ଟ କିନ୍ତୁ ଶୋଇବା ପୂର୍ବରୁ ଏହାକୁ ଖାଇବା ଭଲ ନୁହେଁ। ଏଥିରେ କ୍ୟାଫିନ୍ ଏବଂ ଚିନି ଉଭୟ ଥାଏ, ଯାହା ମସ୍ତିଷ୍କକୁ ସକ୍ରିୟ କରିଥାଏ ଏବଂ ନିଦକୁ ବାଧା ଦେଇଥାଏ। ଡାର୍କ ଚକୋଲେଟରେ ଅଧିକ କ୍ୟାଫିନ୍ ଥାଏ। ତେଣୁ ଶୋଇବା ପୂର୍ବରୁ ଚକୋଲେଟ ଖାଆନ୍ତୁ ନାହିଁ।

**କଫି ଏବଂ ମୃଦୁ ପାନୀୟ:** କଫି, ଥଣ୍ଡା କଫି, ସବୁଜ ଚା, କିମ୍ବା ଶକ୍ତି ପାନୀୟରେ ଥିବା କ୍ୟାଫିନ୍ ପ୍ରାୟ ୬-୮ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ। ଚା' ଏବଂ କଫିରେ କଫିନ୍ ଏବଂ ଟେନିନ୍ ଥାଏ। କଫିନ ସେଣ୍ଟ୍ରାଲ ସ୍ନାୟୁ ପ୍ରଣାଳୀରେ ଏବଂ ଖାଦ୍ୟର ଆଇରନ ଉପରେ ଟେନିନ୍ ଉପରେ ଅଧିକ ପ୍ରଭାବ ପକାଇଥାଏ। ତେଣୁ ଶୋଇବା ପୂର୍ବରୁ କଫି ଏବଂ ମୃଦୁ ପାନୀୟ ଖାଆନ୍ତୁ ନାହିଁ।

**ମସଲାଯୁକ୍ତ ଖାଦ୍ୟ:** ରାତିରେ ଅତ୍ୟାଧିକ ମସଲାଯୁକ୍ତ ଖାଦ୍ୟ ଖାଇବା ପେଟକୁ ଗରମ କରିପାରେ। ଫଳରେ ଏସିଡିଟି, ଛାତିରେ ଜଳାପୋଡ଼ା ଏବଂ ଭାରି ଅନୁଭବ ହୋଇପାରେ। ଏସବୁ ଖାଦ୍ୟ ଶରୀରକୁ କଷ୍ଟ ଅନୁଭବ ଦେଇଥାଏ ଏବଂ ନିଦ୍ରାଜନିତ ସମସ୍ୟା ସୃଷ୍ଟି କରିପାରେ।

**ମିଠାଯୁକ୍ତ ଖାଦ୍ୟ:** କେକ୍, ମିଠା, ଆଇସ୍କ୍ରିମ୍ ଏବଂ ଚିନିଯୁକ୍ତ ଖାଦ୍ୟ ଶୀଘ୍ର ରକ୍ତ ଶର୍କରା ସ୍ତରକୁ ବୃଦ୍ଧି କରେ। ଏହି ଚିନି ଦ୍ରୁତ ଗତିରେ ଆପଣଙ୍କ ଶରୀରକୁ ସକ୍ରିୟ କରିଥାଏ, ଯାହା ଶୋଇବାକୁ କଷ୍ଟକର କରିଥାଏ। ତେଣୁ ଶୋଇବା ପୂର୍ବରୁ ଏହି ସବୁ ଖାଆନ୍ତୁ ନାହିଁ।

**ଭଜା ଖାଦ୍ୟ:** ରାତିରେ ପନିର,ଛୋଲେ ଭଟୁରେ,ପିଜା,ବର୍ଗର କିମ୍ବା ଭାରି ଭଜା ଖାଦ୍ୟ ଖାଇବା ଦ୍ୱାରା ପେଟରେ ଭାରୀ ଅନୁଭବ ହୋଇପାରେ। ହଜମ ପ୍ରକ୍ରିୟା ଧୀର ହୋଇଯାଏ ଏବଂ ଶରୀର ଶୋଇବା ସମୟରେ ମଧ୍ୟ ଖାଦ୍ୟ ପ୍ରକ୍ରିୟାକରଣ ଜାରି ରଖେ।ଏହା ଗଭୀର ନିଦକୁ ବାଧା ଦିଏ। ତେଣୁ ଶୋଇବା ପୂର୍ବରୁ ଏହି ସବୁ ଖାଆନ୍ତୁ ନାହିଁ।



# କୋଲେଷ୍ଟେରଲ୍‌ର ରାମବାଣ ଗ୍ରୀନ୍ କଫି



ଗ୍ରୀନ୍ ଟି' ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ ଗ୍ରୀନ୍ କଫି ବିଷୟରେ ଜାଣନ୍ତି କି ? ଗ୍ରୀନ୍ କଫି ଶରୀର ପାଇଁ ଖୁବ୍ ଲାଭଦାୟକ। ଏଥିରେ ଅଧିକ ମାତ୍ରାର ଆଣ୍ଟିଅକ୍ସିଡାଣ୍ଟ ରହିଥିବା ବେଳେ କ୍ୟାଫିନ୍ ପ୍ରାୟତଃ ନଥାଏ। ଗ୍ରୀନ୍ କଫି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ସାମାନ୍ୟ ରହିଥାଏ। ଗ୍ରୀନ୍ ଟି' ପିଇବା ଦ୍ୱାରା ଆହୁରି ଅନେକ ପ୍ରକାରର ଫାଇଦା ମିଳିଥାଏ। ଶୀତଦିନେ ପ୍ରାୟ ଲୋକ ଶରୀରକୁ ଗରମ ରଖିବା ପାଇଁ କଫି ପିଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଆବଶ୍ୟକଠାରୁ ଅଧିକ କଫି ପିଇବା ଶରୀର ପାଇଁ କ୍ଷତିକାରକ ହୋଇପାରେ। କାରଣ ଏଥିରେ ବହୁ ମାତ୍ରାରେ କ୍ୟାଫିନ୍ ରହିଥାଏ, ଯାହା ଶରୀରକୁ ପ୍ରଭାବିତ କରିଥାଏ। କିନ୍ତୁ କଫି ପରିବର୍ତ୍ତେ ଗ୍ରୀନ୍ କଫି ପିଇପାରିବେ। ଏହା ଆଦୌ କ୍ଷତିକାରକ ନୁହେଁ। କାରଣ ଏହା ଆଣ୍ଟି-ଅକ୍ସିଡାଣ୍ଟରେ ଭରା ସାଙ୍ଗକୁ ଆଦୌ କ୍ୟାଫିନ୍ ନଥାଏ। ଏହାକୁ ଆପଣ ବାରମ୍ବାର ପିଇପାରିବେ। ଗ୍ରୀନ୍ କଫି ଆଣ୍ଟି ଅକ୍ସିଡାଣ୍ଟରେ ଭରା, ଯାହା ଆମ ଶରୀରକୁ ହାନିକାରକ ପ୍ରଭାବରୁ ରକ୍ଷା କରିଥାଏ। ଏଥିରେ ପୋଟାସିୟମ୍ ଓ ସୋଡିୟମ୍ ମଧ୍ୟ କମ୍ ରହିଥାଏ, ଯାହା ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଖୁବ୍ ପ୍ରଭାବଶାଳୀ। ଗ୍ରୀନ୍ କଫି ପିଇବା ଦ୍ୱାରା ମଧୁମେହ ରୋଗୀଙ୍କ ରକ୍ତରେ ଶର୍କରା ସ୍ତର ସାମାନ୍ୟ ରହିଥାଏ। ସେହିପରି ଶରୀରର ପ୍ରଦାହକୁ ମଧ୍ୟ କମାଇଥାଏ। ତେଣୁ ମଧୁମେହ ରୋଗୀ ଏହାକୁ ଡାଏଟ୍ରେ ସାମିଲ୍ କରିପାରିବେ। ଗ୍ରୀନ୍ କଫିକୁ ଏନର୍ଜି ବୁଷ୍ଟର ବା ଶକ୍ତି ପ୍ରଦାନକାରୀ ମଧ୍ୟ କୁହାଯାଇପାରିବ। ଏହା ଶରୀରର ଥକ୍କାପଣ ଦୂର କରିବା ସହ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ। ଯେଉଁମାନଙ୍କଠାରେ କୋଲେଷ୍ଟେରଲ୍ ସମସ୍ୟା ରହିଥାଏ, ସେମାନଙ୍କ ପାଇଁ ଗ୍ରୀନ୍ କଫି ବରଦାନ। ଏହା ଶରୀରରୁ ଖରାପ କୋଲେଷ୍ଟେରଲ୍କୁ କମାଇବା ସହ ହୃଦୟକୁ ସୁସ୍ଥ ରଖିଥାଏ। ଗବେଷଣା ଅନୁସାରେ, ନିୟମିତ ଗ୍ରୀନ୍ କଫି ପିଇବା ଦ୍ୱାରା କୋଲେଷ୍ଟେରଲ୍ ସମସ୍ୟା ନିୟନ୍ତ୍ରିତ ରହିପାରିବ।

# କଳାହାଣ୍ଡିରେ ଦୂର ହେଉନି ଦାଦନ ଯନ୍ତ୍ରଣା

**କଳାହାଣ୍ଡି,୭।୬(ସଂଚାର ବ୍ୟୁରୋ)ଃ** ଭୋକର ଭୂଖଣ୍ଡ ଭାବେ ଦିନେ କଳାହାଣ୍ଡି ନିନ୍ଦିତ ହେଉଥିଲା । ଆଜି ସେହି ଜିଲ୍ଲା ଶସ୍ୟଶ୍ୟାମଳା। ଧାନ ଉତ୍ପାଦନରେ ରାଜ୍ୟର ଦ୍ୱିତୀୟ ଅଗ୍ରଣୀ ଜିଲ୍ଲା ଭାବେ ପରିଚିତ। ଦାଦନ ସମସ୍ୟା ଏବେ ବି କଳାହାଣ୍ଡିର ପିଛା ଛାଡୁନି। ସରକାରଙ୍କ ବିଭିନ୍ନ ଯୋଜନା ଓ ଦାଦନ ରୋକିବା ପାଇଁ ପ୍ରୟାସ ସତ୍ତ୍ୱେ ଜିଲ୍ଲାରୁ ପ୍ରତିବର୍ଷ ହଜାର ହଜାର ଶ୍ରମିକ ଜୀବିକା ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ପଳାୟନ କରୁଛନ୍ତି । ଏହାର ଫଳସ୍ୱରୂପ ଶୋଷଣ, ନିର୍ଯାତନା, ମୃତ୍ୟୁ ଓ ନିଖୋଜ ଘଟଣା ନିୟମିତ ସାମ୍ନାକୁ ଆସୁଛି। କେବଳ ଜୁନାଗଡ଼ ବ୍ଲକରେ ଗତ ମାସେ ମଧ୍ୟରେ ଦାଦନକୁ ନେଇ ୩ଟି ଗୁରୁତର ଘଟଣା ସାମ୍ନାକୁ ଆସିଛି । ଜଣେ ଶ୍ରମିକଙ୍କ ମୃତଦେହ ଘରକୁ ଫେରିଥିବା ବେଳେ ଗୋଟିଏ ପରିବାରକୁ ପ୍ରଶାସନ ଉଦ୍ଧାର କରିଛି। ବର୍ତ୍ତମାନ ଜଣେ ଶ୍ରମିକ ନିଖୋଜ ଥିବା ଘଟଣା ଚିନ୍ତା ବଢ଼ାଇଛି।





ଜୁନାଗଡ଼ ବ୍ଲକ ନକଟିଗୁଡ଼ା ଗାନ୍ଧୀନଗର ପଡ଼ାର ଭୂମିଧର ମାଝୀ । ଗତ ମେ ୧୧ ତାରିଖରେ ଗ୍ରାମର ଅନ୍ୟ ୨ ଜଣଙ୍କ ସହ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ମେ ୧୮ ତାରିଖରୁ ସେ ନିଖୋଜ ଥିବା ନେଇ ତାଙ୍କ ବିଧବା ବୃଦ୍ଧା ମା' ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନିଖୋଜର ୧୮ ଦିନରୁ ଅଧିକ ସମୟ ବିତିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ପୁଅର ସନ୍ଧାନ ପାଇଁ ବୃଦ୍ଧା ମା'ଙ୍କ ଆକୁଳ ନିବେଦନ ସ୍ଥାନୀୟ ଅଞ୍ଚଳରେ ଭାବବିହ୍ୱଳ ପରିସ୍ଥିତି ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଜୁନାଗଡ଼ ବ୍ଲକ ଚିଲଗୁଡ଼ା ଗ୍ରାମର ବୈଷ୍ଣବ ରଣା କାମ କରିବା ପାଇଁ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଗତ ମେ ମାସ ୨୭ତାରିଖରେ ତାଙ୍କ ମରଶରୀର ଗାଁକୁ ଆସିଥିଲା ଏହି ଘଟଣା ପରିବାର ଓ ଅଞ୍ଚଳବାସୀଙ୍କୁ ଶୋକରେ ଭାଙ୍ଗି ଦେଇଥିଲା। ସେହିପରି ପରିଆ ଗାଁର ତାରିଣୀ ମାଝୀଙ୍କ ପରିବାର ତେଲେଙ୍ଗାନାକୁ ଦାଦନ ଖଟିବାକୁ ଯାଇ ଦାଦନ ସର୍ଦ୍ଦାରଙ୍କ ନିର୍ଯାତନାର ଶିକାର ହୋଇଥିଲେ। ପରେ ଏକ ଭିଡିଓ ସାମାଜିକ ଗଣମାଧମରେ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଘଟଣା ଗଣମାଧମରେ ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଗତ ମେ ୩୦ ତାରିଖରେ ପରିବାରକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଏହି କ୍ରମାଗତ ଘଟଣାଗୁଡ଼ିକ ପୁଣିଥରେ କଳାହାଣ୍ଡିର ଦାଦନ ସମସ୍ୟାକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆଣିଛି।

ଏକଦା ଦାରିଦ୍ର୍ୟର ପ୍ରତୀକ ଭାବେ ପରିଚିତ କଳାହାଣ୍ଡି ଆଜି କୃଷି ଓ ଜଳସେଚନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ ମଧ ଦାଦନ ଦୁଃଖ କମିପାରୁନାହିଁ। ଗ୍ରାମାଞ୍ଚଳରେ ସ୍ଥାୟୀ ରୋଜଗାରର ଅଭାବ, ଦାରିଦ୍ର୍ୟ, ଋଣ ବୋଝ ଓ ଦାଦନ ସର୍ଦ୍ଦାରଙ୍କ ସକ୍ରିୟ ନେଟୱାର୍କ ଏହାର ପ୍ରମୁଖ କାରଣ ବୋଲି ସାମାଜିକ କର୍ମୀମାନେ ମତ ଦେଇଛନ୍ତି।

ପ୍ରକାଶ ଯେ, ୧୯୮୦ ଦଶକରେ ଭୋକର ଯନ୍ତ୍ରଣାରେ ମାନବ ବିକ୍ରି ଘଟଣା ଯୋଗୁଁ ଦେଶବ୍ୟାପୀ ଚର୍ଚ୍ଚାରେ ରହିଥିବା କଳାହାଣ୍ଡି ଆଜି ଭାତହାଣ୍ଡିରେ ପରିଣତ ହୋଇଛି। କିନ୍ତୁ ଦାଦନ ରାକ୍ଷସର କବଳରୁ ଜିଲ୍ଲା ମୁକ୍ତ ହୋଇପାରିନଥିବାରୁ ବିକାଶର ଦାବି ଉପରେ ପ୍ରଶ୍ନ ଉଠିଛି।

## ଅନୁସୂଚିତ ଜାତି, ଜନଜାତି ମୁରବୀଙ୍କ ସହ ସାଂସଦଙ୍କ ଆଲୋଚନା



**ମାର୍ଶାଘାଇ,୭।୬(ସଂଚାର ବ୍ୟୁରୋ)ଃ**ମାର୍ଶାଘାଇ ଜଳସମ୍ପଦ ବିଭାଗ ଡାକ ବଙ୍ଗଳା ଠାରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମାର୍ଶାଘାଇ ଅଂଚଳର ଅନୁସୂଚିତ ଜାତି ଏବଂ ଜନଜାତିର ମୁରବୀମାନଙ୍କ ସହିତ ଆଲୋଚନା କରିଥିଲେ । କେନ୍ଦ୍ର ସରକାର ଏବଂ ରାଜ୍ୟସରକାର ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକମାନଙ୍କ ପାଇଁ ଅନେକ ସୁବିଧା ସୁଯୋଗ ଦେଉଛନ୍ତି ତାହାକୁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସହଜରେ ପହଂଚାଇବା ପାଇଁ ସମସ୍ତ ଛାମୁଆଁ ସଂଗଠକଙ୍କ ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ସାଧାରଣ ସମ୍ପାଦିକା ପ୍ରତିମା ନାୟକ, ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସମ୍ପାଦକ ପ୍ରଶାନ୍ତ କୁମାର ସେଠୀ, ଦଳିତ ନେତା ପ୍ରଦୀପ ସେଠୀ ପ୍ରମୁଖ ମଂଚାସୀନ ଥିଲେ ।କେନ୍ଦ୍ରାପଡ଼ା ଜିଲ୍ଲା କୈବର୍ତ୍ତ ସଙ୍ଘ ନେତା ରଂଜନ କୁମାର ବେହେରା, ଦଶିପୁର ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଗୋପୀନାଥ ବେହେରା, ଦୁମୁକା ପଞ୍ଚାୟତ ଯୁବଦଳିତ ନେତା ବବିନ ମଳିକ, ରାଜକିଶୋର ମହାପାତ୍ର, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା ବିଳମ୍ବକୁ ନେଇ ଅସନ୍ତୋଷ

**କେନ୍ଦ୍ରାପଡ଼ା,୭।୬(ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ପଦୋନ୍ନତି (ପ୍ରମୋଶନ) ପ୍ରକ୍ରିୟାରେ ହେଉଥିବା ବିଳମ୍ବକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଶିକ୍ଷକ ସଂଘ ପକ୍ଷରୁ ମହାକାଳପଡ଼ା ବିଧାୟକଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇ ପଦୋନ୍ନତି ପ୍ରକ୍ରିୟାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ହସ୍ତକ୍ଷେପ ଲୋଡ଼ାଯାଇଛି।

ଶିକ୍ଷକମାନଙ୍କ କହିବା ଅନୁଯାୟୀ, ଗତ ମେ ୧୮ ତାରିଖରେ ଡାଇରେକ୍ଟର, ଏଲିମେଣ୍ଟାରି ଏଜୁକେସନ, ଓଡ଼ିଶାଙ୍କ ପକ୍ଷରୁ ମେମୋ ନଂ-୯୬୭୩ ଜାରି କରାଯାଇ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଏବଂ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ପ୍ରାଥମିକ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ସମ୍ପର୍କିତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଅଭିଯୋଗ ହେଉଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଏପର୍ଯ୍ୟନ୍ତ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଶିକ୍ଷକ ସଂଘର ଅଭିଯୋଗ ଅନୁସାରେ, ଜିଲ୍ଲା ଶିକ୍ଷା ଅଧିକାରୀ କେବଳ ଉକ୍ତ ନିର୍ଦ୍ଦେଶନାମାକୁ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକୁ ପ୍ରେରଣ କରିଥିବାବେଳେ ପଦୋନ୍ନତି ପ୍ରକ୍ରିୟାକୁ ନେଇ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିନାହାନ୍ତି। ସଂଘ ପକ୍ଷରୁ ବାରମ୍ବାର ଅନୁରୋଧ ଏବଂ ଅବଗତ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସକାରାତ୍ମକ ଫଳାଫଳ ମିଳିନଥିବା ଶିକ୍ଷକମାନେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଶିକ୍ଷକ ସଂଘର ପ୍ରତିନିଧିମାନେ ମହାକାଳପଡ଼ା ବିଧାୟକଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବିଧାୟକ ଏହି ପ୍ରସଙ୍ଗରେ ଆବଶ୍ୟକ ହସ୍ତକ୍ଷେପ କରି ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଜିଲ୍ଲାର ହଜାର ହଜାର ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦୀର୍ଘଦିନର ଏହି ଦାବି ଶୀଘ୍ର ପୂରଣ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ଶିକ୍ଷକମାନେ। ସେମାନେ ପ୍ରଶାସନକୁ ଶୀଘ୍ର ପଦୋନ୍ନତି ପ୍ରକ୍ରିୟା ସମ୍ପନ୍ନ କରିବାକୁ ଦାବି କରିଛନ୍ତି।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ମହାକାଳପଡ଼ା,୭।୬(ସଂଚାର ବ୍ୟୁରୋ)ଃ** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡକୁଳ ପଞ୍ଚାୟତର ଆଶ୍ରମ-ବାଲିକୁଦାସ୍ଥିତ ନାରାୟଣ ନୋଡାଲ ବିଦ୍ୟାପୀଠ ଆଶ୍ରମ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର.ଆୟର, ମହାକାଳପଡ଼ାର ଭାରା ପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟ ଓ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଦଳାଇ ପ୍ରମୁଖ ଉପସ୍ଥିତ ରହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ବିଦ୍ୟାଳୟ ନିର୍ମାଣ ଶେଷ ହେଲେ ବାଲିକୁଦା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଶହ ଶହ ଛାତ୍ରଛାତ୍ରୀ ଗୁଣାତ୍ମକ ପ୍ରାଥମିକ ଶିକ୍ଷାର ସୁବିଧା ପାଇପାରିବେ। ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ ବ୍ୟକ୍ତିତ୍ୱ ସ୍ୱର୍ଗତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ଏହି ବିଦ୍ୟାଳୟ ଆଦର୍ଶ ଶିକ୍ଷାଦାନର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିଉଠିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବହୁ ଶିକ୍ଷାବିତ୍, ଗଣମାନ୍ୟ ବ୍ୟକ୍ତି, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଗ୍ରାମାଞ୍ଚଳର ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ଏକ ପବିତ୍ର ମନ୍ଦିର ହେବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ପ୍ରିୟଶ୍ଲୋକ ଆର୍ଯ୍ୟ ଟ୍ରଷ୍ଟର ବାର୍ଷିକୋତ୍ସବ



**କେନ୍ଦ୍ରାପଡ଼ା, ୭।୬ (ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡା ଜିଲ୍ଲା ପ୍ରିୟଶ୍ଲୋକ ଆର୍ଯ୍ୟ ଫାଉଣ୍ଡେସନ୍ ଟ୍ରଷ୍ଟର ୫ମ ବାର୍ଷିକ ଉତ୍ସବ କୋରୁଆ ସ୍ଥିତ ପଲ୍ଲିଶ୍ରୀ ମହିଳା ସମିତିର କମଲାବେନ୍ ମେହେଟ୍ଟା କନ୍ୟାଶ୍ରମ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ଲଳିତେନ୍ଦୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି କେନ୍ଦ୍ରାପଡା ଏସ୍ ଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ା, ମୁଖ୍ୟ ବକ୍ତା ପଣ୍ଡିତ ହୃଷିକେଶ ରଥ, ସମ୍ମାନୀତ ଅତିଥି ପାରାଦ୍ୱୀପ ବନ୍ଦର ନିର୍ମାଣ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଯୋଗଦେଇ ସ୍ୱର୍ଗତ ପ୍ରିୟଶ୍ଲୋକ ଆର୍ଯ୍ୟଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଟ୍ରଷ୍ଟର ସାମଜିକ କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ । ଏହି ଅବସରେ ଟ୍ରଷ୍ଟ ତରଫରୁ କୋରୁଆ ସ୍ଥିତ ପଲ୍ଲିଶ୍ରୀ କନ୍ୟାଶ୍ରମର ଅନ୍ତେବାସୀ କନ୍ୟାମାନଙ୍କୁ ପାଠ୍ୟପୁସ୍ତକ, ବେଡସିଟ୍, ଥଣ୍ଡାପାନୀୟ,ବିଭିନ୍ନ ଖାଦ୍ୟ ଉପକରଣ ପ୍ରଦାନ କରାଯାଇଥିଲା । କନ୍ୟାଶ୍ରମର ଅନ୍ତେବାସିନୀ ମାନେ ଚମତ୍କାର ନୃତ୍ୟ ତଥା ସଙ୍ଗୀତ ପରିବେଶଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଟ୍ରଷ୍ଟି ଶୁଭ୍ରାଂଶୁ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍ୱର୍ଗତ ପ୍ରିୟଶ୍ଲୋକ ଆର୍ଯ୍ୟଙ୍କର ପିତାମାତା, ମାମୁଁ, ତଥା ସହପାଠୀ ସୂର୍ଯ୍ୟନାରାୟଣ ଦାସ, ଶ୍ରୀକାନ୍ତ ଗ୍ରହାଚାର୍ଯ୍ୟ, ବିବେକାନନ୍ଦ ଆଚାର୍ଯ୍ୟ, ମାନସ ମହାପାତ୍ର, ବଳରାମ ପରିଡା, ରାଜେଶ ମହାନ୍ତି, ଦେବାଶିଷ୍ ମିଶ୍ର, ପ୍ରଭାତ ବାରିକ, ଆଲୋକ ସେଠୀ ଓ ବଳଦେବ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୃସିଂହ ତ୍ରିପାଠୀ, ସାମ୍ବାଦିକ ପରେଶ ଦାସ ଆଦି ଯୋଗଦେଇଥିଲେ । ଟ୍ରଷ୍ଟି ଶୁଭ୍ରାଂଶ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସମାଜସେବୀ ଶ୍ରୀକାନ୍ତ ନାୟକ, ପ୍ରମୋଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଯାଜପୁରରେ ଶିକ୍ଷା ବିପ୍ଳବର ଶୁଭାରମ୍ଭ

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ୧୨ ବିଦ୍ୟାଳୟ ସାମିଲ

**ଯାଜପୁର,୭।୬(ସଂଚାର ବ୍ୟୁରୋ)ଃ** ଯାଜପୁର ଜିଲ୍ଲାର ଶିକ୍ଷା କ୍ଷେତ୍ର ପାଇଁ ରବିବାର ଏକ ଐତିହାସିକ ଦିନ ସାବ୍ୟସ୍ତ ହୋଇଛି। ରାଜ୍ୟ ସରକାରଙ୍କ ମହତ୍ତ୍ୱାକାକ୍ଷୀ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଯାଜପୁର ଜିଲ୍ଲାର ୧୨ଟି ବିଦ୍ୟାଳୟ ସାମିଲ ହୋଇଥିବାବେଳେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଦାନଗଦୀ ବ୍ଲକର ଯଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି।



ଏହି ଅବସରରେ ଯାଜପୁର ସାଂସଦଙ୍କ ପ୍ରତିନିଧି ମାନସ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ କହିଥିଲେ ଯେ, ଶିକ୍ଷାର ଉନ୍ନତି ବିନା ଉନ୍ନତ ସମାଜ ଗଠନ ସମ୍ଭବ ନୁହେଁ। ସରକାରଙ୍କ ଏହି ପଦକ୍ଷେପ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ସହରାଞ୍ଚଳ ଭଳି ଆଧୁନିକ ଶିକ୍ଷା ସୁବିଧା ଯୋଗାଇବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଚଳିତ ପର୍ଯ୍ୟାୟରେ ବଡ଼ଚଣା, ଦାନଗଦୀ ଓ ସୁକିନ୍ଦା ବ୍ଲକର ମୋଟ ୧୨ଟି ବିଦ୍ୟାଳୟ ଏହି ଯୋଜନାରେ ସାମିଲ ହୋଇଛି। ଏହା ମାଧ୍ୟମରେ ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଶ୍ରେଣୀଗୃହ, ସ୍ମାର୍ଟ କ୍ଲାସରୁମ୍, ଉନ୍ନତ ପାଠାଗାର, ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ, ଖେଳ ପଡ଼ିଆ ଏବଂ ଶିଶୁ-ଅନୁକୂଳ ଭିତ୍ତିଭୂମି ନିର୍ମାଣ କରାଯିବ। ଫଳରେ ହଜାର ହଜାର ଛାତ୍ରଛାତ୍ରୀ ସିଧାସଳଖ ଭାବେ ଉପକୃତ ହେବେ।

ଯଖପୁରାରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ, ଦାନଗଦୀ ବ୍ଲକ ଶିକ୍ଷାଧିକାରୀ ଶୁଭ୍ରାଂଶୁ ପୁହାଣ, ଶିକ୍ଷକ-ଶିକ୍ଷୟିତ୍ରୀ, ଜନପ୍ରତିନିଧି ଓ ବହୁ ସଂଖ୍ୟାରେ ଅଭିଭାବକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଯାଇଥିବାବେଳେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକ ଯାଜପୁରରେ ଶିକ୍ଷା ବିପ୍ଳବର ଶୁଭାରମ୍ଭ।

## ଚିତା ବାଘ ନା ବଣ ବିଲେଇ ?

**ଫଟୋ ଭାଇରାଲ**



**କାକଟପୁର/ଅସ୍ତରଙ୍ଗ,୭।୬(ସଂଚାର ବ୍ୟୁରୋ)ଃ** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ନଗର ଗ୍ରାମ ପଂଚାୟତ ରେ ଚିତା ବାଘ ବୁଲୁଛି!ହ୍ୱାଟ୍ସଆପ, ଫେସବୁକରେ ଗୋଟିଏ ଝାପ୍ସା ଫଟୋ ଭାଇରାଲ ହେବା ପରେ ଆଖ ପାଖ ୧୦ଖଣ୍ଡ ଗାଁରେ ଆତଙ୍କ ଖେଳିଯାଇଛି। ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରୁ ନାହାନ୍ତି। ହେଲେ ଏହା ସତ ରେ ଚିତା ବାଘ ନା ବଣ ବିଲେଇ, ହାଇନା ନା ଆଉ କିଛି। ଏ ଯାଏଁ ସ୍ପଷ୍ଟ ହୋଇନି। ଜଣେ ବ୍ୟକ୍ତି କହିଛନ୍ତି ରାତିରେ ଟର୍ଚ୍ଚ ମାରିଲା ବେଳେ ଦୂରରେ ଗୋଟିଏ ବଡ଼ ଜୀବ ଚାଲୁଥିଲା।ଚିତା ବାଘ ପରି ଦେହରେ ଦାଗ, ଭୟରେ ଦୌଡ଼ି ପଳାଇ ଆସିଲି। ଅନେକ ବ୍ୟକ୍ତି କହିଛନ୍ତି ସ୍ପଷ୍ଟ ପ୍ରମାଣ ବିନା ଗୁଜବ କୁ ବିଶ୍ୱାସ କରନ୍ତୁ ନାହିଁ। ବଣ ବିଲେଇ, ହାଇନା ବା ବଡ଼ କୁକୁର ବି ହୋଇପାରେ। ବନ ବିଭାଗ ଟିମ୍ ପହଂଚି ସ୍ପଷ୍ଟ ସୂଚନା ଦେଲେ ଲୋକେ ଭୟରୁ ମୁକ୍ତ ହେବେ। କିନ୍ତୁ ଏ ଫଟୋ ଦେଖି ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ କହିଛନ୍ତି ଏହା ହେଉଛି ମାଛ ରଙ୍କା ବିରାଡ଼ି।

## ପୁଲିସ ପକ୍ଷରୁ ସଚେତନତା ସାଇକେଲ ର୍ୟାଲି




**ମହାକାଳପଡ଼ା,୭।୬(ସଂଚାର ବ୍ୟୁରୋ)ଃ** ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନଶୈଳୀ ପ୍ରତି ସାଧାରଣ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ମହାକାଳପଡ଼ା ଥାନା ପକ୍ଷରୁ ବିଶ୍ୱ ସାଇକେଲ ଦିବସ ଉତ୍ସାହର ସହ ପାଳନ କରାଯାଇଛି। ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାଇକେଲ ରାଲି ମହାକାଳପଡ଼ା ପଡ଼ାରୁ ଆରମ୍ଭ ହୋଇ କଲେଜ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏହି ସଚେତନତା ଯାତ୍ରାରେ ସବ୍-ଇନ୍ସପେକ୍ଟର ତପସ୍ୱିନୀ ବିଶ୍ୱାଳ, ଏଏସଆଇ ଦଶରଥ ମହାରଣା, ବିଦ୍ୟାଧର ସ୍ୱାଇଁ, ପ୍ରଭାତ କୁମାର ରାଉତ, ଜ୍ଞାନରଞ୍ଜନ ସାମଲଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ସାଇକେଲ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟର ଉନ୍ନତି ସହ ପରିବେଶ ପ୍ରଦୂଷଣ ହ୍ରାସ ପାଇଥାଏ ବୋଲି ବାର୍ତ୍ତା ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ରାଲି ସମୟରେ ପୋଲିସ କର୍ମଚାରୀମାନେ "ସାଇକେଲ ଚଳାଅ, ପ୍ରଦୂଷଣ କମାଅ" ଭଳି ସ୍ଲୋଗାନ ଦେଇ ଲୋକଙ୍କୁ ପରିବେଶ ଅନୁକୂଳ ଯାତାୟାତ ପ୍ରତି ପ୍ରେରିତ କରିଥିଲେ।

## ବିଜେଡି ପକ୍ଷରୁ ସ୍ୱତନ୍ତ୍ର ସଂଘନ ସଂଶୋଧନ କର୍ମଶାଳା



**ଗରଦପୁର,୭।୬(ସଂଚାର ବ୍ୟୁରୋ)ଃ** ପାଟକୁରା ବିଜେଡି ପକ୍ଷରୁ ଗରଦପୁର ବ୍ଲକ କଳାବୁଦା ସ୍ଥିତ ମହାଲକ୍ଷ୍ମୀ ମଣ୍ଡପରେ ସ୍ୱତନ୍ତ୍ର ଭୋଟର ସଂଘନ ସଂଶୋଧନ ସମ୍ବନ୍ଧିୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ ବିଜେଡି ସଭାପତି ତଥା ପାଟକୁରା ବିଜେଡି ନେତା ରାଜେଶ୍ ଦାସ ଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ବିଜୁ ଜନତା ଦଳର ରାଜ୍ୟ ମୁଖପାତ୍ର ତୁମ୍ବନାଥ ପଣ୍ଡା ଯୋଗଦେଇ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟକୁରା ବାସୀଙ୍କୁ ଦେଇଥିବା ବାର୍ତ୍ତା ଗଣତନ୍ତ୍ରରେ ଭୋଟର ଭାଇ ଭଉଣୀ ମାନଙ୍କର ଅଧିକାର ଓ ସୁରକ୍ଷା ସର୍ବୋପରି ଓ ପାଟକୁରା ବାସୀ ବିଜେଡି ସହିତ ରହିବା ପାଇଁ ନିବେଦନ କରିଛନ୍ତି ବୋଲି ପଠନ କରିଥିଲେ। ଏହାଛଡା ତାଙ୍କ ବକ୍ତବ୍ୟରେ ବିଜେଡିର ପ୍ରତ୍ୟେକ ବୁଥ୍ ସ୍ତରରେ ନିଯୁକ୍ତ ହୋଇଥିବା ଏଜେଣ୍ଟ ମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଶାସକ ବିଜେପି ଯେଉଁଭଳି ଭାବେ ପକ୍ଷପାତିତା କରି ବିଭିନ୍ନ ଆଳ ଦେଖାଇ ଅନ୍ୟ ଦଳର ଭୋଟର କୁ ତାଲିକାଭୁକ୍ତ ନକରିବା ସହ ବିଶେଷକରି ବିଜୁଜନତା ଦଳ ଭୋଟର ମାନେ କିଭଳି ଅଳ୍ପସଂଖ୍ୟକ ଭାବେ ପଞ୍ଜିକୃତ ହୋଇ ପାରିବେ ସେଥିପାଇଁ ଶାସକ ଦଳ ପ୍ରୟାସ କରୁଛି । ତେଣୁ ବିଜେଡି ର ବିଏଲେଏ ମାନେ ଜାଗ୍ରତ ରହିବା ପାଇଁ ନିବେଦନ କରିଥିଲେ।

ଏହି ପ୍ରଶିକ୍ଷଣ କର୍ମଶାଳାରେ ବିଜୁ ଜନତା ଦଳ ର ଜିଲ୍ଲା ସଭାପତି ଶିବପ୍ରସାଦ ଭଳ ଯୋଗଦେଇ ଏସ,ଆଇ,ଆର ପ୍ରକ୍ରିୟା ରେ ଯେଭଳି ନିଜର ଏବଂ ନିଜ ପରିବାରର ନାମ ଭୋଟର ତାଲିକା ରେ ସୁରକ୍ଷିତ ବା ବଜାୟ ରହିବ ସେ ବିଷୟରେ ଆଲୋଚନା ରଖିଥଲେ । ଏହାବ୍ୟତୀତ ଭୋଟର ତାଲିକା ର ପୁନଃ ଯାଞ୍ଚ, ମୃତ ଏବଂ ସ୍ଥାନାନ୍ତରିତ ଭୋଟର ଙ୍କୁ ବାଦ ଦେବା ସହିତ ନୂତନ ଭୋଟର ଙ୍କୁ ଯୋଡିବାରେ ବୁଥ୍ ସ୍ତରୀୟ ପ୍ରତିନିଧି ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ, ଏଣୁ ବିଜେଡି ତରଫରୁ ପ୍ରତ୍ୟେକ ବୁଥ୍ ର ଏଜେଣ୍ଟ ମାନେ ଏହି ସଂଶୋଧନ ପ୍ରକ୍ରିୟା ଉପରେ କଡା ନଜର ରଖିବାକୁ ଦଳର ନେତା ନବୀନ ପଟ୍ଟନାୟକ ଦେଇଥିବା ନିର୍ଦ୍ଦେଶ କୁ ସମସ୍ତ ଏଜେଣ୍ଟ ଗୁରୁତ୍ୱ ର ସହ ପାଳନ କରିବା ପାଇଁ କହିଥିଲେ । ଏହି କର୍ମଶାଳାରେ ଗରଦପୁର ବ୍ଲକ ର ୧୨୩ ଓ ମାର୍ଶାଘାଇ ବ୍ଲକ ର ୩୯ଟି ବୁଥ୍ ର ପ୍ରତିନିଧି ମାନେ ଏହି କର୍ମଶାଳାରେ ଭାଗନେଇ ଥିଲେ।

## ଜବରଦଖଲ ସରକାରୀ କ୍ୱାର୍ଟର୍ସରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

**ସୁବର୍ଣ୍ଣପୁର,୭।୬(ସଂଚାର ବ୍ୟୁରୋ)ଃ** ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ସହ ଏକ ୧୨ ଜଣିଆ ଉଚ୍ଚ ସ୍ତରୀୟ ପ୍ରାଶାସନିକ ଅଧିକାରୀ ଦଳ ସହରର ବିଭିନ୍ନ ସ୍ଥାନରେ ଥିବା ଜବର ଦଖଲ ସରକାରୀ କ୍ୱାଟର ଗୁଡ଼ିକୁ ହଠାତ୍ ପରିଦର୍ଶନ କରି ଚିହ୍ନଟ କରିଛନ୍ତି । ବିନା ଏଲଟ ମେଣ୍ଟ ରେ ରହୁଥିବା ତଥା ଦୀର୍ଘ ବର୍ଷରୁ ଅନ୍ୟତ୍ର ବଦଳି ହୋଇଥିବା ସତ୍ତ୍ୱେ ଘର ଛାଡ଼ି ନ ଥିବା ଓ ଘର ଭଡ଼ା ଦେଉ ନଥିବା ଏଭଳି ଅନେକ ଗୁଡିଏ ଜବର ଦଖଲ ସରକାରୀ ଘର ଗୁଡିକୁ ତୁରନ୍ତ ଖାଲି କରିବାକୁ ଓ ଏହାର ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଶାସନିକ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ । ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ସମେତ ଏଡିଏମ ରାଜେନ୍ଦ୍ର ମାଝୀ, ଏଡିଏମ ଅଞ୍ଜଳିନା ପଧାନ, ଉପ ଜିଲ୍ଲାପାଳ ଡ଼ ସୌମ୍ୟରୂପା ରଥ, ସୋନପୁର ବିଡିଓ ପ୍ରତୀକ କର, ଦୁଇ ଜଣ ଡେପୁଟି କଲେକ୍ଟର, ଦୁଇ ଜଣ ଆସିଷ୍ଟାଣ୍ଟ କଲେକ୍ଟର, ଏମର୍ଜେନ୍ସି ଅଫିସର୍, ସ୍ଥାନୀୟ ତହସିଲଦାର, ଆରଆଇ ପ୍ରମୁଖ ୧୨ ଜଣିଆ ପ୍ରଶାସନିକ ଅଧିକାରୀ ଟିମ ସକାଳ ୭ ଟା ରୁ ୯.୩୦ ଯାଏ ସହରର ମହାବୀର କଲୋନୀ, କ୍ଲଷ୍ଟର କ୍ୱାର୍ଟରସ୍, ବ୍ଲକ୍ କଲୋନୀ କ୍ଲଷ୍ଟର କ୍ୱାଟର ଓ ବିଭିନ୍ନ କଲୋନୀ ପରିଦର୍ଶନ କରି ଜବର ଦଖଲ କାରୀ କର୍ମଚାରୀ ଓ ଅଫିସରଙ୍କୁ ତାଗିଦ କରିଥିଲେ । ଜିଲ୍ଲାପାଳ ଙ୍କ ସହିତ ଆଜିର ଏଇ ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ଆକ୍ସନ ମୁଡ୍ କୁ ଦେଖି ଜବର ଦଖଲକାରୀ ସରକାରୀ କର୍ମଚାରୀ ଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଦେଖାଯାଇଛି ।

### ସରିଗଲା ମହୋତ୍ସବ, ଛାଡ଼ିଗଲା ସ୍ମୃତି

## ନାଟ୍ୟ ମହୋତ୍ସବ ଉଦ୍‌ଯାପିତଃ ସମ୍ବର୍ଦ୍ଧିତ ହେଲେ ୬୮ କଳାକାର

**ବାରିପଦା,୭।୬(ସଂଚାର ବ୍ୟୁରୋ)ଃ** ସରିଗଲା ମହୋତ୍ସବ ଛାଡିଗଲା ସ୍ମୃତି। କଳାକାରଙ୍କ ସୁନ୍ଦର ଅଭିନୟ ଦର୍ଶକ ଙ୍କ ମନରେ ଅଭୁଲା ହୋଇ ରହିଗଲା । ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଆୟୋଜିତ ୬ ଦିନିଆ ନାଟ୍ୟ ମହୋତ୍ସବ ସଫଳତାର ସହ ଉଦଯାପିତ ହୋଇଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ପରିବେଷିତ ଉଚ୍ଚକୋଟିର ନାଟକ ଦେଖିବା ପାଇଁ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ ।



ଏହି ଉଦଯାପନୀ ସମାରୋହ ଅବସରରେ ଆଜି ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାର ତରଫରୁ ନାଟ୍ୟ ମହୋତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ ନାଟ୍ୟସଂସ୍ଥାର ମୋଟ ୬୮ ଜଣ ଅଭିନେତା ଓ ଅଭିନେତ୍ରୀଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ତତସହିତ ସମସ୍ତ ନାଟକର ମଞ୍ଚ ପରିଚାଳକଙ୍କ ସମେତ ପ୍ରତ୍ୟେକ ଦିନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ପରିବାରର ସର୍ବକନିଷ୍ଠ ସଦସ୍ୟ ଆୟୁଷ କୁମାର ଗିରିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇ ଉତ୍ସାହିତ କରାଯାଇଥିଲା। ପରବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଅସିତ କୁମାର ଗିରି, ବରିଷ୍ଠ ଉପଦେଷ୍ଟା ତଥା ପ୍ରତିଷ୍ଠିତ ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ଉପ ସଭାପତି ଅନ୍ନଦା ଶଙ୍କର ଦାଶ ଓ ଡଃ ପ୍ରକାଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହି କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ନାଟକକୁ ବଞ୍ଚାଇରଖିବା ପାଇଁ ସୁଚିନ୍ତିତ ମତ ପୋଷଣ କରିଥିଲେ ।

ପ୍ରକାଶ ଥାଉକି ଏହି ମହୋତ୍ସବରେ ବହୁ ଯୁବ ଅଭିନେତା ଓ ଅଭିନେତ୍ରୀ ପ୍ରଥମ ଥର ପାଇଁ ମଞ୍ଚରେ ପାଦଦେଇ ବେଶ ଉଚ୍ଚମାନର ଅଭିନୟ କରିଥିଲେ ବୋଲି ବରିଷ୍ଠ ସଦସ୍ୟ ମାନେ ପ୍ରକାଶ କରିଛନ୍ତି। ସହ ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଗ୍ୟାସ ସାଙ୍ଗେ ସବୁ ମହଙ୍ଗା**

## ପେଟ ପୋଷିବା ପାଇଁ ସଂଘର୍ଷ କରୁଛି ଦୋକାନୀ ପରିବାର

**କାକଟପୁର/ଅସ୍ତରଙ୍ଗ,୭।୬(ସଂଚାର ବ୍ୟୁରୋ)ଃ** ରନ୍ଧନ ଗ୍ୟାସ ଦର ଆକାଶଛୁଆଁ ହେବା ପରେ କେବଳ ରୋଷେଇ ଘର ନୁହେଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ହେଉ କୁ ଗ୍ରାମାଞ୍ଚଳ ରେ ଛୋଟ ଛୋଟ ଜଳଖିଆ ଦୋକାନ ଉପରେ ବି ପଡିଛି ସିଧା ପ୍ରଭାବ। ଗୋଟିଏ ପଟେ ତେଲ, ଡାଲି, ପିଆଜ ଠାରୁ ଆରମ୍ଭ କରି ପ୍ରତିଟି ସଉଦା ଦର ବୃଦ୍ଧି, ଅନ୍ୟ ପଟେ ଗ୍ୟାସ ସିଲିଣ୍ଡର ଦରରେ ଲଗାତାର ବୃଦ୍ଧି ମଧ୍ୟବିତ୍ତ ପରିବାର ସହ ପେଟପାଟଣା ପାଇଁ ଜଳଖିଆ ଦୋକାନ କରି ଚଳୁଥିବା ସହ ସହ ପରିବାରଙ୍କ ଚିନ୍ତା ବଢ଼ାଇ ଦେଇଛି।



ଅସ୍ତରଙ୍ଗ ବଜାର ଅଞ୍ଚଳର ଗୃହିଣୀ ଶକୁନ୍ତଳା ଦାସ କୁହନ୍ତି, ପୂର୍ବରୁ ଗୋଟେ ସିଲିଣ୍ଡର ୨ମାସ ଚଳୁଥିଲା, ଏବେ ୯୮୦ଟଙ୍କା ଦେଲେ ବି ମାସେ ଯାଉନି। ଦରମା ଅଥବା ସ୍ୱାମୀର ରୋଜଗାର ସମାନ କିନ୍ତୁ ଖର୍ଚ୍ଚ ଦୁଇଗୁଣ। ପ୍ରତ୍ୟେକ ଦିନ ପିଲାଙ୍କ ଟିଫିନ ସାମଗ୍ରୀ କମାଇବାକୁ ପଡୁଛି। ଯାହାକି ମଧ୍ୟବିତ୍ତ ଙ୍କ ବଜେଟ ବିଗିଡି ଗଲାଣି। ଅସ୍ତରଙ୍ଗ ବଜାର ରେ ଦୀର୍ଘ ୧୫ବର୍ଷ ରୁ ଉର୍ଦ୍ଧ ହେବ ବରା -ପିଆଜି ଦୋକାନ କରିଥିବା ରମେଶ ସାହୁ କହିବା କଥା "ଦିନକୁ ୨ଟା ସିଲିଣ୍ଡର ଲାଗେ। କିଛି ଦିନ ପୂର୍ବେ ଦର ବୃଦ୍ଧି ପାଇବାରୁ ଆମେ ଗ୍ୟାସ ୩ହଜାର ରୁ ଅଧିକ ଦାମ୍ ରେ କିଣୁ। କିନ୍ତୁ ପୁନର୍ବାର ଦର ବୃଦ୍ଧି ଚିନ୍ତାରେ ପକାଇଛି। ତେଲ, ବେସନ, ଆଳୁ ଦର ବି ବଢ଼ିଛି। କିନ୍ତୁ ଗୋଟିଏ ପ୍ଲେଟ ବରା ର ଦାମ୍ ୫ଟଙ୍କା ବଢ଼ାଇଲେ ଗ୍ରାହକ ଆସିବେନି। ଯାହାକି ପୂର୍ବ ଅପେକ୍ଷା ଜଳଖିଆ ଦୋକାନୀ ଙ୍କ ଦୁଃଖ ଦୁଇ ଗୁଣା ହୋଇଛି।

ଚା ବ୍ୟବସାୟୀ ଶିବ କୁହନ୍ତି, ଆଗରୁ ୪ଶହ ରୁ ୫ଶହ ଟଙ୍କା ଲାଭ ହେଉଥିଲା। ଏବେ ଗ୍ୟାସ, ଚିନି, କ୍ଷୀର ଦର ବଢ଼ିଲା ପରେ ୨ଶହ ଟଙ୍କା ମିଳିବା କଷ୍ଟ। ପିଲାଙ୍କ ପାଠ ପଢା, ଔଷଧ ଖର୍ଚ୍ଚ ସବୁ ଏଇଥିରୁ। ଏ ନେଇ ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା କହିଛନ୍ତି ଗ୍ୟାସ ଦର ବୃଦ୍ଧିର ସିଧା ପ୍ରଭାବ ଖାଦ୍ୟ ସାମଗ୍ରୀ, ଉତ୍ପାଦନ ଓ ପରିବହନ ଉପରେ ପଡୁଛି। ହୋଟେଲ, ଠେଲା ଦୋକାନୀ ସେମାନଙ୍କ ଖର୍ଚ୍ଚ ଭରଣା ପାଇଁ ଜିନିଷ ଦାମ୍ ବଢ଼ାଇବାକୁ ବାଧ୍ୟ ହେଉଛନ୍ତି। ଶେଷରେ ବୋଝ ପଡୁଛି ସାଧାରଣ ଖାଉଟି ଉପରେ।ସରକାର ଛୋଟ ଦୋକାନୀ ଙ୍କ ପାଇଁ ସ୍ୱତନ୍ତ୍ର ଗ୍ୟାସ ସବସିଡ଼ି କିମ୍ବା କମର୍ଷିଆଲ ସିଲିଣ୍ଡର ଦର ନିୟନ୍ତ୍ରଣ କରିବାକୁ ଦାବୀ କରିଛନ୍ତି।

## ବାରମ୍ବାର ଦାବି ସତ୍ତ୍ୱେ ଗଢ଼ିଲାନି ମେମୁ ରେଳ

**ବୈଶିଙ୍ଗା,୭।୬(ସଂଚାର ବ୍ୟୁରୋ)ଃ** ମୟୁରଭଞ୍ଜ ଜିଲାବାସୀ ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାରଙ୍କ ଶାସନ ଚାଲିଥିବା ବେଳେ ଓ ସରକାର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ହେଁ ଜିଲାର ରେଳ ବିକାଶ କ୍ଷେତ୍ରରେ ବାରମ୍ବାର ଅବହେଳା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହେଉଛି। ବାଙ୍ଗାରିପୋଷିରୁ ବାଲେଶ୍ୱର ଦେଇ ନୀଳଗିରିକୁ ଏକ ମେମୁ ରେଳ ଚଳାଚଳ ପାଇଁ ଜିଲ୍ଲାବାସୀଙ୍କ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିକଟରେ ପୂର୍ବରୁ ଦାବି କରାଯାଇଥିଲେ ହେଁ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ଯାତ୍ରୀମାନେ କମ ଅର୍ଥରେ ରେଳରେ ଯିବାରୁ ବଞ୍ଚିତ ହୋଇ ଅଧିକ ଅର୍ଥ ଦେଇ ବସରେ ଯିବାକୁ ବାଧ୍ୟ ହେଉଛନ୍ତି। ଗତ କରୋନା ସମୟରୁ ବାଙ୍ଗାରିପୋଷିରୁ ୦୮୦୧୧ ନଂ ମେମୁ ରେଳ ଦୁଇଥର ପରିବର୍ତ୍ତେ ଗୋଟିଏ ଥର ବାଲେଶ୍ୱର ଯାଉଥିବାରୁ ଜନ ଅସନ୍ତୋଷ ସୃଷ୍ଟି ହେଉଛି।